

ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ଗୁରୁବାର ୨୨ ଜାନୁଆରୀ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 22 JANUARY 2026
Vol.No. 36 ■ No.21 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଖୁବ୍ ଶୀଘ୍ର ପ୍ରକାଶ ପାଇବ

ସାଗରିକା

(ନୂଆବର୍ଷ ସଂଖ୍ୟା)
ଡିଜିଟାଲ୍ ଫର୍ମାଟରେ
ମଧ୍ୟ ଉପଲବ୍ଧ...
website : sagarika.in.net


# ଚାବାହାର ବନ୍ଦର ନେଇ ଆମେରିକାକୁ ଇରାନର କଡ଼ା ଜବାବ : ଭାରତ ସହିତ ସମ୍ପର୍କ ଅତୁଟ



ନୂଆଦିଲ୍ଲୀ,୨୧/୧ : ଇରାନ ଓ ଆମେରିକା ମଧ୍ୟରେ ଜାରି ରହିଥିବା ଉତ୍ତେଜନା ମଧ୍ୟରେ ଚାବାହାର ବନ୍ଦରରେ ଭାରତର ଗୁରୁତ୍ୱପୂର୍ଣ୍ଣ ନିବେଶକୁ ନେଇ କଳ୍ପନାଜଳ୍ପନା ବୃଦ୍ଧି ହୋଇଛି। ଚାବାହାର ବନ୍ଦର ଉପରେ ଆମେରିକାର ପ୍ରତିବନ୍ଧକରୁ ଛାଡ୍ ଆସନ୍ତା ଏପ୍ରିଲ ୨୬ ତାରିଖରେ ଶେଷ ହେବାକୁ ଯାଉଛି। ଯଦି ଆମେରିକା ଛାଡ୍‌କୁ ବୃଦ୍ଧି ନ କରେ, ତେବେ ଭାରତୀୟ ନିବେଶ ବିପଦରେ ପଡ଼ିପାରେ। ତଥାପି, ଭାରତ କହିଛି ଯେ, ଚାବାହାର ବନ୍ଦରରେ ନିଜର ସ୍ୱାର୍ଥକୁ ସୁରକ୍ଷା ଦେବା ପାଇଁ ଆମେରିକା ସହିତ ଯୋଗାଯୋଗ କରାଯାଉଛି। ଏହି ସମୟରେ, ଜଣେ ବରିଷ୍ଠ ଇରାନୀ ଅଧିକାରୀ ଭାରତ ସହିତ ସମ୍ପର୍କକୁ ଅତୁଟ ବୋଲି ବର୍ଣ୍ଣନା କରିଛନ୍ତି, କେହି ଇରାନ ଓ ଭାରତ ମଧ୍ୟରେ ସମ୍ପର୍କକୁ କ୍ଷତି ପହଞ୍ଚାଇ ପାରିବେ ନାହିଁ। ଇରାନର ଜାତୀୟ ସୁରକ୍ଷା କମିସନର ସଦସ୍ୟ ସାଲାର ଭେଲାୟତମାଦ୍ଦର ଚାବାହାର ବନ୍ଦରକୁ ଭାରତ-ଇରାନ ସମ୍ପର୍କରେ ଏକ ପ୍ରମୁଖ ସ୍ତମ୍ଭ ଭାବରେ ବର୍ଣ୍ଣନା କରିଛନ୍ତି। ସେ ବିଶ୍ୱରେ ଅସ୍ଥିରତା ବିସ୍ତାର କରୁଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବିରୋଧରେ ଅଭିଯୋଗ ଆଣିଛନ୍ତି। ସେ କହିଛନ୍ତି,ବିଶ୍ୱର ପରିସ୍ଥିତି ଭଲ ନୁହେଁ। ଆମେରିକା ରାଷ୍ଟ୍ରପତିଙ୍କ କାର୍ଯ୍ୟ ସମ୍ପୂର୍ଣ୍ଣ ମର୍ଯ୍ୟାଦାଜନକ ନୁହେଁ। ସେ ପ୍ରତ୍ୟେକ ଦେଶରେ ଅଶାନ୍ତି ସୃଷ୍ଟି କରୁଛନ୍ତି। ଫଳରେ ଦେଶଗୁଡ଼ିକ ଅସ୍ଥିରତାର ସମ୍ମୁଖୀନ ହେଉଛନ୍ତି। ସେମାନଙ୍କ ମଧ୍ୟରେ ଆମର ବନ୍ଧୁ ଦେଶ ଭାରତ ରହିଛି। ଇରାନ ଅଧିକାରୀ ଭେଲାୟତମାଦ୍ଦର ଭାରତ ସହିତ ଇରାନର ଐତିହାସିକ ସମ୍ପର୍କକୁ ଉଲ୍ଲେଖ କରି କହିଛନ୍ତି ଯେ, ଦୁଇ ଦେଶ ଭାଷା, ସଂସ୍କୃତି ଓ ପରମ୍ପରାରେ ସମାନତା ରହିଛି। ଭାରତ ଓ ଇରାନ ମଧ୍ୟରେ ଥିବା ଦୃଢ଼ ସମ୍ପର୍କକୁ କେହି କ୍ଷତି ପହଞ୍ଚାଇ ପାରିବେ ନାହିଁ। ଆମର ପାରସ୍ପରିକ ସ୍ୱାର୍ଥକୁ ସୁରକ୍ଷିତ ରଖିବା ପାଇଁ ଆମେ ଚାବାହାରରେ ଭାରତର ନିବେଶ ଚୁକ୍ତିନାମାକୁ ଚୂଡ଼ାନ୍ତ କରିଛୁ ଚାବାହାର ବନ୍ଦରରେ ନିବେଶକୁ ସୁରକ୍ଷିତ ରଖିବା ସମ୍ପର୍କରେ ଭାରତର ସାମ୍ପ୍ରତିକ ବିବୃତି ସମ୍ପର୍କରେ, ଇରାନ ଜାତୀୟ ସୁରକ୍ଷା କମିସନର ଜଣେ ସଦସ୍ୟ କହିଛନ୍ତି ଯେ, ଭାରତର ସ୍ଥିତି ଯୁକ୍ତିଯୁକ୍ତ। ଭାରତୀୟ ଅଧିକାରୀମାନେ ବୁଝନ୍ତି ଯେ, ଶତ୍ରୁ ଓ ପ୍ରତିଦ୍ୱନ୍ଦ୍ୱୀଙ୍କ ଉତ୍ତେଜନାମୂଳକ କାର୍ଯ୍ୟ ଏହି ସହଭାଗୀତାକୁ ପ୍ରଭାବିତ କରିବା ଉଚିତ ନୁହେଁ। ଆମ ଦୃଷ୍ଟିରୁ କିଛି ମଧ୍ୟ ପରିବର୍ତ୍ତନ ହୋଇନାହିଁ। ଇରାନରେ ସାମ୍ପ୍ରତିକ ପ୍ରତିବାଦ ଏକ ବିଦେଶୀ ଷଡ଼ଯନ୍ତ୍ର । ଏବେ ଇରାନରେ ସୁରକ୍ଷା ଓ ସ୍ୱାଭାବିକତା ଫେରି ଆସିଥିବା ସେ କହିଛନ୍ତି। ଇରାନର ଏହି ବିବୃତି ଏପରି ଏକ ସମୟରେ ଆସିଛି ଯେତେବେଳେ ପ୍ରତିବାଦ ପରେ ତେହେରାନ ଓ ୱାସିଂଟନ ମଧ୍ୟରେ ବୟାନବାଜି ତୀବ୍ର ହୋଇଛି। ଉଭୟ ପରସ୍ପର ବିରୋଧରେ କଡ଼ା ମନ୍ତବ୍ୟ ଦେଉଛନ୍ତି। ତେହେରାନ ଧମକ ଦେଇଛି, ଯଦି କୌଣସି ହାତ ଆଗକୁ ବଢ଼େ ତେବେ ତାକୁ କାଟି ଦିଆଯିବ। ଯେତେବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି , ଯଦି ତାଙ୍କୁ ହତ୍ୟା କରିବାକୁ କୌଣସି ପ୍ରୟାସ କରାଯାଏ, ତେବେ ଇରାନକୁ ପୃଥିବୀ ପୃଷ୍ଠରୁ ପୋଛି ଦିଆଯିବ।

# ବେଆଇନ ଖଣି ଖନନ ମାମଲାର ସିବିଆଇ ତଦନ୍ତ ମାମଲାକୁ ଗୁରୁତର ସହ ନେଲେ ହାଇକୋର୍ଟ



ଭୁବନେଶ୍ୱର, ୨୧/୧ (ନି.ପ୍ର): ଚୋରି ପରେ ପୁଣି ସିନାଚୋରି , ଦୀର୍ଘ ବର୍ଷ ହେଲା ଟିକସ ଫାଙ୍କି ଚାଲିଛନ୍ତି ଖଣି ଲିଜଧାରୀ । ବେଆଇନ ଭାବେ ଖଣି ବି ଖୋଳି ଲୁଟୁଛନ୍ତି । ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ମଧ୍ୟ ଖାତିର ନାହିଁ । କିନ୍ତୁ ସରକାର ସେମାନଙ୍କ ବିରୋଧରେ ଯେମିତି କାର୍ଯ୍ୟାନୁଷ୍ଠାନ ନେବା କଥା ନେଉନାହାନ୍ତି। ଫାଇନ୍ ବି ଆଦାୟ ହେଉନି। ଏହାକୁ ନେଇ ହାଇକୋର୍ଟରେ ହୋଇଥିବା ଏକ ଜନସ୍ୱାର୍ଥ ମାମଲାର ଶୁଣାଣି କରି ରାଜ୍ୟ ସରକାରଙ୍କୁ ଜବାବ ତଲବ କରିଛନ୍ତି ଖଣ୍ଡପୀଠ । ୧୨ବର୍ଷ ତଳେ ଆଇନକୁ ମୋଡି ମକଚି ଶହ ଶହ କୋଟି ଟଙ୍କାର ଖଣିଜ ସମ୍ପଦ ଲୁଟ କରିଥିଲେ କିଛି ଖଣି ଲିଜଧାରୀ। ମାମଲାର ଶୁଣାଣି କରି ସୁପ୍ରିମକୋର୍ଟ ଖଣି ଲିଜଧାରୀଙ୍କ ଠାରୁ ଫାଇନ ଆଦାୟ ପାଇଁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ସରକାରଙ୍କ ନୀରବତା ଯୋଗୁଁ ଠକିଥିବା ଖଣି ଲିଜଧାରୀ ୨୭ଶହ କୋଟିରୁ ଅଧିକ ଟଙ୍କା ଏପର୍ଯ୍ୟନ୍ତ ଦେଇ ନାହାନ୍ତି। ଅନ୍ୟପଟେ ବେଆଇନ ଖଣି ଖନନ ବନ୍ଦ ହେଉନି। ଯାହାର ସିବିଆଇ ତଦନ୍ତ ଦାବିରେ ଦାୟର ଏକ ମାମଲାକୁ ଗୁରୁତ୍ୱର ସହ ନେଇଛନ୍ତି ହାଇକୋର୍ଟ। ଏହି ପ୍ରସଙ୍ଗରେ ସତ୍ୟପାଠ ମାଧ୍ୟମରେ ଦୁଇ ସପ୍ତାହ ଭିତରେ ଜବାବ ଦାଖଲ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ଶ୍ରୀମନ୍ଦିରକୁ ବୋମା ପକାଇ ଉଡ଼ାଇ ଦେବାକୁ ଧମକ



ପୁରୀ, ୨୧/୧ (ନି.ପ୍ର): ବୋମାରେ ଉଡାଇବାକୁ ଧମକ ଖବରକୁ ନେଇ ସାରାରାଜ୍ୟରେ ହଟଚମଟ । କିଏ ଓ କାହିଁକି ଏଭଳି ମେସେଜ୍ ଦେଉଛି ତାହା ସ୍ପଷ୍ଟ ହୋଇନଥିବାବେଳେ ଲୋକଙ୍କ ଭିତରେ ଭୟ ସୃଷ୍ଟି ହୋଇଛି। ମିଛ କହୁ କହୁ ଯଦି କେତେବେଳେ ସତ ହୋଇଯାଏ ତାହେଲେ କଣ ହେବ ସେ ନେଇ ଚିନ୍ତା ବଢ଼ିଛି। ଅନ୍ୟପଟେ ନିଜକୁ ଦକ୍ଷ ବୋଲି କହୁଥିବା ପୁଲିସ ବି ଦ୍ୱନ୍ଦ୍ୱରେ ପଡିଛି। କୋର୍ଟରେ ବୋମା ପ୍ରସଙ୍ଗକୁ ନେଇ ଯେତେବେଳେ କଟକରେ ବସିଥିଲା ବୈଠକ ସେତିକିବେଳେ ଆସିଥିଲା ପୁରୀ ଶ୍ରୀମନ୍ଦିରକୁ ଉଡାଇବା ପାଇଁ ଧମକ। ଶ୍ରୀମନ୍ଦିର, ଗ୍ରାଣ୍ଡ ସେଣ୍ଟର ସହ ସାଂସଦ ଶୁଭାଶିଷ ଖୁଣ୍ଟିଆଙ୍କୁ ଉଡାଇ ଦେବାକୁ ଫେସବୁକ ଆଇଡିରେ ଧମକ ପରେ ଖେଳି ଯାଇଥିଲା ଚାଂଚଲ୍ୟ। ତନାଘନା ଆରମ୍ଭ କରିଛି ପୁରୀ ପୁଲିସ୍। ଏକାଧିକ ସନ୍ଦିଗ୍ଧଙ୍କୁ ପଚରାଉଚରା କରିବା ସହ କିଏ ଆଇଡିକୁ ଅପରେଟ୍ କରୁଥିଲେ? କେଉଁଠୁ ହେଉଥିଲା ଅପଡେଟ୍? ଏସବୁରୁ ଯାଞ୍ଚ କରାଯାଉଛି। ଏଥିସହ ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି। ସୁରକ୍ଷା ବାହିନୀ ସମେତ ଏସଟିୟୁ ଓ ଫୋର୍ସ ମୁତୟନ କରାଯାଇଛି। ସେପଟେ ଧମକ ପରେ ପ୍ରଧାନମନ୍ତ୍ରୀ, ବାଚସ୍ପତି ଓ ଡିଜିଙ୍କୁ ସୁରକ୍ଷା ପାଇଁ ଚିଠି ଲେଖିଛନ୍ତି ସାଂସଦ ଶୁଭାଶିଷ୍ ଖୁଣ୍ଟିଆ। ଏଭଳି ଘଟଣାକୁ ନିନ୍ଦା କରିଛନ୍ତି ସେବାୟତ ।

# ନବୀନ ଦେଲେ ନୂଆ ମୁଖିଆ ଚୟନର ସଙ୍କେତ



ଭୁବନେଶ୍ୱର, ୨୧/୧ (ନି.ପ୍ର): ଯେଉଁ ସୁପ୍ରିମୋଙ୍କ ଗୋଟିଏ ଇଙ୍ଗିତରେ ଦିନେ ଦଳର ବଡ଼ବଡ଼ ମୁଣ୍ଡ ଗଡୁଥିଲା, ଆଜି ତାଙ୍କର ଅସହାୟ ସ୍ଥିତି ପଦାରେ ପଡ଼ିଛି । ବିଜେଡି ଇତିହାସରେ ବୋଧହୁଏ ପ୍ରଥମଥର ପାଇଁ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ନିଜେ ନିଜର ନିଷ୍ପତ୍ତିକୁ ଯଥାର୍ଥ ଦର୍ଶାଇବା ନିମନ୍ତେ ପ୍ରାୟ ୬ଦିନ ପରେ ସଫେଇ ଦେବାକୁ ବାଧ୍ୟ ହୋଇଛନ୍ତି । ବିଧାୟକ ଅରବିନ୍ଦ ମହାପାତ୍ରଙ୍କ ନିଲମ୍ବନ ନିଷ୍ପତ୍ତିକୁ ତୀବ୍ର ବିରୋଧ କରି ପାଟକୁରାରେ ଦଳୀୟ କର୍ମୀମାନଙ୍କ ଖୋଲାଖୋଲି ଚ୍ୟାଲେଞ୍ଜ ଓ ବରିଷ୍ଠ ନେତାମାନଙ୍କ ରହସ୍ୟମୟ ନିରବତାକୁ ଦେଖି ଶେଷରେ ୬ଦିନ ପରେ ନବୀନ ନିଜେ ମଇଦାନକୁ ଓହ୍ଲାଇ ସ୍ପଷ୍ଟୀକରଣ ରଖିବା ତାଙ୍କ ଦୁର୍ବଳ ନେତୃତ୍ୱର ସବୁଠୁ ବଡ଼ 'ସେଟବ୍ୟାକ୍' ବୋଲି ଚର୍ଚ୍ଚା ହେଉଛି । ଆଉ ଏସବୁ ମଧ୍ୟରେ 'ଆପଣମାନଙ୍କ ପାଇଁ ଜଣେ ଭଲ ମୁଖିଆ ନିଶ୍ଚୟ ଦେବି' ବୋଲି କହି ନବୀନ ପାଟକୁରା ପାଇଁ ମୁଖିଆ ଚୟନ କରିବେ

◆◆ପୃଷ୍ଠା ୭

# ପଞ୍ଚାୟତ ନିର୍ବାଚନ ପ୍ରକ୍ରିୟା ଅନୁସାରେ ହେବ: ପଞ୍ଚାୟତିରାଜ ମନ୍ତ୍ରୀ

ଭୁବନେଶ୍ୱର, ୨୧/୧ (ନି.ପ୍ର): ପଞ୍ଚାୟତ ନିର୍ବାଚନ ନେଇ ପଂଚାୟତିରାଜ ମନ୍ତ୍ରୀ ପ୍ରତିକ୍ରିୟା ରଖିଛନ୍ତି । ସେ କହିଛନ୍ତି ଯେ, ପଞ୍ଚାୟତ ନିର୍ବାଚନ ପ୍ରକ୍ରିୟା ଅନୁସାରେ ହେବ। ସରକାର ପ୍ରସ୍ତୁତ ଅଛନ୍ତି। ନିର୍ଦ୍ଧାରିତ ସମୟରେ ନିର୍ବାଚନ ହେବ। ସରକାର ତତ୍ପର ଅଛନ୍ତି।ବିଭାଗ ଏ ନେଇ କାମ ଆରମ୍ଭ କରିଛି। ଜନଗଣନା ସରିବା ପରେ ଚୁଡାନ୍ତ ଭାବେ ତଥ୍ୟ ପ୍ରଦାନ କରାଯିବ। ପଞ୍ଚାୟତ ପୁନର୍ଗଠନ ଆବଶ୍ୟକ ଅଛି। ବର୍ତ୍ତମାନ ଏହି ପ୍ରକ୍ରିୟା ସ୍ଥଗିତ ଅଛି। ନୂଆ ଜନଗଣନା ପରେ ପଞ୍ଚାୟତ ପୁନର୍ଗଠନ ନେଇ ପ୍ରକ୍ରିୟା ଆରମ୍ଭ ହେବ। ୨ ଥର ବିଭାଗର ବୈଠକ ସରିଛି। ବିଭିନ୍ନ ଅଭିଯୋଗ ପତ୍ର ଆସୁଛି। ନିଜ ଅଞ୍ଚଳର ସୀମା ନିର୍ଦ୍ଧାରଣ କରି ପ୍ରସ୍ତାବ ଦେଉଛନ୍ତି। ଏହାକୁ ବିଚାରକୁ ନିଆଯିବ ବୋଲି ରବି ନାୟକ କହିଛନ୍ତି।

# ଲୋକସଭା ବାଚସ୍ପତିଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ

ନୂଆଦିଲ୍ଲୀ,୨୧/୧ : ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ବୁଧବାର ଦିନ ୫ କାଳିଦାସ ମାର୍ଗ ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ବାସଭବନରେ ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ। ବିର୍ଲା ୮୬ତମ ଅଖିଳ ଭାରତୀୟ ଅଧକ୍ଷତା ଅଧିକାରୀ ସମ୍ମିଳନୀରେ ଅଂଶଗ୍ରହଣ କରିବା ପାଇଁ ଲକ୍ଷ୍ନୌରେ ଅଛନ୍ତି। ଦିଲ୍ଲୀ ବିଧାନସଭା ବାଚସ୍ପତି ବିଜେନ୍ଦର ଗୁପ୍ତା ଏବଂ ଉପବାଚସ୍ପତି ମୋହନ ସିଂହ ବିଷ୍ଟ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ବାସଭବନରେ ଯୋଗୀ ଆଦିତ୍ୟନାଥଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ।

# ଫେବୃୟାରୀ ୩ରେ ସାଧାରଣ ଲୋକଙ୍କ ପାଇଁ ଖୋଲିବ ରାଷ୍ଟ୍ରପତି ଭବନ

ନୂଆଦିଲ୍ଲୀ,୨୧/୧ : ରାଷ୍ଟ୍ରପତି ଭବନର ଅମୃତ ଉଦ୍ୟାନ ସାଧାରଣ ଜନତାଙ୍କ ପାଇଁ ୩ ଫେବୃଆରୀରୁ ୩୧ ମାର୍ଚ୍ଚ ପର୍ଯ୍ୟନ୍ତ ଖୋଲା ରହିବ। ସାଧାରଣ ଲୋକ ସପ୍ତାହରେ ଛଅ ଦିନ ସକାଳ ୧୦ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଉଦ୍ୟାନ ଦର୍ଶନ କରିପାରିବେ। ଶେଷ ପ୍ରବେଶ ସନ୍ଧ୍ୟା ୫ଟା ୧୫ ମିନିଟ୍ ପର୍ଯ୍ୟନ୍ତ ହେବ। ରକ୍ଷା-ସମ୍ଭାଳ ଦିବସ ହେତୁ ପ୍ରତ୍ୟେକ ସୋମବାର ଅମୃତ ଉଦ୍ୟାନ ବନ୍ଦ ରହିବ। ଏହାସହିତ ହୋଲି ଅବସରରେ ୪ ମାର୍ଚ୍ଚ ଦିନ ମଧ୍ୟ ଉଦ୍ୟାନ ବନ୍ଦ ରହିବ। ଆଜି ଜାରି ହୋଇଥିବା ରାଷ୍ଟ୍ରପତି ଭବନର ଆଧିକାରିକ ବିବୃତି ଅନୁସାରେ, ଅମୃତ ଉଦ୍ୟାନରେ ପ୍ରବେଶ ଏବଂ ବୁକିଂ ସମ୍ପୂର୍ଣ୍ଣ ନିଶୁଳ୍କ ରହିବ। ଆଗ୍ରହୀ ନାଗରିକମାନେ ରାଷ୍ଟ୍ରପତି ଭବନର ଔପଚାରିକ ୱେବସାଇଟରେ ଯାଇ ଅନଲାଇନ୍ ବୁକିଂ କରିପାରିବେ। ଏହା ସହିତ, ପୂର୍ବ ବୁକିଂ ବିନା ଆସୁଥିବା ପର୍ଯ୍ୟଟକମାନଙ୍କ ପାଇଁ ପ୍ରବେଶ ଦ୍ୱାର ନିକଟରେ ସ୍ୱୟଂ-ସେବା ଆଗନ୍ତୁକ ପଞ୍ଜିକରଣ କିଓସ୍କର ସୁବିଧା ମଧ୍ୟ ଉପଲବ୍ଧ ରହିବ। ସମସ୍ତ ଆଗନ୍ତୁକଙ୍କ ପ୍ରବେଶ ଏବଂ ପ୍ରସ୍ଥାନ ରାଷ୍ଟ୍ରପତି ଏଷ୍ଟେଟ୍‌ର ଗେଟ୍ ନମ୍ବର ୩୫ ମାଧ୍ୟମରେ ହେବ, ଯାହା ନର୍ଥ ଆଭେନ୍ୟୁ ଏବଂ ରାଷ୍ଟ୍ରପତି ଭବନ ନିକଟରେ ଅବସ୍ଥିତ।

# ଆତଙ୍କୀଙ୍କ ସିକ୍ରେଟ୍ କୋଡ୍ '୨୬-୨୬': ଆଇଏସଆଇର ବଡ଼ ଷଡ଼ଯନ୍ତ୍ର ପଣ୍ଡ



ନୂଆଦିଲ୍ଲୀ,୨୧/୧ : ପଣ୍ଡ ହେଲା ଆତଙ୍କୀଙ୍କ ବଡ଼ ଷଡ଼ଯନ୍ତ୍ର। ଟାର୍ଗେଟ୍ ଥିଲା ଜାନୁଆରୀ ୨୬ ତାରିଖ । ଗଣତନ୍ତ୍ର ଦିବସରେ ଭାରତରେ ଏକ ବଡ଼ ଆତଙ୍କୀ ଆକ୍ରମଣ ପାଇଁ ହୋଇଥିଲା ଯୋଜନା । ଦିଲ୍ଲୀ ସମେତ ଅନେକ ସମ୍ବେଦନଶୀଳ ଅଞ୍ଚଳରେ ବଡ଼ ଆକ୍ରମଣ ପାଇଁ ପୂରା ବ୍ଲୁପ୍ରିଣ୍ଟ ପ୍ରସ୍ତୁତ ସରିଥିଲା । ସୂଚନା ଅନୁଯାୟୀ, ପାକିସ୍ତାନର ଗୁଇନ୍ଦା ସଂସ୍ଥା, ଆଇଏସଆଇ ଏବଂ ଆତଙ୍କବାଦୀ ସଂଗଠନ ଜୈଶ-ଏ-ମହମ୍ମଦ ଏକ ବଡ଼ ଆକ୍ରମଣ ପ୍ଲାନ୍ କରିଥିଲେ । ଆଉ ଏହି ଷଡ଼ଯନ୍ତ୍ରର

◆◆ପୃଷ୍ଠା ୭

# ବାଂଲାଦେଶରେ ନିର୍ବାଚନ ପୂର୍ବରୁ ପୁଣି ହିନ୍ଦୁଙ୍କ ଉପରେ ଆକ୍ରମଣ ଆଶଙ୍କା ଘନେଇଲା : କୂଟନୀତିଜ୍ଞ ସ୍ତରରେ ପ୍ରମୁଖ ପଦକ୍ଷେପ ଗ୍ରହଣ





ନୂଆଦିଲ୍ଲୀ,୨୧/୧ : ବାଂଲାଦେଶରେ ଶେଖ ହସିନାଙ୍କ ସରକାରର ପତନ ପରଠାରୁ, ମହମ୍ମଦ ୟୁନୁସଙ୍କ ସରକାରରେ ହିନ୍ଦୁମାନଙ୍କ ଉପରେ ହିଂସା ଜାରି ରହିଛି । ବାଂଲାଦେଶରେ ଛାତ୍ର ପ୍ରତିବାଦ ସମୟରେ ଭାରତୀୟ ଦୂତାବାସକୁ ମଧ୍ୟ ଟାର୍ଗେଟ କରାଯାଇଥିଲା। ବାଂଲାଦେଶରେ ଫେବ୍ରୁଆରି ୧୨ରେ ନିର୍ବାଚନ ହେବାକୁ ଯାଉଛି। ନିର୍ବାଚନ ପୂର୍ବରୁ ବାଂଲାଦେଶରେ ରହୁଥିବା ହିନ୍ଦୁ ଏବଂ ଭାରତୀୟଙ୍କ ଉପରେ ଆକ୍ରମଣ ହେବାର ଭୟ ରହିଛି। ଏହି ସମ୍ଭାବ୍ୟ ଆକ୍ରମଣକୁ ଦୃଷ୍ଟିରେ ରଖି ଭାରତ ସରକାର ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ବାଂଲାଦେଶରେ ବାସ କରୁଥିବା ହିନ୍ଦୁ ଓ ଭାରତୀୟ ସ୍ଥାନଗୁଡ଼ିକରେ ହିଂସାର ଆଶଙ୍କା ମଧ୍ୟରେ , ଭାରତ ସରକାର ଦେଶରେ ଥିବା ଭାରତୀୟ କୂଟନୀତିଜ୍ଞ ଓ ଅଧିକାରୀଙ୍କ ପରିବାରକୁ ଭାରତ ଫେରିବାକୁ ପରାମର୍ଶ ଦେଇଛନ୍ତି। ଭାରତ ସରକାର ବାଂଲାଦେଶରେ ନିଜର କୂଟନୀତିଜ୍ଞଙ୍କ ପାଇଁ ଏକ ବିନା ପରିବାର ପୋଷ୍ଟିଂ କରିବାକୁ ନିଷ୍ପତ୍ତି ନେଇଛନ୍ତି। ବାଂଲାଦେଶରେ ଥିବା ମିଶନ ଓ ପୋଷ୍ଟ ଅଧିକାରୀଙ୍କ ଉପରେ ନିର୍ଭରଶୀଳମାନଙ୍କୁ ଘରକୁ ଫେରିବାକୁ ପରାମର୍ଶ ଦେଇଛି। ବରିଷ୍ଠ ଅଧିକାରୀଙ୍କ ଅନୁଯାୟୀ, ପଡ଼ୋଶୀ ଦେଶରେ ସାମ୍ପ୍ରଦାୟିକ ଘଟଣା ବୃଦ୍ଧି ପାଉଥିବାରୁ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ଏହି ପଦକ୍ଷେପ ନିଆଯାଇଛି। ଯାହା ସଂଖ୍ୟାଲଘୁଙ୍କ ସୁରକ୍ଷା ନେଇ ଚିନ୍ତା ବଢ଼ାଇଛି। ଗଣମାଧ୍ୟମ ରିପୋର୍ଟ ଅନୁସାରେ, ସତର୍କତାମୂଳକ ପଦକ୍ଷେପ ସ୍ୱରୂପ, ଉଚ୍ଚାୟୁକ୍ତ ଓ ଚାରି ଜଣ ସହାୟକ ଅଧିକାରୀଙ୍କୁ ଭାରତ ଫେରିଯିବାକୁ ପରାମର୍ଶ ଦିଆଯାଇଛି। ଗତ ମାସରେ ଚିଟାଗଙ୍ଗରେ ହୋଇଥିବା ବିରୋଧ ପ୍ରଦର୍ଶନ ପରେ ଭାରତ ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ଉଗ୍ରବାଦୀ ଓ ମୌଳବାଦୀ ତତ୍ତ୍ୱମାନଙ୍କଠାରୁ ଆସୁଥିବା ଧମକ କୂଟନୀତିଜ୍ଞ ଓ ସେମାନଙ୍କ ପରିବାରର ସୁରକ୍ଷା ନେଇ ଚିନ୍ତା ସୃଷ୍ଟି କରିଛି।




ସୈରିନ୍ଧ୍ରୀ ସାହୁଙ୍କ ଲିଖିତ ସପ୍ତମ ଗଳ୍ପ ପୁସ୍ତକ
ମହାଭାବ ଓ
ସାଗରିକା ର
ପାଠକାର୍ପଣ



ମହାଶୟ/ ମହାଶୟା,
'ସୁବର୍ଣ୍ଣଶ୍ରୀ ପ୍ରକାଶିନୀ' ଦ୍ୱାରା ପ୍ରକାଶିତ 'ଧ୍ୱନି ପ୍ରତିଧ୍ୱନି' ଓ 'ସାଗରିକା'ର ସମ୍ପାଦିକା **ସୈରିନ୍ଧ୍ରୀ ସାହୁ**ଙ୍କ ସପ୍ତମ ଗଳ୍ପ ସଂକଳନ **'ମହାଭାବ'** ଏବଂ **'ସାଗରିକା'**ନୂଆବର୍ଷ-(ଜାନୁଆରୀ-୨୦୨୬)ସଂଖ୍ୟାର ଶୁଭଉନ୍ମୋଚନ ଆସନ୍ତା **ତା ୨୫/୦୧/୨୦୨୬ରିଖ ରବିବାର ପୂର୍ବାହ୍ନ ୧୦ ଘଟିକା** ସମୟରେ ବାଲେଶ୍ୱର ବି.ସି ସେନ୍ ରୋଡ ସ୍ଥିତ **ହୋଟେଲ ଫାଣ୍ଟାସି**ର ସଭାଗୃହ (ମିଶନ ପଡ଼ିଆ ସାମନା)ରେ ଅନୁଷ୍ଠିତ ହେବ ।
ଉକ୍ତ ଉତ୍ସବରେ ପୌରୋହିତ୍ୟ କରିବେ
- ଆମର ଉପଦେଷ୍ଟା ପୂର୍ବତନ ମନ୍ତ୍ରୀ **ଶ୍ରୀଯୁକ୍ତ ରଘୁନାଥ ମହାନ୍ତି**

ଆମର ଅତିଥି
- **ଡ. ଶ୍ରୀଧର ସାମଲ,** ସଂପାଦକ 'ମୌସୁମୀ'
- **ଶ୍ରୀଯୁକ୍ତ କୁଳମଣି ବାରିକ,** ବରିଷ୍ଠ ସାମ୍ବାଦିକ
- **ଡ. ନାରାୟଣ ପଣ୍ଡା,** ବିଶିଷ୍ଟ ଲେଖକ
- **ଶ୍ରୀଯୁକ୍ତ ବନମାଳୀ ସେନାପତି,** ସମ୍ପାଦକ 'ପରାଗ'
- **ଡ. କାଳୀପଦ ପଣ୍ଡା,** ପ୍ରକାଶକ : ସୁବର୍ଣ୍ଣଶ୍ରୀ ପ୍ରକାଶିନୀ
- ଉତ୍ସବକୁ ସଂଯୋଜନା କରିବେ କବି **ମିତା ପଟ୍ଟନାୟକ**

ଏହି ସାରସ୍ୱତ ଉତ୍ସବରେ ଯୋଗଦେବା ନିମନ୍ତେ ଆପଣଙ୍କୁ ମୋର ସଶ୍ରଦ୍ଧ ନିମନ୍ତ୍ରଣ ।

ଆପଣଙ୍କ ଅପେକ୍ଷାରେ
ସୃଷ୍ଟିଧର ପରିଡା
ପରିଚାଳନା ସଂପାଦକ, ଧ୍ୱନି ପ୍ରତିଧ୍ୱନି ଓ ସାଗରିକା

# ଶିକ୍ଷକ ନିଯୁକ୍ତି ନେଇ ସ୍କୁଲ୍ ଫାଟକରେ ପଡ଼ିଲା ତାଲା : ତହସିଲଦାରଙ୍କ ଲିଖିତ ପ୍ରତିଶ୍ରୁତି ପରେ ଅନଶନ ପ୍ରତ୍ୟାହାର

ଜଳେଶ୍ୱର , ୨୧/୧ (ନି.ପ୍ର): ବାଲେଶ୍ୱର ଜିଲ୍ଲା କାଳିକ ଗ୍ରାମ ପଞ୍ଚାୟତର ହାତିଗର୍ଡ ସରକାରୀ ଉଚ୍ଚ ବିଦ୍ୟାଳୟରେ ସ୍ଥାୟୀ ଶିକ୍ଷକ ନିଯୁକ୍ତି ସାଙ୍ଗକୁ ବିଦ୍ୟାଳୟ ପରିସରରେ ପିଲାମାନଙ୍କର ଗଣେଷ ପୂଜା ଓ ସରସ୍ୱତୀ ପୂଜା ପାଳନ ନିମନ୍ତେ ମାନ୍ୟତା ପ୍ରଦାନ ଦାବିରେ ବିଦ୍ୟାଳୟ ପରିଚାଳନା କମିଟି ସାଙ୍ଗକୁ ଅଭିଭାବକ ଓ ସ୍ଥାନୀୟ ଗ୍ରାମବାସୀ ମାନେ ଏ ବାବଦରେ ବାରମ୍ବାର ଶିକ୍ଷା ବିଭାଗ ଠାରୁ ଆରମ୍ଭ କରି ମନ୍ତ୍ରୀ , ସାଂସଦ, ବିଧାୟକଙ୍କ ପାଖରେ ଦାବୀ ଜଣାଇଆସିଥିଲେ ସୁଦ୍ଧା ଆଜକୁ ୩୦ ବର୍ଷ ଧରି ବିଦ୍ୟାଳୟରେ ନୂତନ ଶିକ୍ଷକ ନିଯୁକ୍ତି ନକରିବା ହେତୁ ପିଲାମାନଙ୍କ ପାଠ ପଢାରେ ବ୍ୟାଘାତ ସୃଷ୍ଟି ହେବା ସହିତ ଏହି ବିଦ୍ୟାଳୟଟିର ସମ୍ପୂର୍ଣ୍ଣ ଭାବେ ସରକାରୀ ଅର୍ଥ ବିନିଯୋଗରେ ୫ ଟି ସ୍କୁଲରେ ରୂପାନ୍ତରିତ ସହିତ ଅନ୍ୟ ସମସ୍ତ ସରକାରୀ ସହାୟତାପିଲାମାନେ ପାଇଥିବା ସ୍ୱତ୍ତ୍ୱେ ଏହା ଏକ ମାନ୍ୟରିଟି ସ୍କୁଲ ଦର୍ଶାଇ ନୂଆଁ ଶିକ୍ଷକ ନିଯୁକ୍ତି ନ ଦେବା ଏହା ଜିଲ୍ଲା ଶିକ୍ଷା ବିଭାଗର ବ୍ୟମାତୃକ ମନୋଭାବ ପାଇଁ ବାଜିରେ ଲାଗିଛି ୧୮୫ ପିଲାଙ୍କୁ ଭବିଷ୍ୟତ ଯାହାକୁ ନେଇ ଆଜି ହତିଗଡ ଉଚ୍ଚ ବିଦ୍ୟାଳୟ ମୁଖ୍ୟ ଫାଟକରେ ତାଲା ପକାଇ ପିଲାମାନଙ୍କ ସହିତ ଅଭିଭାବକ ସ୍କୁଲ ପରିଚାଳନା କମିଟିର ସଦସ୍ୟ ବୃନ୍ଦ ତଥା ଗ୍ରାମବାସୀ ମାନଙ୍କ ମଧ୍ୟରେ ପ୍ରଫୁଲ୍ଲ ସୋର, ଚିତ୍ତରଞ୍ଜନ ବିଶ୍ୱାଳ, ବସନ୍ତ ସାମଲ, ସତ୍ୟରଞ୍ଜନ , ତରୁଣ ପଟ୍ଟନାୟକ, ଅଶୋକ ଦେହୁରୀ, ଅର୍ଜିତ ପାଳ, ଗୋପାଳ ଦେହୁରୀ, ଅଙ୍କିତା ଦାସ, ସୁନିଲ ଦାସ, କମଳାକାନ୍ତ ପାଳ, ଦେବେନ୍ଦ୍ର ସିଂ, ବଳରାମ ହାଁସଦା ପ୍ରମୁଖ ଅନେକ ଗ୍ରାମବାସୀ ଆମରଣ ଅନଶନରେ ବସିଥିଲେ ଯାହାକୁ ନେଇ ଜଳେଶ୍ୱର ଏସଡିପି ସୁବ୍ରତ କୁମାର ବେହେରା, ଜଳେଶ୍ୱର ଆଇ ଆଇ ସି ଅଶୋକ ବାରିକ୍, ଜଳେଶ୍ୱର ତହସିଲଦାର ସତ୍ୟେଜିତ ମହାନ୍ତି ଘଟଣା ସ୍ଥଳରେ ପହଞ୍ଚି ଅନଶନ କାରୀଙ୍କ ସହିତ ସମସ୍ୟା ସଂମ୍ପର୍କରେ ବୁଝି ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ସହିତ ଫୋନ୍ ଯୋଗେ ସମସ୍ୟା ସଂମ୍ପର୍କରେ ଆଲୋଚନା କରିବା ପରେ ସମାଧାନ ପାଇଁ ପ୍ରତିଶ୍ରୁତି ଦେବା ପରେ ଅନଶନ ପ୍ରତ୍ୟାହାର ହୋଇଥିଲା ।

# ବାର ବର୍ଷର ନ୍ୟାୟିକ ଲଢ଼େଇ ପରେ ନିଜ ଜାଗା ଫେରି ପାଇଲେ ମହିଳା

ରାୟଗଡା, ୨୧/୧ (ନି.ପ୍ର): ନିଜର ହକ ଜାଗାକୁ ଫେରି ପାଇବା ପାଇଁ ଦୀର୍ଘ ବାର ବର୍ଷର ନ୍ୟାୟିକ ଲଢ଼େଇ ଲଢ଼ିବାକୁ ପଡ଼ିଛି ଜଣେ ମହିଳାଙ୍କୁ। କୋଲନରା ବ୍ଲକ ଦୁନ୍ଦୁଲି ପଞ୍ଚାୟତ ତାଣ୍ଡିପୁର ଗ୍ରାମର ମାଳାଦେବୀ ସେନାପତିଙ୍କ ମାଲିକାନାରେ ଥିବା ବାସଜମିକୁ ସେହି ଗ୍ରାମର ଜଗନ୍ନାଥ ବେହେରା ଜବରଦଖଲ କରି ରଖିଥିଲେ। ଗ୍ରାମସଭା ଓ ଥାନାର ହସ୍ତକ୍ଷେପ ପରେ ମଧ ସେ ସେହି ଜାଗାରୁ ହଟିନଥିଲେ। ଏପରିକି ୨୦୧୦ ମସିହାରେ ଅଦାଲତ



ମାଳାଦେବୀଙ୍କ ସପକ୍ଷରେ ରାୟ ଦେଇ ଜବରଦଖଲ ହଟେଇବାକୁ ନିର୍ଦ୍ଦେଶ ଦେଇଥିଲେ ମଧ ଜଗନ୍ନାଥ ବେହେରା ଅଦାଲତଙ୍କ ନିର୍ଦ୍ଦେଶ ମାନି ନଥିଲେ ଏବଂ ବଳପୂର୍ବକ ସେହି ଜାଗାରେ ଏକ ପକ୍କା ଘର ତିଆରି କରିଥିଲେ।

ଏହା ବିରୁଦ୍ଧରେ ମାଳାଦେବୀ ପୁଣି ଥରେ ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। ଜିଲ୍ଲା ଜଜ ସତ୍ୟ ନାରାୟଣ ଷଡ଼ଙ୍ଗୀ ଏହି ମାମଲାର ଶୁଣାଣି କରି ଏହି ଜବରଦଖଲ ଜାଗାକୁ ତୁରନ୍ତ ଖାଲି କରିବା ପାଇଁ ଏକ ଆଦେଶ ଜାରି କରିଥିଲେ। ଚାନ୍ଦିଲି ପୁଲିସ ଏକ ପ୍ଲାଟୁନ ଫୋର୍ସ ସହ ବିବାଦୀୟ ସ୍ଥାନରେ ପହଞ୍ଚି ଜବରଦଖଲ ଉଚ୍ଛେଦ କରିଥିଲେ। କୋଲନରଓ ଅତିରିକ୍ତ ତହସିଲଦାର ଭବାନୀ ଶଙ୍କର ପ୍ରସାଦ ମିଶ୍ର ମାଜିଷ୍ଟ୍ରେଟ ଦାୟିତ୍ୱ ତୁଲାଇଥିଲେ। ଦୀର୍ଘ ବାର ବର୍ଷ ପରେ ନ୍ୟାୟ ପାଇଥିବାରୁ ମାଳାଦେବୀ ଅଦାଲତ ଓ ପୁଲିସ ପ୍ରଶାସନକୁ ଧନ୍ୟବାଦ ଜଣାଇଛନ୍ତି।

# ସୁକିନ୍ଦାରେ ପକ୍ଷୀ ଗଣନା: ବର୍ଷକରେ ଚଢ଼େଇ ସଂଖ୍ୟା ଅଧାରୁ ବି କମ୍

ସୁକିନ୍ଦା, ୨୧/୧ (ନି.ପ୍ର): କଟକ ବନଖଣ୍ଡ ସୁକିନ୍ଦା ରେଞ୍ଜ୍ ପକ୍ଷରୁ ୬ଟି ଜଳାଶୟ ଅଶୋକଝର, ଢୋଲପଥର, ଦଲକି, ଗିରିଙ୍ଗାମାଳି, ରୁଙ୍ଗୁରୁଙ୍ଗା ଓ ରଗଦା ଏବଂ ବ୍ରାହ୍ମଣୀ ନଦୀ ଓ ଏହାର ଉପନଦୀ ପାଣ୍ଡରାରେ ପକ୍ଷୀ ଗଣନା କରାଯାଇଛି। ଚଳିତବର୍ଷ ଏଠାରେ ପକ୍ଷୀ ସଂଖ୍ୟା ୭୯୫ ବୋଲି ବିଭାଗୀୟ ସୂଚନା ରହିଛି। ଏହା ମଧ୍ୟରେ ସର୍ବାଧିକ ୧୪୦ ଟି ବଗ, ୫୧ଟି କଜଳପାତି ଓ ସର୍ବନିମ୍ନ ୪ଟି ପାଣିକୁଆ ଅଛନ୍ତି। ଏଥିସହ ୫ ପ୍ରକାର ମାଛରଙ୍କା, ରାଜବଣି ସହ ୩ ପ୍ରକାର ବଣି, ସ୍ୱତନ୍ତ୍ର ବଦନପାଟିଆ ଖଞ୍ଜନ ସହ ୩ ପ୍ରଜାତିର ଖଞ୍ଜନ, ୨ ପ୍ରକାର କପୋତ, ସଲରି, ଚାତକ, ଡାମରା କାଉ, ସତିରା, ବାଉଁଶ ପତିରି, ମାଳିଆପକ୍ଷୀ, କାଠହଣା, ବୁଲବୁଲ, ରବିନ, ବତାସିଆ, ଟେଁଟେଁୟା ଓ ଭଦଭଦଳିଆକୁ ମିଶାଇ ମୋଟ ୨୬ ପ୍ରଜାତିର ଚଢ଼େଇ ଦେଖାଯାଇଥିଲେ। ଡିଏଫ୍‌ଓ ଅନିଲ କୁମାର ରାୟଙ୍କ



ନିର୍ଦ୍ଦେଶରେ ରେଞ୍ଜର ସତ୍ୟବ୍ରତ ପ୍ରଧାନଙ୍କ ତତ୍ତ୍ୱାବଧାନରେ ବନପାଳ ମନୋରମା ହୋତା, ରାମ ତିରିଆ ଓ ପ୍ରଶାନ୍ତ ହେମ୍ବ୍ରମ ଏବଂ ବନରକ୍ଷୀ ଗୌରାଙ୍ଗ ଜାରିକା, ସୋନାଲି ମାଝୀ, ଲଲାଟେନ୍ଦୁ କୁଅଁର ଓ କାଲାଇ ବାନସିଂଙ୍କୁ ନେଇ ୬ଟି ବନବାହିନୀ ବଡ଼ିଭୋରୁ ନିର୍ଦ୍ଧାରିତ ସ୍ଥାନରୁ ପକ୍ଷୀ ଗଣନା କରିଥିଲେ। ସୁକିନ୍ଦା ବନାଞ୍ଚଳରେ ଗତବର୍ଷ ପକ୍ଷୀ ଗଣନା ଆଧାରରେ ସଂଖ୍ୟା ୧୯ ଶହ ପାଖାପାଖି ଥିଲା। ବର୍ଷକରେ ପକ୍ଷୀ ସଂଖ୍ୟା ୫୨ ପ୍ରତିଶତ ହ୍ରାସ ପାଇବାକୁ ନେଇ ପ୍ରାଣୀପ୍ରେମୀ ଓ ପରିବେଶବିତ ମହଲରେ ବିସ୍ମୟର କାରଣ ହୋଇଛି। ଏ ସଂପର୍କରେ ରେଞ୍ଜର ଶ୍ରୀ ପ୍ରଧାନଙ୍କୁ ପଚାରିବାରେ ୨ ମାସ ପୂର୍ବରୁ ସେ ଏଠାରେ ଯୋଗ ଦେଇଥିବାରୁ ପୂର୍ବ ବର୍ଷର ଗଣନା ସଂପର୍କରେ ଅଧିକ କିଛି କହିପାରିବେନି ବୋଲି କହିଥିଲେ। ସୁକିନ୍ଦାର ପୂର୍ବତନ ରେଞ୍ଜର ତଥା ଭଦ୍ରକ ଡିଏଫ୍‌ଓ ସୌଭାଗ୍ୟ କୁମାର ସାହୁଙ୍କୁ ପଚାରିବାରେ ଜଳବାୟୁ ପରିବର୍ତ୍ତନ ଓ ଜଳଭଣ୍ଡାରର ବାସ୍ତବ ସ୍ଥିତି ପକ୍ଷୀହ୍ରାସର ୨ ପ୍ରମୁଖ କାରଣ ହୋଇଥାଇପାରେ ବୋଲି କହିଥିଲେ। ପକ୍ଷୀସଂଖ୍ୟା ଓ ପ୍ରଜାତି ଅହେତୁକ ହ୍ରାସକୁ ନେଇ ବନ୍ୟପ୍ରାଣୀ ବିଶାରଦ ଗ୍ରୋ ୱିଥ୍ ନେଚର ପ୍ରତିଷ୍ଠାତା ଗାୟତ୍ରୀ ଦେବୀ ଉଦ୍ ?ବେଗ ପ୍ରକାଶକରି ଏହାର ଅନୁସନ୍ଧାନ ଓ ଆନୁଷଙ୍ଗିକ ପଦକ୍ଷେପ ନିହାତି ଆବଶ୍ୟକ କହିଥିଲେ। ସେହିପରି କ୍ରୋମ୍ ଉପତ୍ୟକାରେ ଲଗାମ୍‌ଛଡ଼ା ଖଣି ଖନନ ଓ କଳିଙ୍ଗନଗର ଶିଳ୍ପାଞ୍ଚଳ ପାଇଁ ପ୍ରଦୂଷଣ ବଳୟରେ ଥିବା ସୁକିନ୍ଦା ବନାଞ୍ଚଳରେ ପ୍ରକୃତି ଓ ପକ୍ଷୀବଂଶ ପ୍ରଭାବିତ ହେବା ସ୍ୱାଭାବିକ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

# ବାର୍ଷିକ ଉତ୍ସବ ଅନୁଷ୍ଠିତ

ଜୟପୁର, ୨୧/୧ (ନି.ପ୍ର): ଜୟପୁର ସରକାରୀ ପୌର ଉଚ୍ଚ ବିଦ୍ୟାଳୟ-୨ ଚନ୍ଦନବାଡ଼ ଜୟପୁରର ବାର୍ଷିକ ଉତ୍ସବ ଆୟୋଜିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଲିପିକା ପାତ୍ରଙ୍କ ସଭାପତିତ୍ୱରେ ଅୟୋଜିତ କାର୍ଯ୍ୟକ୍ରମରେ ଜୟପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ଚନ୍ଦନ କୁମାର ନାୟକ ମୁଖ୍ୟଅତିଥି ରୂପେ ଯୋଗଦେଇ ଜାତୀୟ ଶିକ୍ଷା ନୀତିରେ ଶିକ୍ଷା ଦ୍ୱାରା ବଂଚିବାର କୌଶଳ ରହିଥିବା ବିଷୟକୁ ଉଲ୍ଲେଖ କରିବା ସହ ସେବାକାର୍ଯ୍ୟ କରିବାକୁ ଆହ୍ୱାନ କରିଥିଲେ। ପ୍ରାକ୍ତନ ପ୍ରଧାନ ଶିକ୍ଷକ କିଶୋର ଚନ୍ଦ୍ର ପଣ୍ଡା ସମ୍ମାନିତ ଅତିଥି ରୂପେ ଯୋଗଦେଇ ଜୀବନରେ ଶୃଙ୍ଖଳାକୁ ଅବୋରିବା ପାଇଁ ମତ ଦେଇଥିଲେ। ଗୋଟିଏ ମଂଚରେ ଗୁରୁ ଶିଷ୍ୟ ଅତିଥି ହୋଇ ବସିବା ମୋ ପାଇଁ ଗର୍ବର ବିଷୟ ବୋଲି ମଧ ଶ୍ରୀ ପଣ୍ଡା ମତବ୍ୟକ୍ତ କରିଥିଲେ। ଚନ୍ଦନବାଡ଼ ହାଇ ସ୍କୁଲ ଆଲୁମିନି ସଭାପତି ତଥା ସୁନାବେଢ଼ା ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଲକ୍ଷ୍ମୀକାନ୍ତ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହି ବିଦ୍ୟାଳୟର ଅତୀତର ଗୌରବମୟ ଇତିହାସ ସମ୍ବନ୍ଧରେ ମାର୍ଗଦର୍ଶନ କରିବା ସହ ମଣିଷପରି ମଣିଷଟିଏ ହେବା ପାଇଁ ଆହ୍ୱାନ କରିଥିଲେ।

# ସମ୍ବଲପୁର ବିଶ୍ୱବିଦ୍ୟାଳୟ ଛାତ୍ରାବାସରେ ଅଭାବନୀୟ: ବେକରେ ଗାମୁଛା ଲଗାଇ ଫ୍ୟାନରେ ଝୁଲି ପଡ଼ିଲେ ଛାତ୍ର




ବୁର୍ଲା, ୨୧/୧ (ନି.ପ୍ର): ସମ୍ବଲପୁରବିଶ୍ୱବିଦ୍ୟାଳୟର ବ୍ରହ୍ମପୁତ୍ର ଛାତ୍ରାବାସରେ ଜଣେ ଛାତ୍ର ବେକରେ ଗାମୁଛା ଲଗାଇ ଆତ୍ମହତ୍ୟା କରିଛନ୍ତି। ଛାତ୍ର ଜଣକ ହେଲେ ସ୍ନାତକୋତ୍ତର ଅର୍ଥନୀତି ବିଭାଗର ଦ୍ୱିତୀୟ ବର୍ଷର ଛାତ୍ର ସୂରଜ କୁଜୁର(୨୨)। ତାଙ୍କ ଘର ସୁନ୍ଦରଗଡ଼ ଜିଲ୍ଲା କୁତ୍ରାରେ। ବୁର୍ଲା ଥାନାରେ ଏକ ଅପମୃତ୍ୟୁ ମାମଲା(କେସ୍ ନଂ.୪୩/ ୨୦୨୬) ରୁଜୁ କରି ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ପଞ୍ଚାନାମା ପରେ ଶବ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ଛାତ୍ର ଜଣକ ଛାତ୍ରାବାସର ୫୨ ନଂ କୋଠରୀରେ ଏକ ରହୁଥିଲେ। ସ୍ୱଭାବରେ ଚୁପଚାପ ସ୍ୱଭାବର ହୋଇଥିବା ବେଳେ କିଛି ଦିନ ହେଲା ଅଧିକାଂଶ ସମୟ ମୌନ ରହୁଥିବା ଅନ୍ୟ ଛାତ୍ରଙ୍କଠାରୁ ଜଣାଯାଇଛି। ତାଙ୍କ ମୋବାଇଲର ଡିସପ୍ଲେ ଖରାପ ହୋଇଥିବାରୁ ମଙ୍ଗଳବାର ଅପରାହ୍ନ ଚାରିଟାରେ ଅନ୍ୟ କୋଠରୀକୁ ଯାଇ ଜଣେ ଛାତ୍ରଙ୍କ ମୋବାଇଲରୁ ଘରକୁ ଫୋନ କରିଥିଲେ। କଥାବାର୍ତ୍ତା ସମୟରେ ତାଙ୍କ ଭଉଣୀଙ୍କ ଏଥର ଘରକୁ ଆସିଲେ ଏକ ମୋବାଇଲ କିଣିଦେବେ ବୋଲି କହିଥିବା ପରିବାର ଲୋକଙ୍କଠାରୁ ଜଣାଯାଇଛି। ରାତ୍ରୀ ଭୋଜନ ପାଇଁ ସେ ନ ଆସିବାରୁ ଜଣେ ସାଙ୍ଗ ତାଙ୍କୁ ଡାକିବାକୁ ଯାଇଥିଲେ। ଆଗରୁ କବାଟ ସବୁବେଳେ ଖୋଲା ରହୁଥିବା ବେଳେ ଭିତରପଟରୁ କବାଟ ବନ୍ଦ ରହିଥିଲା। ଯେତେ ଡାକିଲେ ମଧ କେ?ଣସି ଉତ୍ତର ନମିଳିବାରୁ କବାଟର ଉପର ଅଂଶରେ ଥିବା ଫାଙ୍କ ଦେଇ ସେ ଫ୍ୟାନରେ ଝୁଲି ପଡ଼ିଥିବା ଦେଖାଯାଇଥିଲା। ବିଳମ୍ବିତ ରାତିରେ ପରିବାର ଲୋକଙ୍କୁ ଫୋନରେ ସୂଚନା ଦେବା ସହ ପୁଲିସକୁ ଖବର ଦିଆଯାଇଥିଲା। ବିଶ୍ୱବିଦ୍ୟାଳୟର କୁଳପତି, କୁଳସଚିବ, ସ୍ନାତକୋତ୍ତର ପରିଷଦ ଅଧକ୍ଷ ଓ ଛାତ୍ରବାସ ୱାର୍ଡେନ ଆସି ପହଞ୍ଚିଥିଲେ।

# ନାବାଳିକା ଦୁଷ୍କର୍ମୀକୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ, ରାୟ ଶୁଣାଇଲେ ପୋକ୍ସୋ ଫାଷ୍ଟଟ୍ରାକ୍ କୋର୍ଟ

ରାଉରକେଲା, ୨୧/୧ (ନି.ପ୍ର): ୨୦୨୧ ମସିହାରେ ସୁନ୍ଦରଗଡ଼ ଜିଲ୍ଲା ଟାଙ୍ଗରପାଲି ଥାନା ଅଞ୍ଚଳରେ ଏକ ନାବାଳିକା ଦୁଷ୍କର୍ମ ମାମଲାର ରାୟ ପ୍ରକାଶ ପାଇଛି। ୧୭ ଜଣ ସାକ୍ଷୀ ଓ ୪୩ଟି ଦସ୍ତାବେଜ୍ ଆଧାରରେ ଦୁଷ୍କର୍ମକାରୀକୁ ୨୦ ବର୍ଷ ଜେଲ୍‌ଦଣ୍ଡ ଶୁଣାଇଲେ ପୋକ୍ସୋ ଫାଷ୍ଟଟ୍ରାକ୍ କୋର୍ଟ ଜଜ୍ ପି. ସୂର୍ଯ୍ୟା ରାଓ। ଅଭିଯୁକ୍ତ ହେଲେ ଟାଙ୍ଗରପାଲି ଅଟୋ କଲୋନିର ଶଙ୍କର ସିଂ(୪୪)। ୨୦ ବର୍ଷ ଜେଲ୍ ଦଣ୍ଡ ସହ ୨ ଲକ୍ଷ ଟଙ୍କା ଜରିମାନା ଦେବାକୁ ମଧ କୋର୍ଟ ନିର୍ଦ୍ଦେଶ



ଦେଇଛନ୍ତି। ଜରିମାନା ଅନାଦେୟ ଅଧିକ ୨ ବର୍ଷ ଜେଲ୍‌ଦଣ୍ଡ ଶୁଣାଇଛନ୍ତି। ସରକାରଙ୍କ ତରଫରୁ ଅତିରିକ୍ତ ସରକାରୀ ଆଇନଜୀବୀ ଅମ୍ବିକା ପ୍ରସାଦ ସିଂ ଓ ଜିଲ୍ଲା ଅଭିଯୋଜନା ଉପନିର୍ଦ୍ଦେଶକ କହ୍ନେୟାଲାଲ ପ୍ରଧାନଙ୍କ ତତ୍ତ୍ୱାବଧାନରେ ମାମଲା ପରିଚାଳିତ ହୋଇଥିଲା। ସ୍ୱତନ୍ତ୍ର ସରକାରୀ ଆଇନଜୀବୀ ପ୍ରମୋଦ ଦେବତାଙ୍କ ପ୍ରଭାବଶାଳୀ ଆଇନଗତ ଉପସ୍ଥାପନା ଦୋଷୀକୁ ଦଣ୍ଡ ଦେବାରେ ସହାୟକ ହୋଇଥିଲା। ତଦନ୍ତକାରୀ ଅଧିକାରୀ ଜୟଶ୍ରୀ ଦାସଙ୍କ ସମ୍ବେଦନଶୀଳ ତଦନ୍ତ ମାମଲାକୁ ମଜଭୁତ କରିଥିବା ରାଉରକେଲା ପୁଲିସ ତରଫରୁ ସୂଚନା ଦିଆଯାଇଛି। ସୂଚନାନୁଯାୟୀ, ୨୦୨୧ ମସିହା ସେପଟ୍ମ୍ବେର ୧୧ ତାରିଖ ଦିନ ସକାଳେ ନାବାଳିକା ଘରେ ମା', ଜେଜେମା ଓ ଦାଦାସହ ଥିଲେ। ଦିନ ପ୍ରାୟ ୧୦ଟାବେଳେ ଉଭୟ କାମକୁ ଯାଇଥିଲେ। ଏହାର ସୁଯୋଗ ନେଇ ଅଭିଯୁକ୍ତ ଶଙ୍କର ଘରେ ପଶି ନାବାଳିକାଙ୍କୁ ଦୁଷ୍କର୍ମ କରିଥିଲା। ଏନେଇ ନାବାଳିକାଙ୍କ ମା' ଜାଣିବା ପରେ ଟାଙ୍ଗରପାଲି ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ ପରେ ଜେଲ୍ ପଠାଇଥିଲା। ଏହି ବିଚାରାଧୀନ ମାମଲାର ମଙ୍ଗଳବାର ରାୟ ପ୍ରକାଶ ପାଇଛି।

# ଇଗ୍ନୋ ବିଏଡ୍ ପାଠ୍ୟକ୍ରମର ଅଧିଗ୍ରହଣ ଉତ୍ସବ

ଜୟପୁର, ୨୧/୧ (ନି.ପ୍ର): ବିକ୍ରମ ଦେବ ବିଶ୍ୱବିଦ୍ୟାଳୟର ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ ଅଧ୍ୟୟନ କେନ୍ଦ୍ର ଆନୁକୁଲ୍ୟରେ ଶିକ୍ଷକ ଶିକ୍ଷା ବିଭାଗର ଅଧିଗ୍ରହଣ ଉତ୍ସବ ମାନବୀୟ ବିଭାଗର ତୃତୀୟ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଅଧିଗ୍ରହଣ ଉତ୍ସବରେ ମୁଖ୍ୟ ଅତିଥି ଭାବରେ କୋରାପୁଟ ସ୍ଥିତ ଇଗ୍ନୁ ଆଂଚଳିକ ନିର୍ଦ୍ଦେଶାଳୟର ଆଂଚଳିକ ନିର୍ଦ୍ଦେଶକ ଡ଼ଃ ଲତିକା ମିଶ୍ର ଉପସ୍ଥିତ ରହି ଦୁଇ ବର୍ଷିଆ ବି.ଏଡ୍ ପାଠ୍ୟକ୍ରମର ବିଭିନ୍ନ ଦିଗ ସମ୍ପର୍କରେ ବ୍ୟାପକ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବରେ ବିଶ୍ୱବିଦ୍ୟାଳୟର ଇଗ୍ନୁ ସଂଯୋଜକ ତଥା ସ୍ନାତକୋତର ପରିଷଦର ଅଧକ୍ଷ ଡ ପ୍ରଶାନ୍ତ କୁମାର ପାତ୍ର ଉପସ୍ଥିତ ରହି ପ୍ରଥମ ଥର ପାଇଁ ଇଗ୍ନୁ ବିଏଡ୍ ପାଠ୍ୟକ୍ରମର ନାମଲେଖା ହୋଇଥିବାରୁ ଆଂଚଳିକ ନିର୍ଦ୍ଦେଶକଙ୍କୁ ଧନ୍ୟବାଦ ଅର୍ପଣ କରିବା ବିଏଡ ବିଭାଗ ପାଇଁ ସହ ସହକାରୀ ସଂଯୋଜକ ଭାବେ ନୂତନ ଭାବେ ନିଯୁକ୍ତ ଡ଼ ମନୋରଞ୍ଜନ ପ୍ରଧାନଙ୍କୁ ସ୍ୱାଗତ କରିବା ସହ ନିୟମିତ ଶିକ୍ଷକ ଶିକ୍ଷା ପାଠ୍ୟକ୍ରମ ଭଳି ଇଗ୍ନୁ ବିଏଡ୍ ପ୍ରଶିକ୍ଷାର୍ଥୀଙ୍କୁ ପ୍ରଶିକ୍ଷଣ ଦେଇ ଯୋଗ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ପ୍ରସ୍ତୁତ କରିବା ପାଇଁ ପରାମର୍ଶ ଦେଇଥିଲେ। ଡ଼ ପ୍ରଧାନ ଉପସ୍ଥିତ ପ୍ରଶିକ୍ଷାର୍ଥୀଙ୍କୁ ବିଏଡ୍‌ର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିବା ସହ ଭବିଷ୍ୟତରେ ଦେଶପାଇଁ କିଭଳି ସମର୍ପିତ ଶିକ୍ଷକ ଶିକ୍ଷୟିତ୍ରୀ ଭାବରେ ସେବା ଦାନ କରିପାରିବେ ସେଥିପାଇଁ ଗୁରୁତ୍ୱ ଦେଇଥିଲେ।

ZILLA SWASTHYA SAMITI, MAYURBHANJ
DISTRICT PROGRAMME MANAGEMENT UNIT
NATIONAL HEALTH MISSION

Adv No: ୫୨୫ Date: ୨୧/୦୧/୨୦୨୬

**ADVERTISEMENT**

Applications are invited only from the **contractual employees currently working under NHM** in the same post of OSH & FW society in other district, desiring to be posted in Mayurbhanj district against the vacant positions as mentioned below.

| Sl.No. | Name of the Positions | No. of Positions Vacant |
|---|---|---|
| 1 | Co-located AYUSH MO (HOMEOPATHIC) | 7 |
| 2 | Co-located AYUSH MO (AYURVEDIC) | 1 |
| 3 | Pharmacist, RBSK | 3 |
| 4 | AYUSH MO (HOMEOPATHIC-MALE)-RBSK | 2 |
| 5 | AYUSH MO (HOMEOPATHIC-FEMALE)-RBSK | 2 |
| 6 | AYUSH MO (AYURVEDIC-MALE)-RBSK | 2 |
| 7 | AYUSH MO (AYURVEDIC-FEMALE)-RBSK | 7 |

Interested In-house candidates may log son to https://mayurbhanj.odisha.gov.in/ for detail terms, conditions & application forms. The filled up application form in all respect should reach the O/o CDM & PHO, Mayurbhanj, Pin Code: 757001, by 12.02.2026 up to (05:00 P.M.) by Regd. Post / Speed Post Only. ***Application received from any other candidate except the contractual employees currently working under NHM will be rejected.***

The application must be super scribed as ***APPLICATION FOR THE POST OF "(NAME OF THE POST)" & CATEGORY OF APPLICATION "(IN-HOUSE CANDIDATE)".*** Applications received after the due date will not be considered. Number of vacancies under this advertisement is provisional which may vary depending upon the requirement at the time of selection. The undersigned reserves the right to cancel / reject any or all the applications without assigning any reason thereof.

Sd/-
(Dr. Kishore Kumar Acharya)
Chief District Medical & PHO, Mayurbhanj

E-692

# ସେଲ୍, ଆରଏସପିର ସିନର୍ଜି ଲୋକ ସଂସ୍କୃତି ମହୋତ୍ସବ - ୨୦୨୬ ଚାମ୍ପିଅନସିପ୍ ଟ୍ରଫିରେ କଚାରୁ ଗ୍ରାମର ମାଳତୀ ଓରାମ ଗ୍ରୁପ୍ ବିଜୟୀ

ରାଉରକେଲା, ୨୧/୧ (ନି.ପ୍ର): ସେଲ୍, ରାଉରକେଲା ଇସ୍ପାତ କାରଖାନା ଦ୍ୱାରା ଜାନୁଆରୀ ୧୯ ତାରିଖରେ ସିଭିକ୍ ସେଣ୍ଟରରେ ଆୟୋଜିତ ସିନର୍ଜି ଲୋକ ସଂସ୍କୃତି ମହୋତ୍ସବର ଫାଇନାଲ ରାଉଣ୍ଡରେ କୁଆରମୁଣ୍ଡା ବ୍ଲକ ଅନ୍ତର୍ଗତ କଚାରୁ ଗ୍ରାମର ମାଳତୀ ଓରାମ ଗ୍ରୁପ୍ ଚମ୍ପିୟାନ ହୋଇଛି। ଏହାର ଉଦଯାପନୀ ସମାରୋହରେ ଆରଏସପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଶ୍ରୀ ଆଲୋକ ବର୍ମା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ତରୁଣ ମିଶ୍ର, କାର ?ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ବିଶ୍ୱରଞ୍ଜନ ପଲ୍ଲାଇ, ଖଣି (ଓଜିଓଏମ, ସିଏମଏଲଓ) ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଏମ ପି ସିଂହ, ସହର ସେବା ଏବଂ ସିଏସଆର ବିଭାଗର ସିଜିଏମ ଶ୍ରୀ ଟି ଜି କାନେକର, ସିଏସଆର ବିଭାଗର ଜିଏମ ଇନ-ଚାର୍ଜ ସୁଶ୍ରୀ ମୁନମୁନ ମିତ୍ରା, ଜିଏମ ଶ୍ରୀ ବିଭାବସୁ ମଲ୍ଲିକଙ୍କ ସହ ଆରଏସପିର ବହୁ ବରିଷ୍ଠ ଅଧିକାରୀ, ସରପଞ୍ଚ, ଇଭେଣ୍ଟର ବିଚାରକ, ଏସଏଚଜି ଗୋଷ୍ଠୀ ଏବଂ ରାଉରକେଲାର ଚାରୋଟି ପାର୍ଶ୍ୱାଞ୍ଚଳ ବ୍ଲକରୁ ଅଂଶଗ୍ରହଣକାରୀମାନେ ଉପସ୍ଥିତ ଥିଲେ। ଉଲ୍ଲେଖନୀୟ ଯେ, ଲାଠିକଟା ବ୍ଲକ, ନୂଆଗାଁ ବ୍ଲକ, ବିସ୍ରା ବ୍ଲକ ଏବଂ କୁଆରମୁଣ୍ଡା ବ୍ଲକର ବିଭିନ୍ନ ଗ୍ରାମରୁ ୧୨୦ଟି ଦଳ ପୂର୍ବରୁ ବ୍ଲକ ସ୍ତରରେ ଅନୁଷ୍ଠିତ ଜୋନାଲ ରାଉଣ୍ଡରେ ଅଂଶଗ୍ରହଣ କରିଥିଲେ। ପ୍ରତ୍ୟେକ ବ୍ଲକରୁ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ପୁରସ୍କାର ବିଜେତାମାନେ ଚୂଡ଼ାନ୍ତ ଟାଇଟଲ ହାସଲ ନିମନ୍ତେ ଫାଇନାଲ ରାଉଣ୍ଡରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ, ଶ୍ରୀ ବର୍ମା ସମସ୍ତ ଅଂଶଗ୍ରହଣକାରୀ ଦଳ ଏବଂ ବିଜେତାମାନଙ୍କୁ ଅଭିନନ୍ଦନ ଜଣାଇବା ସହ, ପ୍ରତିଯୋଗୀତାରେ ପାଦ ଦେବା ସହିତ ନିଜର ପ୍ରତିଭାକୁ ଉପସ୍ଥାପନ କରିବା ହିଁ ଏକ ମହାନ ସଫଳତା ବୋଲି ମତ ବ୍ୟକ୍ତ କରିଥିଲେ। ସେ ପିଢ଼ି ପରେ ପିଢ଼ି ଦେଇ ଆସିଥିବା ସାଂସ୍କୃତିକ ଐତିହ୍ୟକୁ ସଂରକ୍ଷଣ କରିବା ଏବଂ ଯୁବ ପିଢ଼ି ଏହାକୁ ନିରନ୍ତର ଭାବେ ଆଗକୁ ନେବା ପ୍ରଶଂସନୀୟ ଏବଂ ଅତ୍ୟାବଶ୍ୟକ ବୋଲି ଗୁରୁତ୍ୱାରୋପ କରିଥିଲେ। ସେ ଆହୁରି ମଧ୍ୟ, ପ୍ରକୃତ ବିକାଶ ସମସ୍ତଙ୍କୁ ସାଙ୍ଗରେ ନେବାରେ ନିହିତ ଏବଂ ସିଏସଆର କେବଳ ଏକ ସଂଗଠନାତ୍ମକ କାର୍ଯ୍ୟ ନୁହେଁ ବରଂ ଏହା ଏକ ସାମୂହିକ ଦାୟିତ୍ୱ ସହ ଜୀବନର ଏକ ଅବିଚ୍ଛେଦ୍ୟ ଅଂଶ ବୋଲି ଉଲ୍ଲେଖ କରିଥିଲେ। ଏହି ଉପଲକ୍ଷେ, ଡ଼ିଆଇସି ପରବର୍ତ୍ତୀ ବର୍ଷରୁ ପୁରସ୍କାର ରାଶି ବୃଦ୍ଧି ହେବା ନେଇ ଘୋଷଣା ମଧ୍ୟ କରିଥିଲେ।

ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ବ୍ୟକ୍ତିମାନେ ନୃତ୍ୟ ପ୍ରତିଯୋଗିତାର ବିଜେତାମାନଙ୍କୁ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ପୁରସ୍କାର ପ୍ରଦାନ କରିଥିଲେ।

ଏହି ପୁରସ୍କାର ବଣ୍ଟନ କାର୍ଯ୍ୟକ୍ରମରେ କୁଆରମୁଣ୍ଡା ବ୍ଲକର କଚାରୁ ଗ୍ରାମର ମାଳତୀ ଓରାମ ଗ୍ରୁପ୍, ବିଜେତା ଦଳ ଭାବେ ୨୦,୦୦୦/- ଟଙ୍କା ନଗଦ ପୁରସ୍କାର ରାଶି ଏବଂ ଚାମ୍ପିଅନ୍ ଟ୍ରଫି ଜିତିଥିଲା। ବିସ୍ରା ବ୍ଲକର ସାରୁବାହଲ ଗ୍ରାମର ଲକ୍ଷ୍ମୀ ଗ୍ରୁପ୍ ଦ୍ୱିତୀୟ ପୁରସ୍କାର ଭାବେ ୧୭,୫୦୦/- ଟଙ୍କାର ନଗଦ ପୁରସ୍କାର ରାଶି ଏବଂ ଏକ ଟ୍ରଫି ହାସଲ କରିଥିଲେ। ସେହିପରି ତୃତୀୟ ପୁରସ୍କାର, ଲାଠିକଟା ବ୍ଲକର ଉଡସୁ ଗ୍ରାମର ସଞ୍ଜିତା ଡାନ୍ସ ଗ୍ରୁପ ହାସଲ କରିଥିଲେ ଯେଉଁଥିରେ ୧୫,୦୦୦/- ଟଙ୍କା ସହ ଏକ ଟ୍ରଫି ରହିଥିଲା। ପ୍ରତ୍ୟେକ ଗ୍ରୁପ୍ କୁ ପୁରସ୍କାର ସହିତ ଏକ ଫଟୋ ଫ୍ରେମ୍ ମଧ ପ୍ରଦାନ କରାଯାଇଥିଲା। ଏହି ଅବସରରେ ବିଚାରକମାନଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରତ୍ୟେକ ଅଂଶଗ୍ରହଣକାରୀ ଦଳକୁ ୫,୦୦୦/- ଟଙ୍କାର ସାନ୍ତ୍ୱନାମୂଳକ ପୁରସ୍କାର ମଧ୍ୟ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଏକ ସୁନ୍ଦର ଆଦିବାସୀ ସ୍ୱାଗତ ନୃତ୍ୟ ସହିତ ଆରମ୍ଭ ହୋଇଥିଲା, ଏବଂ ପରେ ମନୋନୀତ ନୃତ୍ୟ ଗୋଷ୍ଠୀମାନଙ୍କ ଦ୍ୱାରା ସମ୍ମାନିତ ଅତିଥିମାନଙ୍କ ସମ୍ମୁଖରେ ଚିତାକର୍ଷକ ପ୍ରଦର୍ଶନର ମନମୁଗ୍ଧକର ଝଲକ ପରିବେଷଣ କରାଯାଇଥିଲା। ପ୍ରାରମ୍ଭରେ ଶ୍ରୀ ଟି ଜି କାନେକର ସମାବେଶକୁ ସ୍ୱାଗତ କରିବା ସହ ସିଏସଆରର କାର୍ଯ୍ୟକଳାପ ବିଷୟରେ ସୂଚନା ଦେଇଥିଲେ। ସୁଶ୍ରୀ ମୁନମୁନ ମିତ୍ରା ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ସିଏସଆର ବିଭାଗର ଏଜିଏମ ଶ୍ରୀ ଟି. ବି. ଟପ୍ପୋ ଓ ସିଏସଆର ବିଭାଗର ସିନିୟର ଫିଲ୍ଡ ଆସିଷ୍ଟାଣ୍ଟ ଶ୍ରୀ ବି. ଏକ୍କା ସଂଯୋଜନା କରିଥିଲେ କରିଥିଲେ।

ଉଲ୍ଲେଖନୀୟ ଯେ ଆରଏସପି ନିଜର ସିଏସଆର ଦକ୍ଷେପର ଏକ ଅଂଶ ସ୍ୱରୂପ, ୨୦୧୨-୧୩ ମସିହାରୁ ସିନର୍ଜି ଲୋକ ସଂସ୍କୃତିକ ମହୋତ୍ସବର ଆୟୋଜନ କରିଆସୁଛି।

**ଧାରାବାହିକ:** ଭାଗ-୨୯

# ସଂକ୍ଷିପ୍ତ ଭାଗବତ କଥାମୃତ

## ୧୦ମ ସ୍କନ୍ଧ, ଗୋପଲୀଳା



ଡ. ଶ୍ରୀହରି ପଣ୍ଡା



ଯାହାହେଉ ତୁମେ କ୍ଷମା କର ଦେବୀ, ନଜାଣି ତୁମ ପ୍ରତି ବଡ ଅପରାଧ କରିପକାଇଲି । ରୁକ୍ମିଣୀ ଦେବୀ ଭଗବାନଙ୍କର କୋମଳ ମଧୁର ବାକ୍ୟ ଶ୍ରବଣ କରି ଆନନ୍ଦିତା ହେଲେ ଓ ସ୍ୱାମୀଙ୍କ ପ୍ରତି ମଧୁର କଟାକ୍ଷପାତ କଲେ । ହେ ପ୍ରାଣ ବଲ୍ଲଭ ! ତୁମେ ତ ଅନ୍ତର୍ଯ୍ୟାମୀ, ଏ ଦାସି ରୁକ୍ମିଣୀର ହୃଦୟ କି ତୁମକୁ ଅଗୋଚର । ଏ ଦେହ, ମନ, ପ୍ରାଣର ଅଦ୍ୱିତୀୟ କର୍ତ୍ତା ତୁମେ ଯେ ବିଶ୍ୱସ୍ରଷ୍ଟା, ବିଶ୍ୱ ନିୟନ୍ତା ନିଜର ପରିଚାଳିତ କରୁଛ, ଇଛାଶକ୍ତିରେ ବିଶ୍ୱକୁ ସୃଷ୍ଟି, ପାଳନ, ସଂହାରଣ, ମାୟା ଓ ଅନୁଗ୍ରହ ମାଧ୍ୟମରେ ତୁମର ଶାଶ୍ୱତ କ୍ରୀଡା ପ୍ରକାଶ କର ଓ ଇଛାମତେ ପୁନର୍ବାର ସୃଷ୍ଟିକୁ ଗର୍ଭସ୍ଥ କରି ଆତ୍ମାରାମ ରୂପେ ଜଳଧି ଜଳରେ ଶୟନ କର, ନୀର ବା ନାରକୁ ତମର ଶାଶ୍ୱତ ଅୟନ କରି ତୁମେ ନାରାୟଣ ନାମକୁ ଧାରଣ କରିଅଛ, ତୁମେ ତ୍ରିଗୁଣର ସ୍ରଷ୍ଟା ହୋଇ ମଧ ତହିଁରୁ ସମ୍ପୂର୍ଣ୍ଣ ମୁକ୍ତ, ତୁମର ପାଦପଦ୍ମସ୍ଥିତ ମକରନ୍ଦକୁ ମୁନିଋଷିମାନେ ନିତ୍ୟ ପାନ କରିଥାନ୍ତି, ତୁମର ଭକ୍ତ ଇନ୍ଦ୍ର ପଦକୁ ତୁଚ୍ଛ ମନେକରେ, ମୁକ୍ତି ଯାଚିଲେ ମଧ ତାହାକୁ ଅଗ୍ରାହ୍ୟ କରେ, ତୁମର ସେବା, ଆରାଧନା, ପୂଜାର୍ଚ୍ଚନା, ତୁମର ଅଶେଷ ଗୁଣ ଶ୍ରବଣ କୀର୍ତ୍ତନରେ ଯେଉଁ ଅପୂର୍ବ ଅନିର୍ବଚନୀୟ ଆନନ୍ଦ ତାହା ଅନିତ୍ୟ ବିଷୟରେ ନିମଜ୍ଜିତ ଧନବାନ ବ୍ୟକ୍ତି ଅନୁଭବ କରିପାରିବ କିପରି ? ସେ ତ ତୁମର ତ୍ରିଗୁଣୀ ମାୟାଶକ୍ତି ଦ୍ୱାରା ବିମୋହିତ । ହେ ପ୍ରଭୁ ଭୋଗବାସନା ବିବର୍ଜିତ ସନ୍ୟାସୀ ବ୍ରହ୍ମଚରୀକୁ ସିନା ତୁମେ ସୁଲଭ, ବିଷୟ ଭୋଗୀ ସଂସାରୀକୁ ତୁମେ ଦୁଷ୍ପ୍ରାପ୍ୟ । ତୁମେ ସର୍ବ ପୁରୁଷାର୍ଥରୁ ଶ୍ରେଷ୍ଠ ଫଳ ସ୍ୱରୂପ । ହେ ପ୍ରଭୁ, ଏ ଦାସୀ ତୁମର ଶ୍ରୀଚରଣ ସେବାକୁ ସମ୍ପୂର୍ଣ୍ଣ ଅଯୋଗ୍ୟ । ଯେଉଁ ଶ୍ରୀଚରଣ ରେଣୁ ପ୍ରାପ୍ତିପାଇଁ ବ୍ରହ୍ମାଶଙ୍କରା ଦି ଦେବଗଣ ଭିକ୍ଷୁକ ସାଜନ୍ତି, ଏ ଦାସୀ କେତେ ଜନ୍ମର ତପସ୍ୟା ଫଳରେ ତାହା ପ୍ରାପ୍ତ ହୋଇଅଛି । ହେ ପ୍ରଭୁ, ବିଶ୍ୱ ବ୍ରହ୍ମାଣ୍ଡରେ ଏହାଠାରୁ ବଳି ଉତ୍କୃଷ୍ଟତର ସୌଭାଗ୍ୟ ଆଉ କଣ ଥାଇପାରେ ? ବିଷୟ ସୁଖ ତ ଗୋରୁ, ଗର୍ଦ୍ଦଭ, ଶ୍ୱାନ ଶୃଗାଳାଦି ପଶୁମାନଙ୍କୁ ମିଳୁଛି । ଏ ମୂଳମୂତ୍ର, ରୁଧିର, ମାଂସ, ନଖ, ଚର୍ମ ବିଶିଷ୍ଟ ଶରୀରର ସତ୍ତା କେତେ ଦିନପାଇଁ ? କେତେ ଦିନ ପାଇଁ ବା ଏହି ଶରୀର ସ୍ଥିତ ଇନ୍ଦ୍ରିୟମାନଙ୍କ ଭୋଗଶାନ୍ତି । ଏମାନେ ଯେତେବେଳେ ଶ୍ଲଥ, ନିଷ୍କ୍ରିୟ ଓ ଅଥର୍ବ ହୋଇଯିବେ ମକ୍ଷିକାଟିଏ ଢ଼ଧ ତଡିବାକୁ ହସ୍ତ ସମର୍ଥ ହେବନାହିଁ । ସେତେବେଳେ ଏ ଜୀବନ୍ମୃତ ମାନବର ଆଉ ସହାୟକ କିଏ ? ସେହି ଅବସ୍ଥାରେ ନିଜର ପୁତ୍ର, ଜାୟା, ଘନିଷ୍ଠ ଆତ୍ମୀୟ ସ୍ୱଜନ ମଧ ତାକୁ ଏଡି ଦେଇଯାଆନ୍ତି ଓ ତାର ଆଶୁ ମୃତ୍ୟୁ କାମନା କରନ୍ତି । ତେଣୁ ହେ ପ୍ରଭୁ, ମୋତେ ଏତିକି ଦୟାକରନ୍ତୁ, ଜନ୍ମଜନ୍ମାନ୍ତରରେ ଯେପରି ତମର ଶ୍ରୀଚରଣ ସେବା ଏ ଦାସୀକୁ ପ୍ରାପ୍ତ ହେଉ । ଭଗାବନ ଶ୍ରୀକୃଷ୍ଣ ସ୍ମିତ ହାସ ପ୍ରକାଶ କରି କହିଲେ, ହେ ଦେବୀ ତୁମେ ପରମ ସାଧବୀ । ତୁମର ପତିଭକ୍ତିର ପଟାନ୍ତର ନାହିଁ । ଏହା ମୁଁ ଜାଣିଥିଲେ ମଧ ତୁମର ମୁଖରୁ ଶୁଦ୍ଧ, ସତ୍ୟବଚନ ପ୍ରକାଶ ପାଇବା ନିମିତ୍ତ ମୁଁ ଏହିପରି କରିଥିଲି । ବାଜବାକ୍ୟ ଦ୍ୱାରା ତୁମ ମନକୁ ଉଚ୍ଚାଟ କରିବାକୁ ଚାହିଁଥିଲେ ବି ତୁମର ମନ ଅତ୍ୟନ୍ତ ଦୃଢ କାରଣରୁ ତାହା କୌଣସି ପ୍ରକାରେ ବିଚଳିତ ହେଲା ନାହିଁ । ସଂସାରରେ ଯେଉଁମାନଙ୍କର ମନ ମୋର ଚରଣରେ ଦୃଢ ଭାବରେ ନିବଦ୍ଧ ସେମାନଙ୍କ ଲାଗି ମୁଁ ଅଭୟ ବାରଦାତା । ମୋର ମାୟା ସେମାନଙ୍କୁ ସ୍ପର୍ଶ କରିପାରେନାହିଁ । ମାତ୍ର ଯେଉଁମାନେ ମାୟା ମୋହିତ ହୋଇ ବିଷୟ କାମନା କରନ୍ତି ସେମାନେ ବଡ ଅଭାଗା । ସେମାନଙ୍କର କାମନା ପୂର୍ଣ୍ଣ ହେଉ କି ନହେଉ ଦୁଃଖ ଭୋଗ ହିଁ ସେମାନଙ୍କର ଅନ୍ତିମ ପରିଣତି । ମୋର ପାଦପଦ୍ମରେ ତୁମର ଅଚଳା ଭକ୍ତି ହେତୁ ତୁମେ ନାରୀ ହେଲେ ମଧ ଏହା ଉତ୍ତମ ଭାବେ ଉପଲବ୍ଧ କରିଅଛ ଓ ସମସ୍ତ ପରିସ୍ଥିତିରେ ସ୍ଥିର ଓ ନିଶ୍ଚଳ ରହିଅଛ । ତୁମପରି ନାରୀ ରତ୍ନ ମୋ ପୁରରେ ଦୁର୍ଲ୍ଲଭ । ଲକ୍ଷେ ନୃପତିକୁ ତୁଚ୍ଛ କରିଦେଇ ତୁମେ କେବଳ ମୋର ଗୁଣ ଗାଥା ଶ୍ରବଣ କରି ମୋତେ ପତି ରୂପେ ବରଣ କରିଥିଲ ଓ ମୋତେ ପ୍ରାପ୍ତ ହେବା ପର୍ଯ୍ୟନ୍ତ ନାନା ପ୍ରତିକୂଳ ପରିସ୍ଥିତିରେ ମଧ ମନକୁ ଅବିଚଳିତ ରଖିପାରିଥିଲ । ତୁମର ଏହି ଆଦର୍ଶରେ ମୋର ଭକ୍ତମାନେ ଯୁଗେ ଯୁଗେ ଅନୁପ୍ରାଣୀତ ହେଉଥିବେ । ତୁମର ମୋର ଜନ୍ମ ଜନ୍ମାନ୍ତରର ସମ୍ପର୍କ । ସେମାନଙ୍କ ମୁଖରେ ଭଜନ କୀର୍ତ୍ତନ ରୂପରେ ଜଗତରେ ପ୍ରଚାରିତ ହେଉଥିବ । ଲକ୍ଷ୍ମୀ ନାରାୟଣ ରୂପୀ ଭଗବାନ ଶ୍ରୀକୃଷ୍ଣ ଓ ଦେବୀ ରୁକ୍ମିଣୀ ଏହିପରି କଥୋପକଥନ କରି ପରସ୍ପରକୁ ପ୍ରେମପୂର୍ଣ୍ଣ ଦୃଷ୍ଟିରେ ଚାହିଁଲେ । ପୃଥିବୀର ଭାରା ନିବାରଣ ନିମିତ୍ତ ନିର୍ଗୁଣ ନିରାକାର ପ୍ରଭୁ ନାରାୟଣ ମାୟାମନୁଷ୍ୟ ରୂପେ ପୃଥିବୀରେ ଅବତୀର୍ଣ୍ଣ ହୋଇ ଶୋଳସହସ୍ର ନାରୀରତ୍ନଙ୍କୁ ପତ୍ନୀରୂପେ ଗ୍ରହଣ କରି ସଂସାରରେ ଗୃହସ୍ଥ ଧର୍ମ ପାଳନର ଲୀଳା ରଚନା କରିଥିଲେ ।

### ୬୧ ଅଧ୍ୟାୟ, ( ପ୍ରଦ୍ୟୁମ୍ନ ବିବାହ ଓ ରୁକ୍ମଣ ବଧ)

ଶ୍ରୀ ଶୁକଦେବ କହିଲେ, ଭଗବାନ ଶ୍ରୀକୃଷ୍ଣ ମାୟା ମନୁଷ୍ୟ ରୂପ ଧରି ଗ୍ରାହ୍ୟସ୍ଥ ଜୀବନଯାପନ କରି ବହୁ ପତ୍ନୀଙ୍କଠାରୁ ଅନେକ ସନ୍ତାନ ସନ୍ତତି ଜାତ କରାଇଥିଲେ । ତନ୍ମଧ୍ୟରୁ ଅନେକ ଶ୍ରୀକୃଷ୍ଣଙ୍କ ରୂପ ଓ ଗୁଣର ମଧ ଅଧିକାରୀ ଥିଲେ । ଭଗବାନଙ୍କର ବହୁ ପତ୍ନୀ ଥିଲେ ମଧ କାହାରି ପ୍ରତି ଅଧିକ ଅନୁରାଗ କିମ୍ବା କେହି ଉପେକ୍ଷିତ ନଥିଲେ, ସମସ୍ତଙ୍କୁ ସମାନ ନ୍ୟାୟ ପ୍ରଦାନ କରୁଥିଲେ । ସମସ୍ତଙ୍କୁ ଲାଗୁଥିଲା ଯେପରି ତାଙ୍କୁ ଶ୍ରୀକୃଷ୍ଣ ଅଧିକ ଭଲ ପାଉଥିଲେ । ପ୍ରତ୍ୟେକ ପତ୍ନୀଙ୍କଠାରୁ ଦଶପୁତ୍ର ଓ ଏକ କନ୍ୟା ଜାତ ହୋଇଥିଲେ । ରୁକ୍ମିଣୀଙ୍କ ପୁତ୍ର ପ୍ରଦ୍ୟୁମ୍ନ ତାଙ୍କର ମାତୁଳ ରୁକ୍ମଙ୍କ କନ୍ୟା ରୁକ୍ମବତୀଙ୍କୁ ସ୍ୱୟମ୍ବର ସଭାରୁ ହରଣ କରିନେଇ ବିବାହ କରିଥିଲେ । ସେମାନଙ୍କର ପୁତ୍ର ସନ୍ତାନ ଅନିରୁଦ୍ଧ । ପରୀକ୍ଷିତ ପଚାରିଲେ ରୁକ୍ମ ତ ଭଗବାନଙ୍କ ଶାଳକ ହୋଇ ମଧ ବୈରୀ, ତାଙ୍କ କନ୍ୟାକୁ କିପରି ବିବାହ କଲେ ? ଶ୍ରୀଶୁକଦେବ କହିଲେ, ଶ୍ରୀକୃଷ୍ଣଙ୍କ ପ୍ରତି ବୈର ଭାବ ଥିଲେ ମଧ ନିଜ ଭଗିନୀ ପ୍ରତି ଥିବା ସ୍ନେହ କାରଣରୁ ସେ ସମ୍ମତ ହୋଇଥିଲେ । ଶ୍ରୀକୃଷ୍ଣ ଓ ବଳରାମ ଭୋଜ କଟକରେ ବରକନ୍ୟାକୁ ବିବାହ କରିସାରି ବନ୍ଧୁମାନଙ୍କ ଅନୁରୋଧରେ ପଶାଖେଳିଲେ । ଖେଳରେ ପ୍ରଥମେ ରୁକ୍ମଣ ବଳରାମଙ୍କୁ ହରାଇ ଦେଇ ବାଜିଧନ ସବୁ ନେଇଗଲେ, ପରେ ବଳରାମ ଜିଣିଲେ ମଧ ସେଠାକାର ଉପସ୍ଥିତ ଦନ୍ତବକ୍ର ଆଦି ରାଜାମାନେ କପଟରେ ବଳରାମ ହାରିଲେ ବୋଲି ଘୋଷଣା କଲେ । ରୁକ୍ମଣ ତାଛଲ୍ୟ କରି କହିଲା, ଆରେ ତୁମେମାନେ ତ ଗଉଡ ପିଲା, ରାଜା ପୁଅର ଖେଳ କାହୁଁ ଶିଖିବ । ଏହା ଶୁଣି ସମବେତ ରାଜ ପୁତ୍ରଗଣ ହସିବାରୁ ବଳରାମଙ୍କୁ ତାହା ଖୁବ ବାଧିବାଲା, ସେ କ୍ରୋଧରେ ରୁକ୍ମଣ ଶିରରେ ଅସ୍ତ୍ର ପ୍ରହାର କରିବାରୁ ରୁକ୍ମଣଙ୍କ ମର ଶରୀର ଭୂମିରେ ଲୋଟିଲା । ଏହାପରେ ବଳରାମ ସେହି ପଶାକାଠିକୁ ଦନ୍ତବକ୍ରର ଦାନ୍ତରେ ବାଡେଇ ଦେବାରୁ ତାଙ୍କର ସବୁ ଦାନ୍ତ ଭାଙ୍ଗିଗଲା ଓ ଯେଉଁ ଦାନ୍ତ ଦେଖାଇ ସେ ହସୁଥିଲା ସବୁତକ ଦାନ୍ତ ଖସିପଡିଲା । ଶ୍ରୀକୃଷ୍ଣ ନିଜ ଶାଳକର ଏପରି ଅବସ୍ଥା ଦେଖି ଆଖି ବୁଜିଦେଲେ ଏବଂ ବିଷଣ୍ଣ ମନରେ ବରକନ୍ୟାଙ୍କୁ ନେଇ ପ୍ରସ୍ଥାନ କଲେ ।

### ୬୨ ଅଧ୍ୟାୟ, ( ଉଷା ଓ ଅନିରୁଦ୍ଧ ବିବାହ)

ଶ୍ରୀଶୁକଦେବ କହିଲେ, ବଳୀରାଜାଙ୍କର ଶତପୁତ୍ର ମଧରେ ଜ୍ୟେଷ୍ଠ ପୁତ୍ର ବାଣାସୁର ଅତ୍ୟନ୍ତ ଦୁଷ୍ଟ ଓ ବଳଶାଳୀ ଥିଲା । ସେ ଶୋଣିତ ପୁରର ରାଜା ହେବା ସହ ଘୋର ତପସ୍ୟା କରି ଭଗବାନ ଶିବଙ୍କୁ ସନ୍ତୁଷ୍ଟ କରି ସହସ୍ର ଭୁଜ ପ୍ରାପ୍ତ ହୋଇଥିଲା । ଏକାଥରକେ ପାଚାଶ ଧନୁଧରି ଯୁଦ୍ଧ କରିବାରୁ ତାର ସମକକ୍ଷ ଯୋଦ୍ଧା କେହି ନଥିଲେ । ସମସ୍ତ ଯୋଦ୍ଧାଗଣ ତାଙ୍କୁ ଦେଖି ଭୟରେ ପଳାୟନ କରୁଥିବାରୁ ସେ ମନ ଦୁଃଖରେ ପୁଣି ଭଗବାନ ଶିବଙ୍କୁ ତପସ୍ୟାରେ ପ୍ରସନ୍ନ କରାଇ କହିଲେ, ପ୍ରଭୁ ଆପଣଙ୍କ ବରର ବଳରେ ମୋର ସହସ୍ର ବାହୁ ହେଲା, ମାତ୍ର ମୋ ସହ ଭୟରେ କେହି ଯୁଦ୍ଧ ନକରିବାରୁ ମୁଁ ଅପୂର୍ଣ୍ଣତା ଅନୁଭବ କରୁଛି ଏଣୁ ମୋ ସହ ଆପଣଙ୍କ ବିନା ଆଉ କେହି ଯୁଦ୍ଧ କରିବାକୁ ନାହାନ୍ତି । ଭଗବାନ ଶଙ୍କର କହିଲେ, ହେ ବାଣାସୁର ତୁ ଦେଖିବୁ ଯେଉଁଦିନ ତୋ ରଥ ଉପରେ ଲାଗିଥିବା ପତାକା ଆପେ ଖସି ତଳେ ପଡିଯିବ ସେହି ଦିନ ତୋ ସମକକ୍ଷ ଯୋଦ୍ଧାକୁ ତୁ ଭେଟିବୁ ଏବଂ ସେ ତୋର ସହସ୍ର ବାହୁ ନାଶ କରିବ । ବାଣାସୁର ଅତ୍ୟନ୍ତ ଖୁସି ହୋଇ ସର୍ବଦା ନିଜ ରଥର ପତାକା ଉପରେ ନଜର ରଖୁଥାଏ । ତାହାର ଏକ ଅନିନ୍ଦ୍ୟ ସୁନ୍ଦରୀ ରୂପବତୀ କନ୍ୟା ଉଷା ଥିଲା । ସେ ବୟଃପ୍ରାପ୍ତ ହେବାରୁ ତାକୁ ଏକ ଉତ୍ତମ ସ୍ଥାନରେ ବିବାହ ଦେବାକୁ ସ୍ଥିର କରି ଏକ ସୁଦୃଢ ଓ ନିରନ୍ଧ୍ରପୁର ରଚନା କରି ଉଷାକୁ ସେଠାରେ ରଖାଇଲା ଏବଂ ଅସଂଖ୍ୟ ପ୍ରହରୀ ଜଗାଇଲା । ଦିନେ ରାତ୍ରରେ ଉଷା ଏକ ସୁନ୍ଦର ରାଜକୁମରଙ୍କୁ ସ୍ୱପ୍ନରେ ଦେଖିଲା ଏବଂ ସେହି ରାଜକୁମରଙ୍କ ପ୍ରେମରେ ପଡିଗଲା । ସେ ଚାଲିଯିବାରୁ ଉଷା ମନରେ ବହୁ କଷ୍ଟ ପାଇ ବ୍ୟାକୁଳ ଭାବେ କ୍ରନ୍ଦନ କରିବାକୁ ଲାଗିଲା । ଯେତେ ବୁଝାଇଲେ ମଧ ସେ କିଛି ନ ବୁଝି ଅନ୍ନ ଜଳ ଛାଡିଦେବାରୁ କ୍ରମେ ଦୁର୍ବଳ ହେବାକୁ ଲାଗିଲା । ଏହା ଦେଖି ସଖୀ ମନ୍ତ୍ରୀ ତନୟା ଚିତ୍ରରେଖା କହିଲା, ସଖୀ ମୋତେ ଭଲ ଚିତ୍ର କରିଆସେ । ମୁଁ ସବୁ ରାଜକୁମରଙ୍କ ଚିତ୍ର ଆଙ୍କୁଛି, ତୁମର ଯେଉଁ ରାଜକୁମରଙ୍କୁ ପସନ୍ଦ କହିଲେ ତାକୁ ଏଠାକୁ ଆଣିବାର ଚେଷ୍ଟା କରିବି । ଚିତ୍ରରେଖା ବହୁ ରାଜକୁମରଙ୍କ ଚିତ୍ର କରି ଉଷାକୁ ଦେଖାଇଲେ ମଧ କୌଣସିଟି ସ୍ୱପ୍ନକୁମର ନୁହେଁ ଜଣାଇବାରୁ ଅନ୍ୟ ସଖୀମାନେ ଉଦବିଘ୍ନ ହୋଇ ରାଜାଙ୍କୁ ଏହି କଥା ଜଣାଇବା ସହ ସ୍ୱୟମ୍ବରର ଆୟୋଜନ କରିବାକୁ କହିବା ନିମନ୍ତେ ଚିନ୍ତା କଲେ । ଦିନେ ଚିତ୍ରରେଖା ଆଉ କିଛି ରାଜକୁମାରଙ୍କ ଚିତ୍ର ସହ ଭଗବାନ ଶ୍ରୀକୃଷ୍ଣଙ୍କ ପୌତ୍ର ଅନିରୁଦ୍ଧର ଚିତ୍ର ଧରି ଉଷାକୁ ଦେଖାଇବାରୁ ସେ ଅନିରୁଦ୍ଧଙ୍କୁ ଚିହ୍ନିପାରି ନିଜ ବକ୍ଷରେ ଜାବୋଡି ଧରିଲେ ଏବଂ ଆଲିଙ୍ଗନ କରି କହିଲେ, ମୋ ସହ ପ୍ରେମାଳାପ କରୁ କରୁ କୁଆଡେ ଅନ୍ତର୍ଦ୍ଧାନ ହୋଇଗଲ ? ଏହାପରେ ସେହି ରାଜକୁମାରଙ୍କୁ ଆଣିବାକୁ ଚିତ୍ରରେଖାକୁ କହିବାରୁ ଚିତ୍ରରେଖା ନିଜର ଆସୁରୀ ଶକ୍ତିବଳରେ ଦ୍ୱାରିକାକୁ ଯାଇ ନିଦ୍ରିତ ଅନିରୁଦ୍ଧଙ୍କୁ ଶୟନାବସ୍ଥାରେ ଘେନି ଆସି ଶୋଣିତପୁରର ଉଷା କକ୍ଷରେ ପହଞ୍ଚାଇ ଦେଲା । ଉଷା ଓ ଅନିରୁଦ୍ଧର ସାକ୍ଷାତ ହେବାପରେ ଉଭୟ କୋଟିନିଧି ପାଇଲା ପରି ଉପଲବ୍ଧ କଲେ ଏବଂ ଏପରି ପ୍ରେମରେ ମଜ୍ଜିଗଲେ ଯେ, ରାତ୍ରଦିନ ଜାଣି ପାରିଲେନାହିଁ । ହେଲେ ଏ କଥା ବେଶିଦିନ ଲୁଚିପାରିଲା ନାହିଁ । କୁମାରୀ କନ୍ୟା ଉଷା ଶରୀରରେ ସମ୍ଭୋଗର ଲକ୍ଷଣ ଦେଖି ନାରୀ ପ୍ରହରୀମାନେ ଚିନ୍ତିତ ହୋଇପଡିଲେ । ରାଜା ଜାଣିଲେ କାଳେ ମୃତ୍ୟୁଦଣ୍ଡ ଦେବେ ଏଣୁ ନିଜର ସନ୍ଦେହ ରାଜାଙ୍କୁ ଅବଗତ କରାଇଲେ । ବାଣାସୁର ଏହା ଶୁଣି ସ୍ତମ୍ଭୀଭୂତ ହେବା ସହ ଯେଉଁ ପୁରରେ ଦେବ, ଗନ୍ଧର୍ବ, କିନ୍ନର,ବିଦ୍ୟାଧର ପ୍ରବେଶ କରିବା ସମ୍ଭବ ନୁହେଁ ସେଠାକୁ ଜଣେ ସାଧାରଣ ମନୁଷ୍ୟ କିପରି ପ୍ରବେଶ କଲା ଭାବି କ୍ରୋଧରେ ଉନ୍ମୁକ୍ତ ତରବାରୀ ସହ ଉଷା ପୁରକୁ ପ୍ରବେଶ କରି ରତ୍ନ ପଲଙ୍କ ଉପରେ ଉଷା ସହ ଏକ କନ୍ଦର୍ପ ରୂପଜିଣି ରାଜକୁମର ପ୍ରେମାଳାପ ଓ ଅକ୍ଷକ୍ରୀଡାରେ ନିମଗ୍ନ ଦେଖି ସେହି ପୁରୁଷ ଉପରେ ତରବାରୀ ପ୍ରହାର କରିବାକୁ ଉଦ୍ୟତ ହୁଅନ୍ତେ ଅନିରୁଦ୍ଧ ମଧ ନିଜ ତରବାରୀ ଦ୍ୱାରା ପ୍ରତିହତ କଲା । ଅନେକ ସୈନ୍ୟ ସାମନ୍ତ ସେଠାରେ ପହଞ୍ଚି ଯାଇ ଅନିରୁଦ୍ଧଙ୍କୁ ଚତୁର୍ଦ୍ଦିଗରୁ ଘେରିଗଲେ । ଏକାକୀ ଯୁଦ୍ଧରେ ଅନିରୁଦ୍ଧ ବହୁ ସୈନ୍ୟ ବଧ କରିଥିଲେ ମଧ ବାଣାସୁରର ନାଗଫାଶରେ ଅବଶେଷରେ ବନ୍ଦୀ ହେଲେ । ଅନିରୁଦ୍ଧଙ୍କର ଏପରି ଅବସ୍ଥା ଦେଖି ଉଷା କ୍ରନ୍ଦନ କରିବାକୁ ଲାଗିଲା ।

( କ୍ରମଶଃ )

+ ଗୌଡ଼ଗାଁ, କପ୍ତିପଦା, ମୟୂରଭଞ୍ଜ
(ମୋ) ୯୮୫୩୯୪୮୪୫୮

**ସମ୍ପର୍କର ରିଙ୍ଗ**

# ସମ୍ପର୍କ, ଜୀବନର ବ୍ୟବସାୟ ନୁହେଁ



ଶ୍ୱେତା ରାଉତ୍

ସମୟ ସହ ତାଳ ଦେଇ ସବୁ କିଛି ବଦଳି ଯାଉଛି । ଜୀବନ ବଦଳି ଯାଉଛି, ସମ୍ପର୍କ ବଦଳି ଯାଉଛି, ରୀତି ନୀତି ବଦଳି ଯାଉଛି, ଆଚାର ବ୍ୟବହାର ବଦଳି ଯାଉଛି, ଯେତେ ଯେତେ ମଣିଷ ବାହ୍ୟ ଜଗତ ପାଇଁ ଆଧୁନିକ, ଶିକ୍ଷିତ, ସମୃଦ୍ଧ,ବିକଶିତ ଓ ସଫଳ ହେଉଛି ବୋଲି ଗର୍ବିତ ହେଉଛି, ସେତେ ସେତେ ସାମାଜିକ, ପାରିବାରିକ,ଦାମ୍ପତ୍ୟ ଜୀବନ ବା ନିଜସ୍ୱ ଜୀବନରେ ଧୋକା, ପ୍ରତାରଣା, ଘୃଣା, ଦୁଃଖ-ଯନ୍ତ୍ରଣା ଓ ଅଶାନ୍ତିର ସମ୍ମୁଖୀନ ହେଉଛି । ସଫଳ ହେବା କିମ୍ବା ଆଗକୁ ବଢିବା ଖରାପ ନୁହେଁ, ମୌଳିକତାକୁ ଭୁଲିଯିବା ଖରାପ । ଆକାଶରେ ଉଡ଼ିବା ପରେ ମାଟିକୁ ଭୁଲିଗଲେ ପାଦ ରଖିବା କୋଉଠି ? ଆମ ସଂସ୍କାର ଆମ ପରିଚୟ । ଆମେ ଯେତେ ଆଧୁନିକ ହେଲେ ମଧ ଆମ ପ୍ରଥା ପରମ୍ପରା, ସଂସ୍କାରକୁ । ଭୁଲିବା ଉଚିତ୍ ନୁହେଁ । ସ୍ୱଳ୍ପ ସମୟ ପାଇଁ ଆନନ୍ଦିତ ହେବେ ସିନା ଏଥିରେ କେବଳ ଦୁଃଖ ହତାଶା ହିଁ ସାର ହୁଏ ।

ଆଗରୁ ବାହାଘର ପରେ ଯାଇ ସ୍ୱାମୀର ମୁହଁ ଦେଖୁଥିଲା ସ୍ତ୍ରୀ, ପରିବାରର ପସନ୍ଦକୁ ନିଜ ପସନ୍ଦ ମାନିନେଇ ସାରା ଜୀବନ ଖୁସିରେ କାଟି ଦେଉଥିଲା । ଏବେ ବିବାହ ପୂର୍ବରୁ ପ୍ରି-ୱେଡିଂ ଫଟୋ ସୁଟ ଓ ବର, ବଧୂ ହେବା ପୂର୍ବରୁ, ବେଦୀରେ ହାତ ଗଣ୍ଠି ପଡ଼ିବା ପୂର୍ବରୁ ପରସ୍ପର ଆଲିଙ୍ଗନର ବିଭିନ୍ନ ପୋଜ୍ ଦେଇଥିବା ଫଟୋ, ଯାହା ଆମ ଘରର ମୁରବୀମାନଙ୍କ ସମ୍ମୁଖରେ ଏକ ଦୃଷ୍ଟିକଟୁ ହେବା ଭଳି ଅଶୃଙ୍ଖଳିତ ଆଚରଣ ପରି ମନେହୁଏ । ଯେତେ ଅଧିକ ଯାତ୍ରା ସେତେ ଅଧିକ ଯାତନା ଥାଏ ଜୀବନରେ । ଏତେ ଆୟୋଜନ, ନାଚ ଗୀତ, ଭୋଜି ଭାତ ସବୁ ଚୁଲିକୁ ଯାଏ । ମାତ୍ର ମାସ କେଇଟାରେ ପବିତ୍ର ବନ୍ଧନ ବଦଳି ଯାଏ ଅପବିତ୍ର ଆରୋପରେ । ଅଗ୍ନିକୁ ସାକ୍ଷୀ ରଖି ପ୍ରତିଜ୍ଞା ନେବା ଛୋଟ କଥା ନୁହେଁ, କିନ୍ତୁ ବୁଝୁଛି କିଏ ? ଆଜିକାଲି ଈଶ୍ୱରଙ୍କୁ ଏତେ ଶସ୍ତା କରିଦେଲେଣି ଯେ ପାପକୁ ବି ଭୟ ନାହିଁ କାହାର । କେବଳ ପ୍ରହସନ ଓ ଆଡମ୍ବର ଲୋକ ଦେଖଣା ପାଇଁ, ସେଥିପାଇଁ ଜୀବନ ଲୋକହସା ହେଉଛି । ଯଦି ବିବାହ ଭଳି ପବିତ୍ର ବନ୍ଧନର ମର୍ଯ୍ୟାଦା କଣ ହେବା ଦରକାର ପିଲାମାନଙ୍କୁ ଶିକ୍ଷା ଦିଆଯାଆନ୍ତା ପରିବାରରୁ ସଚେତନ କରାଇ ହୁଅନ୍ତା, ଧର୍ଯ୍ୟ, ସହନଶୀଳତା, ତ୍ୟାଗ, ଆଦର୍ଶ ଓ ଅପଣାପଣ ପିଲାମାନଙ୍କ ସଂସ୍କାର ହୋଇପାରନ୍ତା ତେବେ ଦାମ୍ପତ୍ୟ ଜୀବନ ଏତେ ଲୋକହସା ହୁଅନ୍ତା ନାହିଁ । ଏବେ ବାପା ମାଆ କେବଳ ବିବାହ ଭୋଜିର ଆୟୋଜନ କେତେ ଭଲ ହେବ, ଲୋକମାନଙ୍କୁ ଦେଖାଇବା ପାଇଁ ଏକ ପ୍ରତିଯୋଗିତାପୂର୍ଣ୍ଣ ଭାବ ରଖି ଲୋନ୍ କରି, ଜମିଜମା ବିକି ଖର୍ଚ୍ଚ କରୁଛନ୍ତି । ପିଲାମାନଙ୍କ ଦାମ୍ପତ୍ୟ କେତେ ଶୃଙ୍ଖଳିତ ହେବ, ସେ ପ୍ରତି ନଜର ନାହିଁ । ପିଲାମାନଙ୍କୁ ମାନସିକ ସ୍ତରରେ ଦକ୍ଷ, ଧର୍ଯ୍ୟଶୀଳ, ବିନମ୍ର, ସାହସୀ କରି ଗଢି ତୋଳିଲେ, ସେ ନିଜେ ହିଁ ନିଜ ପ୍ରତିକୂଳ ପରିସ୍ଥିତିକୁ ଅନୁକୂଳ କରିବା ପାଇଁ ସ୍ୱୟଂ ସକ୍ଷମ ହୋଇପାରିବେ । ବିତର୍କ, ଆରୋପ ପ୍ରତ୍ୟାରୋପ, ନିନ୍ଦା କେବେ ବି ସମସ୍ୟାର ସମାଧାନ କରେନାହିଁ ବରଂ ସମସ୍ୟାକୁ ଆହୁରି ଜଟିଳ କରିଥାଏ । ତେଣୁ ସ୍ଥିର ରହି ଆପୋଷ ବୁଝାମଣାରେ ସମ୍ପର୍କକୁ ସଜାଡ଼ିବା ଉଚିତ୍ । ସମ୍ପର୍କ ଈଶ୍ୱରଙ୍କ ଅନୁଗ୍ରହ ସହିତ ଗଢା ହୋଇଥିଲେ ଦୀର୍ଘଜୀବି ହୁଏ ଆଉ ସ୍ୱଇଚ୍ଛାର ପୂର୍ତ୍ତି ବା ଉଦ୍ଦେଶ୍ୟମୂଳକ ହୋଇଥିଲେ ବହୁ ଶୀଘ୍ର ତାର ପତନ ଘଟେ ।

+ ରାଉତ କମ୍ପ୍ଲେକ୍ସ, କଟକ ରୋଡ଼୍,
ଲକ୍ଷ୍ମୀସାଗର, ଭୁବନେଶ୍ୱର
ମୋ: ୯୪୩୯୭୨୬୦୬୦

# ପ୍ରତିଦିନ ଅଦା ସେବନ ଶରୀରରେ ମିଳେ ଅନେକ ଫାଇଦା

**ଭାରତୀୟ ରୋଷେଇ ଘରେ ଅଦା ଏକ ଅପରିହାର୍ଯ୍ୟ ମସଲା । ଏହା କେବଳ ଖାଦ୍ୟର ସ୍ୱାଦ ବଢ଼ାଏ ନାହିଁ, ବରଂ ଏହାର ଅନେକ ଔଷଧୀୟ ଗୁଣ ମଧ ରହିଛି । ଆୟୁର୍ବେଦରେ ଅଦାକୁ ଏକ 'ମହାଔଷଧ' ଭାବରେ ବିବେଚନା କରାଯାଏ । ଜଣେ ବିଶେଷଜ୍ଞ ଡାଏଟିସିଆନଙ୍କ ଅନୁଯାୟୀ, ଯଦି ଆପଣ କ୍ରମାଗତ ୬୦ ଦିନ (୨ ମାସ) ପର୍ଯ୍ୟନ୍ତ ପ୍ରତିଦିନ ସୀମିତ ପରିମାଣରେ ଅଦା ସେବନ କରନ୍ତି, ତେବେ ଆପଣଙ୍କ ଶରୀରରେ ଆଶ୍ଚର୍ଯ୍ୟଜନକ ପରିବର୍ତ୍ତନ ଦେଖିବାକୁ ମିଳିବ । ଜାଣନ୍ତୁ ଅଦା ସେବନ ଦ୍ୱାର କଣ ମିଳେ ଫାଇଦା ...**



**୧. ହଜମ ପ୍ରକ୍ରିୟାରେ ଉନ୍ନତି:**
ଅଦାରେ 'ଜିଞ୍ଜେରୋଲ୍' ନାମକ ଏକ ତତ୍ତ୍ୱ ଥାଏ, ଯାହା ହଜମ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଥାଏ । ୬୦ ଦିନ ଧରି ଅଦା ଖାଇବା ଦ୍ୱାରା ଗ୍ୟାସ୍, ବଦହଜମି ଏବଂ ପେଟ ଫୁଲିବା ଭଳି ସମସ୍ୟା ଦୂର ହୁଏ । ଏହା ପାକସ୍ଥଳୀରେ ଥିବା ଏନଜାଇମ ଗୁଡ଼ିକୁ ସକ୍ରିୟ କରିଥାଏ ।

**୨. ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି:**
ଅଦାରେ ଆଣ୍ଟି-ବ୍ୟାକ୍ଟେରିଆଲ୍ ଏବଂ ଆଣ୍ଟି-ଭାଇରାଲ୍ ଗୁଣ ରହିଛି । ପ୍ରତିଦିନ ଅଦା ଖାଇବା ଦ୍ୱାରା ଶରୀରର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଏ । ଏହା ଥଣ୍ଡା, କାଶ ଏବଂ ଋତୁକାଳୀନ ଜ୍ୱରରୁ ରକ୍ଷା କରିବାରେ ସାହାଯ୍ୟ କରେ । ୬୦ ଦିନ ପରେ ଆପଣ ଅନୁଭବ କରିବେ ଯେ ଆପଣ ଶୀଘ୍ର ଅସୁସ୍ଥ ହେଉନାହାନ୍ତି ।

**୩. ଗଣ୍ଠି ଯନ୍ତ୍ରଣାରୁ ମୁକ୍ତି:**
ଅଦାରେ ପ୍ରଦାହ ବିରୋଧୀ ଗୁଣ ଥାଏ । ଯେଉଁମାନଙ୍କର ଆର୍ଥ୍ରାଇଟିସ୍ ବା ଗଣ୍ଠି ଯନ୍ତ୍ରଣା ରହିଛି, ସେମାନଙ୍କ ପାଇଁ ଅଦା ଅତ୍ୟନ୍ତ ଲାଭଦାୟକ । ଲଗାତାର ଦୁଇ ମାସ ଅଦା ସେବନ କରିବା ଦ୍ୱାରା ଶରୀରର ଯନ୍ତ୍ରଣା ଏବଂ ମାଂସପେଶୀର କଠିନତା ହ୍ରାସ ପାଇଥାଏ ।

**୪. ଓଜନ ହ୍ରାସ ଏବଂ ମେଟାବୋଲିଜିମ୍:**
ଡାଏଟିସିଆନଙ୍କ ଅନୁଯାୟୀ, ଅଦା ମେଟାବୋଲିଜିମ୍ ବଢ଼ାଇବାରେ ସାହାଯ୍ୟ କରେ । ଏହା ଶରୀରରୁ ଅତିରିକ୍ତ ଚର୍ବି କମାଇବାରେ ସହାୟକ ହୋଇଥାଏ । ଯଦି ଆପଣ ଓଜନ କମାଇବାକୁ ଚାହୁଁଛନ୍ତି, ତେବେ ସକାଳେ ଅଦା ପାଣି ପିଇବା ୬୦ ଦିନ ମଧ୍ୟରେ ଉଲ୍ଲେଖନୀୟ ପରିଣାମ ଦେଇଥାଏ ।



**୫. କୋଲେଷ୍ଟ୍ରଲ ଏବଂ ହୃଦୟ ସ୍ୱାସ୍ଥ୍ୟ:**
ପ୍ରତିଦିନ ଅଦା ଖାଇବା ଦ୍ୱାରା ଖରାପ କୋଲେଷ୍ଟ୍ରଲ ସ୍ତର ହ୍ରାସ ପାଇଥାଏ । ଏହା ରକ୍ତ ସଞ୍ଚାଳନକୁ ଠିକ୍ ରଖେ ଏବଂ ରକ୍ତ ଜମାଟ ବାନ୍ଧିବାକୁ ଦିଏ ନାହିଁ, ଯାହା ହୃଦଘାତର ଆଶଙ୍କାକୁ କମ କରିଥାଏ ।

**୬. ମହିଳାଙ୍କ ପାଇଁ ଲାଭଦାୟକ:**
ମାସିକ ଧର୍ମ ସମୟରେ ହେଉଥିବା ଅସହ୍ୟ ଯନ୍ତ୍ରଣାରୁ ମୁକ୍ତି ପାଇବା ପାଇଁ ଅଦା ଏକ ପ୍ରାକୃତିକ ଔଷଧ । ଏହା ଯନ୍ତ୍ରଣା ନାଶକ ବଟିକା ଭଳି କାମ କରେ କିନ୍ତୁ ଏହାର କୌଣସି ପାର୍ଶ୍ୱ ପ୍ରତିକ୍ରିୟା ନଥାଏ ।

**୭. ରକ୍ତରେ ଶର୍କରା ନିୟନ୍ତ୍ରଣ:**
ଅଦା ଇନସୁଲିନ୍ ସେନସିଟିଭିଟିରେ ଉନ୍ନତି ଆଣିଥାଏ, ଯାହା ମଧୁମେହ (ଉସବଭରଯରଗ୍ଧ) ରୋଗୀଙ୍କ ପାଇଁ ରକ୍ତରେ ଶର୍କରା ସ୍ତର ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ ।

କିପରି ସେବନ କରିବେ ?
- ☐ ଆପଣ ପ୍ରତିଦିନ ସକାଳେ ଅଦା ଚା' କିମ୍ବା ଅଦା ପାଣି ପିଇପାରିବେ ।
- ☐ ଖାଦ୍ୟରେ ଅଦା ବଟା ବ୍ୟବହାର କରିପାରିବେ ।
- ☐ ଛୋଟ ଅଦା ଖଣ୍ଡରେ କଳା ଲୁଣ ଏବଂ ଲେମ୍ବୁ ମିଶାଇ ଖାଇବା ପୂର୍ବରୁ ସେବନ କଲେ ହଜମ ଭଲ ହୁଏ ।

**ମନେରଖନ୍ତୁ, ଅଦାର ପ୍ରଭାବ ଗରମ ହୋଇଥାଏ । ତେଣୁ ଦିନକୁ ୨ ରୁ ୪ ଗ୍ରାମରୁ ଅଧିକ ଅଦା ଖାଇବା ଅନୁଚିତ । ଯଦି ଆପଣଙ୍କର କୌଣସି ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ଅଛି କିମ୍ବା ଆପଣ ଗର୍ଭବତୀ ଅଛନ୍ତି, ତେବେ ଅଦାକୁ ନିୟମିତ ଖାଇବା ପୂର୍ବରୁ ଡାକ୍ତରଙ୍କ ପରାମର୍ଶ ନେବା ଜରୁରୀ । ୬୦ ଦିନ ପର୍ଯ୍ୟନ୍ତ ଅଦାକୁ ଖାଦ୍ୟରେ ସାମିଲ କଲେ ଆପଣ ନିଜ ଭିତରେ ଏକ ନୂତନ ଶକ୍ତି ଏବଂ ସୁସ୍ଥତା ଅନୁଭବ କରିବେ । ଏହା କେବଳ ଏକ ମସଲା ନୁହେଁ, ବରଂ ନିରୋଗ ଜୀବନ ପାଇଁ ପ୍ରକୃତିର ଏକ ବରଦାନ ।**

## ବିପଦରେ ଭାରତର ନଦୀ ମୁହାଣ: ମଣିଷକୃତ କାରଣରୁ ଦବୁଛି ମାଟି ଓ ବଢ଼ୁଛି ସଙ୍କଟ

ପ୍ରକୃତି ଓ ମଣିଷ ମଧ୍ୟରେ ଥିବା ଭାରସାମ୍ୟ ବିଗିଡିଗଲେ ତାହାର ପରିଣାମ କେତେ ଭୟାବହ ହୋଇପାରେ, ତାହା ସାମ୍ପ୍ରତିକ ଏକ ଅନ୍ତର୍ଜାତୀୟ ଗବେଷଣାରୁ ପୁଣିଥରେ ପ୍ରମାଣିତ ହୋଇଛି । ସାଟେଲାଇଟ୍ ବା କୃତ୍ରିମ ଉପଗ୍ରହରୁ ମିଳିଥିବା ତଥ୍ୟ ଆଧାରରେ ପ୍ରସ୍ତୁତ ଏହି ନୂତନ ଅଧ୍ୟୟନ ଭାରତର ପ୍ରମୁଖ ନଦୀ ବଦ୍ୱୀପ ବା ଡେଲ୍ଟା ଅଞ୍ଚଳଗୁଡ଼ିକ ପାଇଁ ଏକ ଚରମ ସତର୍କ ଘଣ୍ଟି ବଜାଇଛି । ବିଶେଷକରି ଓଡ଼ିଶା ପାଇଁ ଏହି ରିପୋର୍ଟ ଅତ୍ୟନ୍ତ ଉଦବେଗଜନକ, କାରଣ ରାଜ୍ୟର ଦୁଇ ପ୍ରମୁଖ ନଦୀ ବ୍ରାହ୍ମଣୀ ଓ ମହାନଦୀର ମୁହାଣ ଅଞ୍ଚଳ ବିଶ୍ୱର ଅନ୍ୟାନ୍ୟ ନଦୀ ମୁହାଣ ତୁଳନାରେ ଦ୍ରୁତ ଗତିରେ ଦବିବାରେ ଲାଗିଛି । ଏକ ଆନ୍ତର୍ଜାତୀୟ ଗବେଷକ ଦଳ ଦ୍ୱାରା କରାଯାଇଥିବା ଏହି ଅଧ୍ୟୟନରୁ ଜଣାପଡିଛି ଯେ ଭାରତର ନଦୀ ଡେଲ୍ଟାଗୁଡ଼ିକରେ ଭୂମିର ଉଚ୍ଚତା କ୍ରମାଗତ ଭାବେ ହ୍ରାସ ପାଉଛି ଏବଂ ଏହାର ମୁଖ୍ୟ କାରଣ ହେଉଛି ଅନିୟନ୍ତ୍ରିତ ମାନବୀୟ କାର୍ଯ୍ୟକଳାପ । ୟୁରୋପୀୟ ସ୍ପେସ୍ ଏଜେନ୍ସିର ସେଣ୍ଟିନେଲ୍-୧ ସାଟେଲାଇଟ୍ ଦ୍ୱାରା ୨୦୧୪ରୁ ୨୦୨୩ ମସିହା ମଧ୍ୟରେ ସଂଗୃହୀତ ଇଣ୍ଟରଫେରୋମେଟ୍ରିକ୍ ସିନ୍ଥେଟିକ୍ ଆପର୍ଚର୍ ରାଡାର୍ (InSAR) ତଥ୍ୟକୁ ବିଶ୍ଳେଷଣ କରି ଗବେଷକମାନେ ଏହି ନିଷ୍କର୍ଷରେ ପହଞ୍ଚିଛନ୍ତି । ଏହି ଅଧ୍ୟୟନରେ ବିଶ୍ୱର ୪୦ଟି ପ୍ରମୁଖ ଡେଲ୍ଟାକୁ ଅନ୍ତର୍ଭୁକ୍ତ କରାଯାଇଥିଲା, ଯେଉଁଥିରେ ଭାରତର ଛଅଟି ପ୍ରମୁଖ ନଦୀ—ଗଙ୍ଗା-ବ୍ରହ୍ମପୁତ୍ର, ବ୍ରାହ୍ମଣୀ, ମହାନଦୀ, ଗୋଦାବରୀ, କାବେରୀ ଏବଂ କାବାନିର ମୁହାଣ ସାମିଲ ଥିଲା ।

ଓଡ଼ିଶା ପାଇଁ ସବୁଠାରୁ ଚିନ୍ତାର ବିଷୟ ହେଲା ଯେ, ବ୍ରାହ୍ମଣୀ ଡେଲ୍ଟାର ପ୍ରାୟ ୭୭ ପ୍ରତିଶତ ଏବଂ ମହାନଦୀ ଡେଲ୍ଟାର ୬୯ ପ୍ରତିଶତ ଅଞ୍ଚଳ ବର୍ଷକୁ ୫ ମିଲିମିଟରରୁ ଅଧିକ ହାରରେ ଦବିବାରେ ଲାଗିଛି । ଏହି ପରିସଂଖ୍ୟାନ କେବଳ କାଗଜପତ୍ରର ହିସାବ ନୁହେଁ, ବରଂ ଏହା ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକ ପାଇଁ ଏକ ଆସନ୍ନ ବିପଦର ସୂଚନା ଦେଉଛି । ସାଧାରଣତଃ ନଦୀ ମୁହାଣଗୁଡ଼ିକ ପ୍ରାକୃତିକ ଭାବରେ ସମୟକ୍ରମେ ସାମାନ୍ୟ ଦବିଥାଏ, କାରଣ ନଦୀ ଦ୍ୱାରା ଅଣାଯାଇଥିବା ପଟୁମାଟି ଓ ଜୈବିକ ପଦାର୍ଥଗୁଡ଼ିକ ନିଜ ଓଜନରେ ସଙ୍କୁଚିତ ହୋଇଥାଏ । କିନ୍ତୁ ବର୍ତ୍ତମାନର ସମସ୍ୟା ହେଲା ଯେ, ମଣିଷକୃତ ହସ୍ତକ୍ଷେପ ଯୋଗୁଁ ଏହି ପ୍ରାକୃତିକ ପ୍ରକ୍ରିୟା ଅସ୍ୱାଭାବିକ ଭାବେ ତ୍ୱରାନ୍ୱିତ ହୋଇଛି । ଗବେଷକମାନେ 'ରାଣ୍ଡମ୍ ଫରେଷ୍ଟ ମେସିନ୍ ଲର୍ଣ୍ଣିଂ ମଡେଲ୍' ବ୍ୟବହାର କରି ଏହି ଭୂ-ସ୍ଖଳନ ବା ମାଟି ଦବିବା ପଛରେ ଥିବା ତିନୋଟି ମୁଖ୍ୟ କାରଣ ଚିହ୍ନଟ କରିଛନ୍ତି: ଭୂତଳ ଜଳର ଅତ୍ୟଧିକ ବ୍ୟବହାର, ନଦୀରେ ପଟୁମାଟି ପ୍ରବାହର ହ୍ରାସ ଏବଂ ଦ୍ରୁତ ସହରୀକରଣ । ଏହି ତିନୋଟି ଯାକ କାରଣ ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳରେ ସ୍ପଷ୍ଟ ଭାବେ ପରିଲକ୍ଷିତ ହେଉଛି ।

ବିଶେଷ ଭାବରେ ବ୍ରାହ୍ମଣୀ ନଦୀର ମୁହାଣ ଅଞ୍ଚଳ ଦ୍ରୁତ ସହରୀକରଣର ଚାପ ସହ୍ୟ କରୁଛି । କଳକାରଖାନା ପ୍ରତିଷ୍ଠା, ବନ୍ଦର ନିର୍ମାଣ ଏବଂ ଜନବସତିର ସମ୍ପ୍ରସାରଣ ଯୋଗୁଁ ମାଟି ଉପରେ ଅତ୍ୟଧିକ ଚାପ ପଡୁଛି, ଯାହା ଭୂମି ଦବିବାର କାରଣ ସାଜିଛି । ଅନ୍ୟପକ୍ଷରେ, ମହାନଦୀ ଓ କାବାନି ଡେଲ୍ଟାଗୁଡ଼ିକରେ ଭୂତଳ ଜଳର ଅତ୍ୟଧିକ ଉତ୍ତୋଳନ, ନଦୀବନ୍ଧ ଯୋଗୁଁ ପଟୁମାଟି ଆସିବାରେ ବାଧା ଏବଂ ଜନସଂଖ୍ୟା ବିସ୍ଫୋରଣର ମିଳିତ ପ୍ରଭାବ ଦେଖିବାକୁ ମିଳୁଛି । ନାସା ଏବଂ ଜର୍ମାନୀର ଗ୍ରେସ୍ (GRACE) ସାଟେଲାଇଟ୍ ତଥ୍ୟ ଅନୁଯାୟୀ, ଭୂତଳ ଜଳ ସ୍ତର କମିବା ଦ୍ୱାରା ମାଟି ତଳେ ଶୂନ୍ୟସ୍ଥାନ ସୃଷ୍ଟି ହେଉଛି, ଫଳରେ ଉପରର ମାଟି ତଳକୁ ଦବି ଯାଉଛି । ଯେତେବେଳେ ଆମେ ଗୋଟିଏ ପଟେ ସମୁଦ୍ର ଜଳସ୍ତର ବୃଦ୍ଧି ବା 'ସି ଲେଭଲ୍ ରାଇଜ୍' କଥା କହୁଛୁ, ସେତେବେଳେ ସ୍ଥଳଭାଗ ଦବିଯିବା ସମସ୍ୟାଟି ପରିସ୍ଥିତିକୁ ଆହୁରି ଜଟିଳ କରିଦେଉଛି । ଅଧ୍ୟୟନରୁ ଜଣାପଡିଛି ଯେ ଗଙ୍ଗା, ବ୍ରାହ୍ମଣୀ, ମହାନଦୀ ଏବଂ ଗୋଦାବରୀ ଭଳି ନଦୀ ମୁହାଣରେ ମାଟି ଦବିବାର ହାର ସମୁଦ୍ର ଜଳସ୍ତର ବୃଦ୍ଧି ହାର ଠାରୁ ମଧ୍ୟ ଅଧିକ ରହିଛି । ଏହାର ଅର୍ଥ ହେଲା, ସମୁଦ୍ର ଯେତିକି ଉପରକୁ ଉଠୁଛି, ତା'ଠାରୁ ଅଧିକ ବେଗରେ ଆମ ମାଟି ତଳକୁ ଯାଉଛି, ଯାହା ବନ୍ୟା ଓ ସାମୁଦ୍ରିକ ଜୁଆର ପ୍ରବେଶ ପାଇଁ ବାଟ ଫିଟାଉଛି ।

ଏହି ଭୂ-ସ୍ଖଳନର ପରିଣାମ ଅତ୍ୟନ୍ତ ଭୟଙ୍କର ହୋଇପାରେ । ପ୍ରଥମତଃ, ଏହାଦ୍ୱାରା ଉପକୂଳବର୍ତ୍ତୀ ଅଞ୍ଚଳରେ ବନ୍ୟା ପରିସ୍ଥିତି ଆହୁରି ସଙ୍ଗିନ ହେବ । ସାମାନ୍ୟ ବର୍ଷା କିମ୍ବା ଲଘୁଚାପରେ ମଧ୍ୟ ବିସ୍ତୀର୍ଣ୍ଣ ଅଞ୍ଚଳ ଜଳମଗ୍ନ ହେବାର ଆଶଙ୍କା ରହିଛି । ଦ୍ୱିତୀୟତଃ, ସମୁଦ୍ରର ଲୁଣା ପାଣି ନଦୀ ଓ ଭୂତଳ ଜଳସ୍ରୋତ ମଧ୍ୟକୁ ପ୍ରବେଶ କରିବ । ଏହାଦ୍ୱାରା କେବଳ ପାନୀୟ ଜଳର ସଙ୍କଟ ସୃଷ୍ଟି ହେବ ନାହିଁ, ବରଂ ହଜାର ହଜାର ହେକ୍ଟର ଚାଷଜମି ଲୁଣା ହୋଇ ନଷ୍ଟ ହୋଇଯିବ । କୃଷି ଉପରେ ନିର୍ଭର କରୁଥିବା ଓଡ଼ିଶାର ଗ୍ରାମୀଣ ଅର୍ଥନୀତି ପାଇଁ ଏହା ଏକ ଶକ୍ତ ଧକ୍କା ହେବ । କୃଷିଜମି ନଷ୍ଟ ହେଲେ ଜୀବିକା ହରାଇ ଲୋକମାନେ ଭିଟାମାଟି ଛାଡ଼ିବାକୁ ବାଧ୍ୟ ହେବେ, ଯାହା 'କ୍ଲାଇମେଟ୍ ମାଇଗ୍ରେସନ୍' ବା ଜଳବାୟୁଜନିତ ସ୍ଥାନାନ୍ତରଣକୁ ବଢ଼ାଇବ । ତୃତୀୟତଃ, ବନ୍ଦର, ରାସ୍ତାଘାଟ ଏବଂ ଅନ୍ୟାନ୍ୟ ଭିତ୍ତିଭୂମି ପ୍ରତି ବିପଦ ସୃଷ୍ଟି ହେବ । ଉଦାହରଣ ସ୍ୱରୂପ, କୋଲକାତା ସହରର ଉଦାହରଣ ନିଆଯାଇପାରେ, ଯେଉଁଠାରେ ସହରର ବିଶାଳ ଓଜନ ଏବଂ ସମ୍ବଳର ଅତ୍ୟଧିକ ବ୍ୟବହାର ଯୋଗୁଁ ସେଠାକାର ମାଟି ଦ୍ରୁତ ଗତିରେ ଦବୁଛି । ଓଡ଼ିଶାର ପାରାଦୀପ କିମ୍ବା ଧାମରା ଭଳି ବନ୍ଦର ଅଞ୍ଚଳରେ ମଧ୍ୟ ଭବିଷ୍ୟତରେ ସମାନ ପରିସ୍ଥିତି ଉପୁଜିବାର ଆଶଙ୍କାକୁ ଏଡ଼ାଇ ଦିଆଯାଇନପାରେ ।

ଗବେଷକମାନେ ଗଙ୍ଗା-ବ୍ରହ୍ମପୁତ୍ର ଡେଲ୍ଟା ବିଷୟରେ ଏକ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ ଦେଇଛନ୍ତି, ଯାହା ସମସ୍ତ ନଦୀ ମୁହାଣ ପାଇଁ ପ୍ରଯୁଜ୍ୟ । ସେମାନେ କହିଛନ୍ତି ଯେ ବିଂଶ ଶତାବ୍ଦୀରେ ଯାହା ଏକ 'ଲୁକ୍କାୟିତ ବିପଦ' ଥିଲା, ଏକବିଂଶ ଶତାବ୍ଦୀରେ ତାହା ଏକ 'ଅପ୍ରସ୍ତୁତ ବୁଡ଼ାଳି' (Unprepared Diver)ର ଅବସ୍ଥା ଧାରଣ କରିଛି । ଅର୍ଥାତ୍, ବିପଦର ମାତ୍ରା ଯଥେଷ୍ଟ ବୃଦ୍ଧି ପାଇଛି, କିନ୍ତୁ ଏହାର ମୁକାବିଲା କରିବା ପାଇଁ ଆମର ଆନୁଷ୍ଠାନିକ କ୍ଷମତା ବା ପ୍ରସ୍ତୁତି ସେହି ଅନୁପାତରେ ବଢ଼ିନାହିଁ । ଜଳବାୟୁ ପରିବର୍ତ୍ତନର ସବୁଠାରୁ ଖରାପ ପରିସ୍ଥିତି (Worst-case scenario)କୁ ବିଚାରକୁ ନେଲେ, ଗୋଦାବରୀ ଡେଲ୍ଟା ଭଳି ଅଞ୍ଚଳରେ ଭବିଷ୍ୟତର ମାଟି ଦବିବା ହାର ବିଶ୍ୱ ସମୁଦ୍ର ପତ୍ତନ ବୃଦ୍ଧି ହାରକୁ ମଧ୍ୟ ଟପିଯିବ ବୋଲି ଆକଳନ କରାଯାଇଛି । ଏହା କେବଳ ଏକ ପରିବେଶଗତ ସମସ୍ୟା ନୁହେଁ, ବରଂ ଏକ ମାନବୀୟ ସଙ୍କଟ । ପ୍ରାୟ ୩୪ କୋଟିରୁ ଊର୍ଦ୍ଧ୍ୱ ଲୋକ ବିଶ୍ୱବ୍ୟାପୀ ଏହି ଡେଲ୍ଟା ଅଞ୍ଚଳଗୁଡ଼ିକରେ ବସବାସ କରନ୍ତି । ତେଣୁ ଏହି ସମସ୍ୟାର ସମାଧାନ ପାଇଁ ତୁରନ୍ତ ଏବଂ ଦୀର୍ଘମିଆଦୀ ପଦକ୍ଷେପ ନେବାର ଆବଶ୍ୟକତା ରହିଛି ।

ଏହି ସଙ୍କଟର ମୁକାବିଲା ପାଇଁ ସରକାର ଏବଂ ନୀତି ନିର୍ଦ୍ଧାରକମାନଙ୍କୁ ବର୍ତ୍ତମାନର ବିକାଶ ମଡେଲ୍ ଉପରେ ପୁନର୍ବିଚାର କରିବାକୁ ପଡ଼ିବ । ପ୍ରଥମେ, ଭୂତଳ ଜଳର ଅନିୟନ୍ତ୍ରିତ ବ୍ୟବହାର ଉପରେ କଟକଣା ଲଗାଇବା ଜରୁରୀ । ଶିଳ୍ପ ଓ କୃଷି କ୍ଷେତ୍ରରେ ଭୂତଳ ଜଳ ବଦଳରେ ଭୂପୃଷ୍ଠ ଜଳର ବ୍ୟବହାରକୁ ପ୍ରୋତ୍ସାହନ ଦେବାକୁ ହେବ ଏବଂ ବର୍ଷାଜଳ ଅମଳ ପ୍ରକଳ୍ପକୁ ବାଧ୍ୟତାମୂଳକ କରିବାକୁ ପଡ଼ିବ । ଦ୍ୱିତୀୟରେ, ନଦୀ ବନ୍ଧ ଯୋଜନାଗୁଡ଼ିକୁ ଏଭଳି ଭାବେ ପରିଚାଳନା କରିବାକୁ ହେବ ଯେପରି ନଦୀର ତଳମୁଣ୍ଡକୁ ପର୍ଯ୍ୟାପ୍ତ ପରିମାଣର ପଟୁମାଟି ପ୍ରବାହିତ ହୋଇପାରିବ । ପଟୁମାଟି ହେଉଛି ଡେଲ୍ଟାର ଜୀବନ; ଏହା ବିନା ଭୂମିର ଉଚ୍ଚତା ବଜାୟ ରଖିବା ଅସମ୍ଭବ । ତୃତୀୟରେ, ଉପକୂଳବର୍ତ୍ତୀ ଅଞ୍ଚଳରେ ସହରୀକରଣ ଏବଂ ଭିତ୍ତିଭୂମି ନିର୍ମାଣ ପାଇଁ କଠୋର ନିୟମ ପ୍ରଣୟନ କରିବା ଆବଶ୍ୟକ । ଯେଉଁଠି ସେଠି ବଡ଼ ବଡ଼ କୋଠାବାଡ଼ି ନିର୍ମାଣ କରିବା ଦ୍ୱାରା ମାଟି ଉପରେ ଚାପ ବଢୁଛି, ଯାହାକୁ ନିୟନ୍ତ୍ରଣ କରିବା ଦରକାର ।

ପରିଶେଷରେ, ଏହି ଗବେଷଣା ଆମକୁ ଚେତାଇ ଦେଇଛି ଯେ ପ୍ରକୃତିର ଏକ ସହନଶୀଳତା ସୀମା ରହିଛି । ମଣିଷର ଦଖଲ ଯେତେବେଳେ ସେହି ସୀମା ଟପିଯାଏ, ସେତେବେଳେ ପ୍ରକୃତି ନିଜର ଭାରସାମ୍ୟ ହରାଏ ଏବଂ ବିପର୍ଯ୍ୟୟର ରୂପ ନିଏ । ବ୍ରାହ୍ମଣୀ ଓ ମହାନଦୀ ଡେଲ୍ଟାର ଦବିଯିବା ଘଟଣାକୁ ଆମେ ଯଦି ଏବେଠାରୁ ଗମ୍ଭୀରତାର ସହ ଗ୍ରହଣ ନ କରିବା, ତେବେ ଭବିଷ୍ୟତ ପିଢ଼ି ପାଇଁ ଆମେ ଏକ ସୁରକ୍ଷିତ ବାସସ୍ଥାନ ଛାଡ଼ି ଯାଇପାରିବା ନାହିଁ । ଏହା କେବଳ ଏକ ଭୌଗୋଳିକ ପରିବର୍ତ୍ତନ ନୁହେଁ, ବରଂ ଏକ ଜରୁରୀ ପରିବେଶ ସଙ୍କଟ, ଯାହାର ସମାଧାନ ପାଇଁ ବୈଜ୍ଞାନିକ ଦୃଷ୍ଟିକୋଣ ଏବଂ ଦୃଢ଼ ରାଜନୈତିକ ଇଚ୍ଛାଶକ୍ତିର ଆବଶ୍ୟକତା ରହିଛି । ସମୟ ଗଡ଼ିଯିବା ପୂର୍ବରୁ ଆମକୁ ସଚେତନ ହେବାକୁ ପଡ଼ିବ, ନଚେତ୍ ସମୁଦ୍ର ଗର୍ଭରେ ଆମର ସଭ୍ୟତା ଓ ସଂସ୍କୃତିର ମୂକସାକ୍ଷୀ ଥିବା ଏହି ନଦୀ ମୁହାଣଗୁଡ଼ିକ ଲୀନ ହୋଇଯିବାର ଆଶଙ୍କାକୁ ଏଡ଼ାଇ ଦିଆଯାଇନପାରେ ।

## ଏ ଯୁଦ୍ଧର ଅନ୍ତ ନାହିଁ


ଡ଼. ମନୋଜ କୁମାର ମହାନ୍ତି


ଯେତେଥର ଇତିହାସ ପୃଷ୍ଠାକୁ ଉନ୍ମୋଚନ କରାଯାଇଛି, ଇତିହାସର କେଉଁ ପୃଷ୍ଠାରେ ନା କେଉଁ ପୃଷ୍ଠାରେ ଯୁଦ୍ଧର ଲୋମହର୍ଷଣକାରୀ ରକ୍ତରଞ୍ଜିତ ପୃଷ୍ଠାର ବିବରଣୀ ଆମ ହସ୍ତଗତ ହୋଇଛି । ସୃଷ୍ଟିର ଆରମ୍ଭରୁ ମଣିଷର ଔଦ୍ଧତ୍ୟ ସହ ଇତିହାସ ସମ୍ପୂର୍ଣ୍ଣ ଜଡ଼ିତ । ଅଧିକାଂଶ ମଣିଷର ସ୍ୱପ୍ନ ଅନ୍ୟକୁ ଦମନ କରି ଏକଛତ୍ରବାଦର ଜୀବନ ଜିଇଁବାକୁ । ସେ ଶାନ୍ତିର ମନ୍ତ୍ରକୁ ଉଚ୍ଚାରଣ କରେ କିନ୍ତୁ ଯୁଦ୍ଧ ଓ ଅଶାନ୍ତିର ବହ୍ନି ଜାଳି ବିଶ୍ୱକୁ ନିଜ ନିୟନ୍ତ୍ରଣରେ ରଖିବାକୁ ଆନ୍ତରିକ ଉଦ୍ୟମ ଜାରିରଖେ । ଏସିଆରୁ ୟୁରୋପ, ଆଫ୍ରିକାରୁ ଅଷ୍ଟ୍ରେଲିଆ ଉପତ୍ୟକା ସମୂହ ଅସ୍ତ୍ରଶସ୍ତ୍ରରେ ସମ୍ପୂର୍ଣ୍ଣ ସୁସୋଜ୍ଜିତ । ଲୋମହର୍ଷଣକାରୀ କୋଳାହଳ ପରିବେଶ । ନଇପଠା, ଝାଉଁବଣ, କୃଷିକ୍ଷେତ ସବୁଠି ଗୁଳିଗୋଳା, ବାରୁଦଗନ୍ଧରେ ଅସ୍ତିତ୍ୱ ହରାଇଛନ୍ତି ସବୁଜିମା ନିରୀହ କୀଟପତଙ୍ଗ, ବାଳୁତ ବୃଦ୍ଧ ଓ ବନିତା । ଅଶାନ୍ତିର ନିଆଁ ଏ ବିଶ୍ୱର ବାତାବରଣକୁ ଧୀରେ ଧୀରେ ଜାଳିପୋଡ଼ି ପାଉଁଶରେ ପରିଣତ କରାଇବାରେ ଲାଗିଛି । ଶାନ୍ତି-ମୈତ୍ରୀ-କରୁଣାର ବାର୍ତ୍ତା ପ୍ରଚାରିତ କରୁଥିବା ମଣିଷର ଯୁଦ୍ଧ କରିବାର ବିଳାସରୁ ଫୁରସତ ମିଳୁଛି କେଉଁଠି ? ଜଗତୀକରଣ ମାଧ୍ୟମରେ ଏକ ସୁନ୍ଦର ପୃଥିବୀର ପରିକଳ୍ପନା ଏକ ଲୋକ ଦେଖାଣିଆ । ଶାନ୍ତିଃ ପ୍ରତିଷ୍ଠା କେବଳ ଏକ ମିଛ ବାହାନା । ଟିକେ ସୁଖରେ ରହିବାକୁ, ଶାନ୍ତିରେ ନିଶ୍ୱାସ ମାରିବାକୁ, ଜୀବନକୁ ମଧୁମୟ ଭାବୁଥିବା ଲୋକଗୁଡ଼ାକ କାହିଁକି ଯୁଦ୍ଧକୁ ଆହ୍ୱାନ କରନ୍ତି କେଜାଣି ? ନିସଂଗ ଜୀବନଯାପନକୁ ବିପଦପୂର୍ଣ୍ଣ ଅନୁଭବ କରି ସଂଘବଦ୍ଧ ଜୀବନକୁ ଆପଣେଇବା, ଏକତ୍ର ସହାବସ୍ଥାନରୁ ଆରମ୍ଭ ହେଲା ପ୍ରତିଦ୍ୱନ୍ଦିତାମୂଳକ ଜୀବନ । ବାହୁବଳ, ବିଚକ୍ଷଣ ବୁଦ୍ଧି ସହାୟତାରେ ନିଜକୁ ଶାସକ ଭାବେ ଆତ୍ମଘୋଷିତ କରାଇ ନିଜର ପ୍ରଭୂତ୍ୱ ବିସ୍ତାର ସହ ବିଶ୍ୱବିଜୟୀର ସ୍ୱପ୍ନ ଦେଖିଲା ଦୁଷ୍ଟ ମଣିଷ । ରାଜସ୍ୱ ଭରଣପୋଷଣ, ନିଜ ସାମ୍ରାଜ୍ୟର ଭୌଗଳିକ ମାନଚିତ୍ରର ପରିସୀମା ବର୍ଦ୍ଧନ, ଧନସମ୍ପଦ ଲୁଣ୍ଠନ ସହ ନିଜ ଧର୍ମର ଧ୍ୱଜା ଉଡେଇବା ଲକ୍ଷ୍ୟରେ ସେ ଯୁଦ୍ଧକୁ କଲା ଏକ ବୃହତ୍ ମାଧ୍ୟମ । ଆକ୍ରମଣର ପ୍ରମୁଖ ସ୍ଥାନ ଭାବରେ ରାଜ୍ୟର ରାଜଧାନୀ, ରାଜଉଆସ, ରାଜକୋଷଗୃହ, ପ୍ରାଚୀନ ମଠମନ୍ଦିର ଆଦିକୁ ଆକ୍ରମଣ କରି ଅମାପ ଧନସମ୍ପଦ ତଥା ମୂଲ୍ୟବାନ ଧାତୁକୁ ହାତେଇବାକୁ ଚାହିଁଲା । ବିଶ୍ୱର ଅନେକ ସଭ୍ୟତା ସହ ଛୋଟବଡ଼ ସାମ୍ରାଜ୍ୟ ମୁଣ୍ଡ ଟେକି ପୁଣି ସମୟ ସ୍ରୋତରେ ତାର ବିଲୟ ଘଟିଛି । ଯୁଦ୍ଧର ଜୟ ପରାଜୟରେ ଅନେକ ରାଜବଂଶର ସୂର୍ଯ୍ୟୋଦୟ ସହ ସୂର୍ଯ୍ୟାସ୍ତ ଘଟିଛି । ରାଜତନ୍ତ୍ର ପରେ ଔପନିବେଶବାଦର ଯୁଗ, ପରକୁ ଆରମ୍ଭ ହୋଇଛି ଗଣତନ୍ତ୍ରଭିତ୍ତିକ ଶାସନ ବ୍ୟବସ୍ଥା । ଶାସନ ବ୍ୟବସ୍ଥାର ପରିବର୍ତ୍ତନ ହୋଇଛି କିନ୍ତୁ ଶାସକର ପ୍ରତିଦ୍ୱନ୍ଦିତା ମନୋବୃତ୍ତି ବଦଳି ନାହିଁ । ଯୁଦ୍ଧ ଆକ୍ରମଣର ପୃଷ୍ଠଭୂମିର ଆଧାର ମଧ୍ୟ ବଦଳିଛି । ପ୍ରାଚୀନ ଅସ୍ତ୍ରଶସ୍ତ୍ରକୁ ଅତ୍ୟାଧୁନିକ ଢ଼ଙ୍ଗରେ ଉପସ୍ଥାପିତ କରାଯାଇଛି । ବାରୁଦ, ବନ୍ଧୁକ ଓ କ୍ଷେପଣାସ୍ତ୍ରରୂପକ ବୋମାମାଡ଼ ଯୁଦ୍ଧ ମାନୋବୃତ୍ତି ଓ ଆକ୍ରମଣକୁ ମଜବୁତ୍ କରିଛି ।

କଳିଙ୍ଗଯୁଦ୍ଧ ଭାରତ ଇତିହାସର ଏକ ଅବିସ୍ମରଣୀୟ ଦୁଃଖଦପୂର୍ଣ୍ଣ ଅଧ୍ୟାୟ ଯାହାର ଫଳାଫଳ ଥିଲା ଅତ୍ୟନ୍ତ ଭୟଙ୍କର । ତାର ମୂକସାକ୍ଷୀ ଧଉଳୀସ୍ତୁପର ଧ୍ୟାନମଗ୍ନ ବୁଦ୍ଧ । ନେପୋଲିୟନ ୱାରରୁ ଦ୍ୱିତୀୟ ବିଶ୍ୱଯୁଦ୍ଧ ପର୍ଯ୍ୟନ୍ତ ସବୁର ପ୍ରଚ୍ଛଦପଟରେ ଥିଲା ସାମରିକବାଦର ବୃଦ୍ଧି,ସାମ୍ୟବାଦ ପ୍ରତିଷ୍ଠା ସହ ଅର୍ଥନୈତିକ ଓ ରାଜନୈତିକ ସମାନତା । ଦୁଇ ଦୁଇଟି ବିଶ୍ୱଯୁଦ୍ଧ ପରେ ମଣିଷ ଭାବିଥିଲା ଟିକେ ଶାନ୍ତିରେ ନିଶ୍ୱାସ ମାରିବ । ବିଂଶ ଶତାବ୍ଦୀର ପ୍ରଥମ ଦଶକରେ ଇରାକ ଉପରେ ଆମେରିକାର ଆକ୍ରମଣ ଓ ଶେଷରେ ସଦାମ ହୁସେନକୁ ଫାଶୀଦଣ୍ଡ । ପରକୁପର ଆମେରିକାର ଆଫଗାନସ୍ଥାନରେ ସୈନ୍ୟ ନିୟୋଜନ ସହ ନିୟନ୍ତ୍ରଣ । ୟୁକ୍ରେନ ଓ ରୁଷିଆ ମଧ୍ୟରେ ତିନି ବର୍ଷରୁ ଅଧିକ ସମୟଧରି ଲାଗି ରହିଥିବା ଯୁଦ୍ଧ ଅନ୍ତ ହେବାରେ କୌଣସି ସଂକେତ ମିଳୁନାହିଁ । ପାଲେଷ୍ଟାଇନ ଓ ଇସ୍ରାଏଲ ମଧ୍ୟରେ ଚାଲିଥିବା ଯୁଦ୍ଧର ପରିଣତି ଧ୍ୱଂସବିଧ୍ୱଂସ ଗାଜା ଆମ ଆଖି ସାମନାରେ । ବିଶ୍ୱରେ ଅବସ୍ଥିତ ଛୋଟବଡ଼, ଧନୀ ଗରିବ, ଶିକ୍ଷିତ ଅଶିକ୍ଷିତ ଓ ଅର୍ଦ୍ଧଶିକ୍ଷିତ ପ୍ରତିଟି ଦେଶ ନିଜର ସାମରିକ ଶକ୍ତିକୁ ମଜବୁତ୍ ଲକ୍ଷ୍ୟରେ ବ୍ୟସ୍ତ । ଶକ୍ତିଶାଳୀ ଋଷ୍, ଚୀନ, ଆମେରିକା ଓ ଇସ୍ରାଏଲ ଯୁଦ୍ଧପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ । ନିଜକୁ ଶ୍ରେଷ୍ଠ ଶକ୍ତିଶାଳୀ ଦେଶରୂପେ ଆମେରିକା ନିଜ ବଳ ସବୁଠି ପ୍ରୟୋଗରେ ବ୍ୟସ୍ତ । ଯୁଦ୍ଧଭଳି ଭୟଙ୍କର ପରିସ୍ଥିତି ସୃଷ୍ଟି ସହ ଅନ୍ୟକୁ କଳେବଳେ କୌଶଳେ ଦମନ କରିବାରେ ସର୍ବଦା ଚେଷ୍ଟିତ । କେବେ ଭେଞ୍ଜୁଆଲା ପୁଣି କେବେ ଗ୍ରୀନଲ୍ୟାଣ୍ଡକୁ ନିଜ ଅଧୀନରେ ରଖିବାକୁ ପ୍ରୟାସ ସହ ପାକିସ୍ଥାନ, ନେପାଳ ବାଂଲାଦେଶ ଭଳି ଗରିବ ଦେଶକୁ ଆର୍ଥିକ ଅନୁଦାନ ମାଧ୍ୟମରେ ଭାରତ ଭଳି ଦେଶ ବିରୋଧରେ ସୀମା ବିବାଦ ସୃଷ୍ଟି କରିବାରେ ମତେଇବା ।

ଅଧିକାଂଶ ଯୁଦ୍ଧର ଉତ୍ପତ୍ତି ଅହଙ୍କାର ଓ ଜିଦିଖୋର୍ ମନୋବୃତ୍ତିରୁ । କିଛି ଦେଶ ନିଜର ପ୍ରାରମ୍ଭିକ ଲକ୍ଷ୍ୟ ପୂରଣ ଯଥା ବାଣିଜ୍ୟିକ ସମ୍ପର୍କ ମାଧ୍ୟମରେ ନିଜ ଉତ୍ପାଦିତ ଦ୍ରବ୍ୟପାଇଁ ଏକ ଉପଯୁକ୍ତ ବଜାର ସ୍ଥାପନ କରି ନିଜ ଅର୍ଥନୀତିକୁ ସୁଦୃଢ଼ କରିବା । ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଦେଶର ପ୍ରାକୃତିକ ସମ୍ପତ୍ତିକୁ ସ୍ୱଳ୍ପ ମୂଲ୍ୟରେ ନିଜର ହକ୍ ଜାହିର କରିବା । ବିଶ୍ୱରେ ଥିବା ଗଚ୍ଛିତ ସାମୁଦ୍ରିକ ତୈଳଭଣ୍ଡାର ଓ ମୂଲ୍ୟବାନ ଧାତୁ ହାତେଇବା ସହ ଅନ୍ୟଦେଶକୁ ନିଜ ଅଧିନକୁ ଆଣିବା । ଦେଶଦେଶ ମଧ୍ୟରେ ଚାଲିଥିବା ଶୀତଳ ପ୍ରତିଦ୍ୱନ୍ଦିତା, ନିଜର ସାମରିକ ଶକ୍ତି ପ୍ରୟୋଗପୂର୍ବକ ବିସ୍ତାରବାଦ ସହ ଅନ୍ୟକୁ ଦମନ କରିବା, ଧର୍ମ, ସଭ୍ୟତା ଓ ସଂସ୍କୃତିର ବିଲୋପର ଷଡଜନ୍ତ୍ର ଏବଂ ନିଜ ଦେଶର ଅର୍ଥନୈତିକ ଅଭିବୃଦ୍ଧି ସହ ରାଷ୍ଟ୍ରର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାପାଇଁ କରୁଥିବା ପ୍ରୟାସ ହିଁ ଯୁଦ୍ଧ ଉତ୍ପତ୍ତିର ପ୍ରମୁଖ କାରଣ । ଯାହାର ପରବର୍ତ୍ତୀ ଫଳାଫଳ କେବଳ ସାଧାରଣ ଜନଜୀବନ ନଷ୍ଟ ସହ ଅର୍ଥନୀତିର ବିନାଶ ଘଟିଛି । ସଭ୍ୟତାର ଧ୍ୱଂସ, ରକ୍ତପାତ, ମାନବଜାତିର ଅବନତିକୁ ବାଦଦେଲେ ଏ ଯୁଦ୍ଧରୁ ମାନବ ପାଇଛି କଣ ? ଧ୍ୱଂସ, ବାସଚ୍ୟୁତ, ଜୀବନ କଲବଲ୍, କଦାଗାର ଓ ବିଭତ୍ସ ପରିଶେଷରେ ଶ୍ରୀହୀନ ସବୁଜିମା ଏସବୁ ତ ଯୁଦ୍ଧର ଫଳାଫଳ । ମା ଓ ସ୍ତ୍ରୀ ବିଧବା, ପୁତ୍ରହରା, ପିତୃହରା, ଏବଂ ନିସ୍ୱଅସହାୟ ପାଲଟିଛି ମଣିଷ । ବିକଳାଙ୍ଗ ସନ୍ତାନସନ୍ତତି, ଛିନ୍ନହୋଇଛି ମାତୃତ୍ୱର ପଣତକାନି ଛାୟୀ । ଏ ପୃଥିବୀରୁ ଯୁଦ୍ଧ କେବେ ସରିବନାହିଁ । ଯୁଦ୍ଧରୁ ମଣିଷ ନା କେବେ ଦୂରେଇଛି ନା ଦୂରେଇ ପାରିବ । କାରଣ ବିଶ୍ୱର ଗୋଟିଏ କୋଣରେ ଯୁଦ୍ଧ ସରୁସରୁ ଅନ୍ୟ ଏକ କୋଣରେ ଯୁଦ୍ଧର ସୂତ୍ରପାତ ହେବା କିଛି ନୂଆକଥା ନୁହେଁ । ଶତଚେଷ୍ଟା କଲେ ମଧ୍ୟ ମଣିଷ ଯୁଦ୍ଧରୁ ନିଜକୁ ନିବୃତ୍ତ କରିପାରିବ ନାହିଁ, କାରଣ ଯୁଦ୍ଧ ମଣିଷର ରକ୍ତରେ, ଶିରାପ୍ରଶିରାରେ ଓ ମନରେ କେବେଠୁ ବସା ବାନ୍ଧିସାରିଛି ।


ଦର୍ଶନ ବିଭାଗୀୟ ମୁଖ୍ୟ
ବି.ଏନ.ଏମ.ଏ ମହାବିଦ୍ୟାଳୟ
ଭଦ୍ରକ,
ମୋ:୮୮୯୫୩୪୧୦୩୩


## ଅଙ୍ଗନବାଡ଼ି ଛତୁଆରେ ରାଜନୀତି




ତପନ କୁମାର ସାମଲ


ଅନେକ ହୁଏତ ଜାଣି ଆଶ୍ଚର୍ଯ୍ୟ ହେବେ ମହିଳା ଓ ଶିଶୁମାନଙ୍କ ପାଇଁ ପ୍ରସ୍ତୁତ ହେଉଥିବା ଛତୁଆ ଓଡ଼ିଶା ରାଜନୀତିର ବଡ଼ ଭୂମିକା ରଖିଥାଏ । ବିଗତ ବିଜେଡ଼ି ସରକାରଙ୍କ ସମୟରେ ଅତି ଗରିବ ଶ୍ରେଣୀର ଯେ କେହି ବି ଜଣେ ଆରମ୍ଭ କରିଥିବା ସ୍ୱୟଂ ସହାୟିକା ଗୋଷ୍ଠୀରେ ମହିଳା ମାନଙ୍କୁ ଢ଼ାଲ କରି କୋଟି କୋଟି ଟଙ୍କା ଚଳୁ କରିଛନ୍ତି । ଦୁର୍ଭାଗ୍ୟର ପରିଣାମ ସ୍ୱରୂପ ନିମ୍ନମାନର, ଅସ୍ୱାସ୍ଥିକର ଛତୁଆ ଖାଇ ମହିଳା ଓ ଛୋଟ ଛୁଆମାନେ କ୍ଷତିଗ୍ରସ୍ତ ହେଉଥିଲେ ମଧ୍ୟ କିନ୍ତୁ ଛତୁଆ ମାଫିଆ ଗୋଷ୍ଠୀ ଭଲ ଭାବରେ ପକେଟ ଗରମ କରନ୍ତି । ସେମାନେ ଏହି ଛତୁଆ ଯୋଗାଣର ମୁଖ୍ୟ ଅଧିକାରୀ କୁହାଯାଉଥିବା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ସ୍ଥାନୀୟ ବିଧାୟକ, ସିଡ଼ିପିଓ ଓ ଛତୁଆ ବଣ୍ଟନ ହେଉଥିବା ଅଞ୍ଚଳର କୁଜି ନେତା, ପୋଲିସ, କ୍ଲବ ସଂଗଠନ, ଓ ଛୋଟମୋଟର ଅସାମାଜିକ ଶ୍ରେଣୀକୁ ହାତ କରି ସେମାନଙ୍କୁ ନିର୍ଦ୍ଦିଷ୍ଟ ଅର୍ଥ ରାଶି ଦେଇ ନିଜ ଫାଇଦା ହାସଲ କରନ୍ତି । ଓଡିଶାରେ ବିଜେପି ନେତୃତ୍ୱରେ ଡବଲ ଇଞ୍ଜିନ ସରକାର ଗଠିତ ହେବାପରେ କୌଣସି ଅନୁଷ୍ଠାନକୁ ଆଉ ଛତୁଆ ବଣ୍ଟନର କାର୍ଯ୍ୟ ନ ଦିଆଯାଇ ରାଜ୍ୟର ପ୍ରତିଷ୍ଠିତ ଶିଳ୍ପ ଉଦ୍ୟୋଗୀମାନଙ୍କୁ ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲେ ମଧ୍ୟ ରାଜନୈତିକ ଚାପରେ ନିଷ୍ପତ୍ତି ଚେପା ହୋଇଯାଇଛି । କାରଣ ଛତୁଆ ବଣ୍ଟନ ଯେଉଁ ସହାୟିକା ଗୋଷ୍ଠୀ ପାଇବେ ଏହାର ମୁଖ୍ୟ ନିର୍ଦ୍ଧାରକ ରହିଥାନ୍ତି ସ୍ଥାନୀୟ ବିଧାୟକ ।

କୋମଳମତି ଶିଶୁ ଓ ମହିଳାଙ୍କ ସ୍ୱାସ୍ଥ୍ୟ ବିକାଶ ପାଇଁ ସରକାର ବିଦ୍ୟାଳୟ ସ୍ତରରେ ଛତୁଆ ଓ ରନ୍ଧା ଖାଦ୍ୟ ଯୋଗାଣ ବ୍ୟବସ୍ଥା କରିଛନ୍ତି । ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବୀ ହେବା ପାଇଁ ସରକାର ଯୋଜନା ରଖିଥିଲେ ବି କେଉଁଠି ଛତୁଆର ମାନ ଠିକ ରହୁନାହିଁ ତ କେଉଁଠି ଛତୁଆର ଓଜନ କମ୍ ରହୁଛି । କେଉଁଠି ନିମ୍ନମାନର ସୁଜି ଓ ଚିନି ପ୍ରଦାନ କରାଯାଉଥିଲାବେଳେ କେଉଁଠି ପୋକ ସାଲୁବାଲୁର ଖବର ଗଣମାଧ୍ୟମରେ ପ୍ରକାଶ ପାଉଛି । ଭାତ ହାଣ୍ଡିରୁ ଗୋଟିଏ ପରି ଆମେ ଏଠାରେ ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକ ଅଧୀନରେ ଥିବା ସାଇବାବା ସ୍ୱୟଂ ସହାୟକ ଗୋଷ୍ଠୀକୁ ପ୍ରାମାଣିକ ଭାବେ ଉଲ୍ଲେଖ କରୁଛୁ । ଏହି ଅନୁଷ୍ଠାନର ମୁଖ୍ୟ କାର୍ପେଟଦାର ଜଣେ ଛତୁଆ ମାଫିଆ, ସୁଧ ଲଗାଉଥିବା ବ୍ୟବସାୟୀ, ଚୋରା ବାଲି ବ୍ୟବସାୟୀ ଓ ସ୍ଥାନୀୟ ବିଧାୟକ, ପୋଲିସ, ସରପଞ୍ଚ ଓ ଅସାମାଜିକ ଗୋଷ୍ଠୀଙ୍କୁ ହାତେଇ ନିମ୍ନମାନର ଛତୁଆ ଦେଉଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଦିଆଯାଉନାହିଁ । ଏହି ଅନୁଷ୍ଠାନଟି ତାର ଛତୁଆ ପ୍ରସ୍ତୁତି କେନ୍ଦ୍ର ଖୋଲିବା ପାଇଁ ଖୋଦ ତାଙ୍କ ବାପାଙ୍କ ଠାରୁ ଚଞ୍ଚକତା କରି ଘରବାଡ଼ି ପୈତୃକ ସମ୍ପତ୍ତି ହାତେଇ ନେବାରେ ସମର୍ଥ ହୋଇଛନ୍ତି । ଏ କ୍ଷେତ୍ରରେ ଦାୟିତ୍ୱରେ ଥିବା ସର୍ବରେଜିଷ୍ଟ୍ରାର କାର୍ଯ୍ୟାଳୟର ଅଧିକାରୀଙ୍କୁ ମଧ୍ୟ ତଦନ୍ତ ପରିସରକୁ ଅଣାଯାଉ । ମାତ୍ର ଦଶବର୍ଷ ତଳେ ଯେଉଁ ଛତୁଆ ବ୍ୟବସାୟୀ ସାଇକେଲ ଚଳାଉଥିଲେ ସେ ଆଜି ଦୁଇ ଦୁଇଟି ଲକ୍ଷ ଲକ୍ଷ ଟଙ୍କାର ଗାଡ଼ି ଓ ଅଚଳାଚଳ ସମ୍ପତ୍ତି କିପରି ଠୁଳ କରିପାରିଲେ ଏହାର ମଧ୍ୟ ଭିଜିଲାନ୍ସ ତଦନ୍ତ ହେଉ । ସେହିପରି ସେ ଯେତିକି ପରିମାଣର ସୁଧିଆ ବେପାର କରୁଛନ୍ତି ଓ ଏ ନେଇ ବିଭିନ୍ନ କୋର୍ଟରେ ମଧ୍ୟ ଚେକ ବାଉଁନସ୍ କେସ ମଧ୍ୟ ରୁଜୁ ହୋଇଛି ସେ ସବୁର ଉଚ୍ଚସ୍ତରୀୟ ତଦନ୍ତ କରାଯାଉ । ଏସଏଚଜିର ସଦସ୍ୟାଙ୍କ ନାମରେ ଆସୁଥିବା ସରକାରୀ ଅର୍ଥ ନିଜେ ହଡ଼ପ କରି ସୁଧ ଲଗାଉଛନ୍ତି ଓ ଏକ ବିଧିବଦ୍ଧ ଗୁଣ୍ଡାବାହିନୀ ପୋଷୁଛନ୍ତି । ୨୦୧୯ରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ସାଇବାବା ସ୍ୱୟଂ ସହାୟକ ଗୋଷ୍ଠୀକୁ କୈଫୟତ ତଲବ କରିଥିଲେ କିନ୍ତୁ ଉଚ୍ଚକର୍ତ୍ତୃପକ୍ଷଙ୍କୁ ହାତ କରି ସମସ୍ତ ସରକାରୀ ତଦନ୍ତକୁ ଏଡ଼ାଇ ଯିବାରେ ସମର୍ଥ ହେଉଛନ୍ତି । ଏହି ଅନୁଷ୍ଠାନର ଦାୟିତ୍ୱରେ ନିରୂପମା ଭୂୟାଁ ନାମକୁ ମାତ୍ର ରହିଥିଲେ ବି ତାଙ୍କ ସ୍ୱାମୀ ସୁମନ୍ତ କୁମାର ଭୂୟାଁ ଯେ କି ଜଣେ ଅସାମାଜିକ ଚରିତ୍ର ଓ ଗୁଣ୍ଡା ଶ୍ରେଣୀର ବ୍ୟକ୍ତି ସେ ହିଁ ସବୁ ନିୟନ୍ତ୍ରଣ କରନ୍ତି । ଏହି ଭଦ୍ର ବ୍ୟକ୍ତି ଜଣଙ୍କ ଜଣେ ବିଧିବଦ୍ଧ ଛତୁଆ ମାଫିଆ ଓ ତାଙ୍କ ତମାମ ପରିବାର ନାମରେ ମଧ୍ୟ ବିଭିନ୍ନ ଥାନାରେ ଜୋର ଜବରଦସ୍ତ ଘରେ ପସି ମାଡ଼ ମାରିବା, ଜିନିଷପତ୍ର ନଷ୍ଟ କରିବା ପ୍ରସଙ୍ଗକୁ ନେଇ ବାଲିଚନ୍ଦ୍ରପୁର ଥାନା ଓ ମର୍କତ ନଗର ଥାନାରେ ମାମଲା ରୁଜୁ ହୋଇଛି ।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସରକାରୀ କାଗଜପତ୍ରରେ ଛତୁଆ ଯୋଗାଣ ଚାଲୁଥିଲେ ବି ଏହାର ମାନ ପରୀକ୍ଷା ପ୍ରତି ସରକାରୀ ଭାବେ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଉନାହିଁ । ଅଙ୍ଗନବାଡ଼ି କେନ୍ଦ୍ରରେ ଗର୍ଭବତୀ ପ୍ରସୂତୀ, ଛ'ମାସରୁ ତିନି ବର୍ଷର ଶିଶୁ ଏବଂ ଅତିଶୟ ପୁଷ୍ଟିହୀନ ଶିଶୁଙ୍କୁ ପରିପୂରକ ଖାଦ୍ୟ ଯୋଗାଇ ଦେବା ନିମନ୍ତେ ସରକାର ଏହି କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି । ଯଦି ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ଛତୁଆରେ ଆବଶ୍ୟକୀୟ ଶକ୍ତି ଓ ପୁଷ୍ଟିର ପରିମାଣ କମ ଥିବ ତେବେ ସମ୍ପୃକ୍ତ ଗୋଷ୍ଠୀ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସରକାରଙ୍କ ପକ୍ଷରୁ କଡ଼ାକଡ଼ି ନିୟମ କରାଯାଇଛି । ଯାଜପୁର ଜିଲ୍ଲା କଥା ଦେଖାଗଲେ ଛତୁଆ ଯୋଗାଣ ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀ ମଧ୍ୟରେ ପ୍ରତିଯୋଗିତା ଚାଲିଛି । ଯେଉଁ ଗୋଷ୍ଠୀ ରାଜନେତା ବା ବିଧାୟକଙ୍କୁ ଧରି ପ୍ରଶାସନ ଉପରେ ଚାପ ପକାଉଛି ତ ଆଉ କିଏ ପ୍ରଶାସନିକ ବଡ଼ପଣ୍ଡାଙ୍କୁ ମୋଟା ଅଙ୍କର ଉତ୍କୋଚ ଦେଇ ଛତୁଆ ଯୋଗାଣ ଦାୟିତ୍ୱ ହାତକୁ ନେଉଛି । ସେହିପରି ସରକାରୀ କାଗଜ ପତ୍ରରେ ଯାଜପୁର ଜିଲ୍ଲାର ଯେଉଁ ପରିମାଣର ଶିଶୁ ଓ ଗର୍ଭବତୀ ଏବଂ ପ୍ରସୂତୀଙ୍କୁ ଏହି ଯୋଜନାରେ ସାମିଲ କରାଯାଇଛି ପ୍ରକୃତ ପକ୍ଷେ ଏତେ ପରିମାଣର ଶିଶୁ ଓ ମହିଳାଙ୍କୁ ଛତୁଆ ଯୋଗାଣ ହେଉ ନାହିଁ ବୋଲି ଅଭିଯୋଗ ହେଉଛି । ଏସଏଚଜି ଦ୍ୱାରା ପ୍ରସ୍ତୁତ ହେଉଥିବା ଛତୁଆର ଗୁଣବତ୍ତା ପରୀକ୍ଷା ପାଇଁ ପ୍ରତ୍ୟେକ ମାସ ଲାବ୍ରୋଟୋରୀକୁ ପଠାଯିବା କଥା କିନ୍ତୁ ସିଡ଼ିପିଓମାନେ ପରସେଣ୍ଟ ସଂଗ୍ରହ କରି ଧର୍ମକୁ ଆଖି ଠାର ମାରିବା ପରି ରିପୋର୍ଟ ଦେଉଛନ୍ତି । ଏଥି ନିମିତ୍ତ ବଡ଼ ଧରଣର ଯେଉଁ କିକ୍ ବ୍ୟାକ୍ ଆର୍ଥିକ କାରବାର ହେଉଛି ତାହା ସିଡିପିଓଙ୍କ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ଜିଲ୍ଲା କାର୍ଯ୍ୟାଳୟ ପର୍ଯ୍ୟନ୍ତ ଭାଗ ବଣ୍ଟା ଚାଲିଛି । ପ୍ରଶାସନ ତୁରନ୍ତ ଏହି ଛତୁଆ ପ୍ରସ୍ତୁତ କମ୍ପାନୀ ଦାୟିତ୍ୱରେ ଥିବା ଏସଏଚଜିର ମୁଖ୍ୟ କାରର୍ପେଟଦାରଙ୍କ ସେମାନେ ଆରମ୍ଭ କରିଥିବା ଛତୁଆ ବ୍ୟବସାୟ ଓ ତାଙ୍କ ପୂର୍ବର ଆର୍ଥିକ ତଦନ୍ତ କରନ୍ତୁ । ପିଲାମାନଙ୍କୁ ନିମ୍ନମାନର ଛତୁଆ ଦିଆଯାଉଛି କି ନାହିଁ ବିଧିବଦ୍ଧ ଭାବେ ସରକାର ତଦନ୍ତ କରନ୍ତୁ ।




ସାମାଜିକ କର୍ମୀ, ବଡ଼ଚଣା,
ଯାଜପୁର


କବିତା କୋଣାର୍କ

## କବିତା ଗୋ ତୁମେ


ବେଣୁଧର ସୂତାର




ତୁମେ ହୃଦୟର ଅବ୍ୟକ୍ତଆବେଗ
କବି କଳ୍ପନାର ଝରା ପଦ୍ମରାଗ
କନକ ଚମ୍ପାର ବାସ
ଭରା ବଉଳର ମଧୁଝରା କଥା
ଫୁଲ ଫଗୁଣର ମନୋରମ ସତ୍ତା
ଭାବର ଅମିୟ ରସ ।।

ସବୁଜ ସ୍ୱପ୍ନର ମୋହ ମହକରେ
ଭାବ ଦରିଆର ସୁଧାମୟ ଧାରେ
ଆତ୍ମୀୟତା ଆକର୍ଷଣେ
ଅସୀମ ଭାବର ଉପଲବ୍ଧି ତୁମେ
କଳ୍ପନା ବିଳାସୀ କବିର ମରମେ
ସମ୍ଭାବନା ଭର ପ୍ରାଣେ ।।

ଅତୁଳ ଅରୂପା ତୁମେ ଦିବ୍ୟରୂପା
ବାଣୀବିପଣିର ଶବ୍ଦ ବ୍ରହ୍ମ ରୂପା
ତ୍ରିପୁର ଚମକ କଳା
ଆପଣା ପଣର ଆତ୍ମୀୟତା ସୁରେ
କବି କଲମର ଅମିୟ ନିର୍ଝରେ
ପ୍ରଜ୍ଞା ମୟୀ ଚାରୁଶୀଳା ।।

ଭାବ ତରଙ୍ଗିଣୀ ରସ ନିର୍ଝରଣୀ
ବୀଣାଜିଣା ତୁମ ଅପୂର୍ବ ରାଗିଣୀ
ଭାବ ମାଧୁରୀର ଛନ୍ଦେ
ତୁମରି କୃପାରୁ ମୂର୍ଖ ହୁଏ ଜ୍ଞାନି
ସୃଜନ ଶିଳ୍ପୀର ପରିଚୟ ଘେନି
ସାଧନାର ଅନୁବନ୍ଧେ ।।

ତୁମେ ସାରସ୍ୱତ ସ୍ନିଗ୍ଧ ସମ୍ମୋହନ
ଭାବ ଉପବନେ ପ୍ରଜ୍ଞାର ପ୍ରସୂନ
ନିଖିଳ ହୃଦୟ ଜ୍ୟୋତି
ଜ୍ଞାନର ଆଗାର ପ୍ରଜ୍ଞା ପାରାବାର
କବି ଭାବନାର ଭାବ ରତ୍ନ ସାର
ମନୋରମ କଳା କୃତି ।।

ନବ ସମ୍ଭାବନା ଭରେ ଉନ୍ମାଦନା
ଭାବମୟ ଦିବ୍ୟ ଲଳିତ ସର୍ଜନା
କବି କବିତାର ପ୍ରୀତି
କାବ୍ୟ କବିତାର ଅପୂର୍ବ ଝଙ୍କାରେ
ଭାଷା ସଂପ୍ରତିର ପ୍ରେମ ନିଳୟରେ
ତୁମେ ଗୋ ଲାବଣ୍ୟବତୀ ।।


+କେଶଦୁରାପାଳ କେନ୍ଦୁଝର
ମୋ: ୯୧୭୮୫୬୮୨୪୬


## ମନେକରାଯାଉ


ଧ୍ରୁବ ଚରଣ ଘିବେଲା




ମନେ କରାଯାଉ
ସବୁ ଗାଆଁ ମଶାଣି
ଗୋଟେ ଗୋଟେ ଏଠି ସ୍ୱର୍ଗଦ୍ୱାର
ଗାଆଁରେ ଜନମ
ଗାଆଁରେ ମରଣ
ଗାଁ ଦାଣ୍ଡରେ ଲମ୍ବେ ଶବାଧାର
ସେଇ ସ୍ୱର୍ଗଦ୍ୱାର
ଗାଆଁ ଲୋକ ପାଇଁ
ସତେ ଯେମିତି କି
ମୋକ୍ଷ ସ୍ଥଳ ଓ
ଆମ ଦେଶରେ
ଅଛି ଯେତେ ନଦୀ
ସବୁ ନଈ ପୁଣି ଗଙ୍ଗା ପ୍ରାୟ
ଶୁଦ୍ଧ ପବିତ୍ର
ନଈରେ ଗାଧୁଆ
ମନେହୁଏ କେତେ ମନୋହର ଓ
ମନେ କରାଯାଉ
ସବୁଲୋକ ଏଠି
ନର ନାରାୟଣ
ସଭିଏଁ ଅମୃତ ସନ୍ତାନ
ସବୁ ଘର ହେଲେ ମନ୍ଦିର ସମ
ଘରଲୋକ ଦିଅଁ ସମାନ ଓ
ମଣିଷ ତିଆରି
ଦିଅଁ ପୂଜା କରୁ ସିନା
ମଣିଷ ପୂଜା ପାଏନା
ପ୍ରତିମା ପୂଜାରେ ମାତିଥାଉ ଆମେ
ପ୍ରତି ମା' ପୂଜା ପାଆନ୍ତିନି ଓ
ପ୍ରତିମା ସହିତ ପ୍ରତି ମା'
ପୂଜା ପାଇଲେ
ଏଠି ହୁଅନ୍ତାନି !


+ବଉଦରାଜ -୭୬୨୦୧୪,
ଜି. ବୌଦ୍ଧ
ମୋ: ୯୪୩୭୪୭୮୪୬୬

# ଅବକ୍ଷୟ ସମାଜ ଓ ଅସହାୟ ମଣିଷ






ସରିତା ମହାନ୍ତି


'ଯଦା ଯଦା ହି ଧର୍ମସ୍ୟ ଗ୍ଲାନି ର୍ଭବତି
ଅଭ୍ୟୁଥାନମ୍ ଅଧର୍ମସ୍ୟ ତଦମ୍ତନଂ
ସୃଜାମ୍ୟହମ୍।

ଶ୍ରୀମତ ଭାଗବତ ଗୀତାର ଚତୁର୍ଥ ଆଧ୍ହାୟ ଦିବ୍ୟ ଜ୍ଞାନ ଯୋଗରେ ସ୍ୱୟଂ ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କ ମନରୁ ସଂଶୟ ଦୂର କରିବାକୁ ଯାଇ ନିଜ ମୁଖରେ ବ୍ୟକ୍ତ କରିଅଛନ୍ତି ଯେତେବେଳେ ଏବଂ ଯେଉଁଠାରେ ଧର୍ମର ଗ୍ଲାନି ଦେଖାଦିଏ ଏବଂ ଅଧର୍ମର ଅଭ୍ୟୁଥାନ ହୁଏ ସେତେବେଳେ ସେ ସାଧୁ ସନ୍ଥ ମାନଙ୍କୁ ଉଦ୍ଧାର କରିବାପାଇଁ ଏବଂ ପାପୀମାନଙ୍କୁ ବିନାଶ କରି ଧର୍ମସନ୍ଥପନା କରିବାପାଇଁ କଳ୍ପ କଳ୍ପନ୍ତରେ ସାକାର ରୂପରେ ଲୋକଙ୍କ ସମ୍ମୁଖରେ ଆବିର୍ଭୂତ ହୋଇଥାନ୍ତି ।

ପରଂବ୍ରହ୍ମ ସନାତନ ପରମେଶ୍ୱର ପୃଥିବୀପୃଥରେ ବିଚିତ୍ରବର୍ଣ୍ଣ ଶିଳ୍ପୀଟିଏ ହୋଇ ଅତି ସତର୍କତାରେ ଛପନକୋଟି ଜୀବଜନ୍ତୁ ସୃଷ୍ଟି କରିଅଛନ୍ତି। ସ୍ୱ ହସ୍ତ ନିର୍ଗତ ତରଣୀର ମଙ୍ଗୁଆଳ ସାଜିଛନ୍ତି ବୁଦ୍ଧି, ବିବେକ, ଜ୍ଞାନ, ଧ୍ୟାନ ଥିବାଜୀବ ମଣିଷକୁ ସେଦିନର ବଲ କଲ ପିନ୍ଧି ବନଜଙ୍ଗଲରେ ଦଲବଧ ହୋଇ କଞ୍ଚା ମାଂସ ତଥା ଗଛର ଫଳମୁଲଖାଇ ଜୀବିକା ନିର୍ବାହ କରୁଥିବା ଆଦିମ ମଣିଷ ସମୟର ବିବର୍ତନ ହେଉ ବା ସମୟର ପରିବର୍ତ୍ତନଶୀଳ ଚକ୍ରରେ ଗାଦିଗଡ଼ି ପାଲଟି ଯାଇଛି ଆଜିର ସଭ୍ୟ ମଣିଷ । ସଭ୍ୟ ମଣିଷ କହିଲେ କେତେକାଂଶରେ ଭୁଲ ହେଇପାରେ। ପାଲଟିଛି ଆଜିର ଆଧୁନିକ ମଣିଷ ।

ଚକଚକ୍ୟର ମଣିଷ। ଦଶନନଠାରୁ ଚୂରେଇଆଣି ସାଜିଛି ବହୁମୁଖୀ ମଣିଷ। ଲୋଭାଗ୍ରସ୍ତ ମଣିଷ। ବୁଦ୍ଧି ବିବେକ ହରାହୋଇ ଇନ୍ଦ୍ରିୟ ଦ୍ୱାରା ପରିଚାଳିତ ହେଉଛି । ଅସାମାଜିକ କାର୍ଯ୍ୟ , ପର ନିନ୍ଦା, ପର ସ୍ତ୍ରୀ ହରଣ, କପଟ ଛଳନାର ମୁଖା ପିନ୍ଧି କୁ କାର୍ଯ୍ୟରେ ଲିପ୍ତ ରହୁଛି । ଉଦ୍ଦେଶ୍ୟ ଜୀବନ ଯାତ୍ରାର ଗତିପଥରେ ଅନ୍ୟକୁ ପାଦତଳେ ମାଡିଦଳି ପାହାଚ ଉପରେ ପାହାଚ ଅତିକ୍ରମ କରି ଆଗକୁ ଆଗକୁ ଚାଲିବା। ବାହ୍ୟ ଆଭରଣ ବେଶ ଚାକଚକ୍ୟ ପୂର୍ଣ୍ଣ ହେଲେ ଭିତରଟା ସମ୍ପୂର୍ଣ୍ଣ ଫମ୍ପା ଆଉ ଶୂନ୍ୟ ହେଲେ ଆଜିର ମଣିଷ ନିଜର ସଫଳତା ହାସଲ କରି କରୁ ଅସହାୟ ହୋଇପଡେ । ଲୋଭାଗ୍ରସ୍ତହୋଇ ଅକଳାନ୍ତୁ କୁକର୍ମ କରେ।

ମଣିଷ ଏକ ଶ୍ରେଷ୍ଠ ସାମାଜିକ ପ୍ରାଣୀ। ପରିବାର ଠାରୁ ଆରମ୍ଭ କରି ସମାଜ, ଏପରିକି ରାଷ୍ଟ୍ର ଗଠନ କରିବାର ମୂଳ ଉତ୍ସ। ସମାଜ କିମ୍ବା ରାଷ୍ଟ୍ର ଗଠନ କରିବତ ଦୂର କଥା ନିଜକୁ ଗଢି ତୋଳିବାରେ ସେ ଅସମର୍ଥ ହୋଇପଡିଛି । ତାକୁ ଅହଂତ୍ୱ, ମୁଁ, ସର୍ବସ୍ୱ ଭାବନା ଗ୍ରାସ କରିଛି । ପ୍ରତ୍ୟକଟି ମଣିଷ ପରିବାର, ଆତ୍ମୀୟ ସ୍ୱଜନ, ବନ୍ଧୁବାନ୍ଧବ ଏପରିକି ନିଜଠାରୁ ଦୁରେଇ ଯାଇଛି । ଅନେକ ଦୂରକୁ । ଖସିଗଲା ପାଦ ତଳକୁ ତଳକୁ ନିରସାର କଳା ବାଦଲ ଅନ୍ଧାରୁଆ କରିଦିଏ ତାର ଚତୁର୍ଦ୍ଦିଗକୁ।

ତା ସମ୍ମୁଖରେ କୁଢ଼ କୁଢ଼ ହତାଶା । ଆଉ ପୁଞ୍ଜ ପୁଞ୍ଜା ଅଶାନ୍ତିର ପିରାମିଡ। ନଭଶ୍ଚୁମ୍ବୀ ଅଟ୍ଟାଳିକା ତୂଳୀତଳ୍ପ ଶଯ୍ୟା ହେଉ କିମ୍ବା ହେଉ ପୂର୍ଣ୍ଣ କୁଟୀର ଝାଟିମାଟି ଘରର ହନେସ ଉପରେ ଅଧା ସିଲେଇ କନ୍ଥାର ବିଛଣା ଶାନ୍ତି ନିଦ୍ରା ସୁଦୂର ପରହତ। ମାନସିକ ଯନ୍ତ୍ରଣାରେ ଛଟପଟ। ସବୁଅଛି ପୁଣି କିଛିନାହିଁ ।

ନିଜର ଆତ୍ମଜନଙ୍କୁ ହରାଇ କପୋତ କପୋତି ବୃକ୍ଷ ଡାଳରେ ବହୁଣିଲାପରି ଆଜିର ମଣିଷର ଆତ୍ମା କେଉଁ ଏକ ଅଜଣା ଅଭାବରେ ସବୁଥାଇ କିଛି ହରାଇଲାର ଅଭାବରେ ନିରୋଳାରେ ବାହୁନି ବାହୁନି କାନ୍ଦିଉଠେ। ନିରସାର ଭାବନା ତା ମୁଖରେ ଖେଳିଯାଏ । ପ୍ରଖର ଜଳ ସୃତ ଘୂର୍ଣ୍ଣିବାତ୍ୟାର ଉନ୍ମତ୍ତ ବତାସ ମୃତ୍ତିକା କ୍ଷୟ କଲାପରି ଆଜିର ଆଧୁନିକ ସଭ୍ୟ ମଣିଷ ପାଖରୁ ସାମାଜିକ ରୀତି ନୀତି, ଚାଲିଚଳନ, ପରମ୍ପରା, ମାନବିକତା , ସାଧୁତା, ସତ୍ୟବାଦିତା, ସର୍ବୋପରି ସାମାଜିକ ସଂସ୍କୃତିପରହତ ହୋଇ ସାମାଜିକ ଅବକ୍ଷର ମୂଳ ସୂତ୍ରଧର ସାଜିଛି । ଆଜିର ଆଧୁନିକ ସମାଜରେ

ପରମେଶ୍ୱର ଆଉ କୃପାଯଲଙ୍କର ପ୍ରଭୁଭକ୍ତଭାବ, ରାମ ଲକ୍ଷ୍ମଣଙ୍କର ଭାତୃତ୍ୱ , କିମ୍ବା କୃଷ୍ଣ ସୁଦାମାଙ୍କର ବନ୍ଧୁତ୍ୱ ଦୁଃସ୍ୱପ୍ନ । କେବଳ ଛଳନାର ଅନେକ ସ୍ମିତ ହାସ୍ୟ । ଅଢେଇ ଦିନିଆ ଘର ସଂସାର । ଜନ୍ମ ଥିଲେ ମୃତ୍ୟୁ ଅଛି। ଧ୍ରୁବ ସତ୍ୟ। ସମସ୍ତଙ୍କର ଅପେକ୍ଷାସେଇ ଆଗତ ତ୍ରିକାଲ ସନ୍ଧ୍ୟାକୁ । ସୂର୍ଯୋଦୟ ପ୍ରାତଃ କାଳରେ ହୁଏ ଜନ୍ମ। ମଧ୍ୟକାଳରେ ସୂର୍ଯ୍ୟଙ୍କର ତେଜିଆନ କିରଣ ପରି ଯୁବାବସ୍ଥାରେ ପରାକ୍ରମ ଆଉ ପ୍ରଦୋସ ସଂଧ୍ୟାକାଳ ବା ତ୍ରିକାଳର ସୂର୍ଯ୍ୟ ଅଷ୍ଟମୀତ ହେଲାପରି ମଣିଷ ସନ୍ଧ୍ୟା ଉପନୀତ ହୋଇଯାଏ।

ଅସ୍ତମୀତ ହୋଇଯାଏତାର ଜୀବନର ସୂର୍ଯ୍ୟ। ଆଗମନ କରିଥିବା ଇଲାକକୁ ପୁଣି ହୁଏ ପ୍ରତ୍ୟାବର୍ତ୍ତନ। ସବୁ ଜାଣି ମଣିଷ ଅଜ୍ଞ ହୋଇଯାଏ। କାରଣ ସେ ପାଞ୍ଚିନ୍ଦ୍ରିୟରେ ବଶୀଭୂତ।

ଆଜିର ପିତା ମାତା ନିଜର ପିଲାଙ୍କୁ ଅତ୍ୟାଧୁନିକ ପ୍ରଣାଳୀରେ ପ୍ରସ୍ତୁତ ପିଲାଙ୍କର ଖାଦ୍ୟ ବେବି ଫୁଡ଼ ଖୁଆଇ ହୃଷ୍ଟପୃଷ୍ଟ କରି ଘରୋଇ ଟିଉସନ ମାଷ୍ଟର ନିଯୁକ୍ତି ଦେଇ ଭଲପଢ଼ାଇ ଉଚ୍ଚ ପଦାଧିକାରୀଟିଏ କରିବାର ସ୍ୱପ୍ନ ଦେଖନ୍ତି। କେବେବି ଭାବେନି ତାର ପିଲା ପାଠ ସହ ସାମାଜିକ ଶୃଙ୍ଖଳା ବା ଗୁଣାତ୍ମକ ଶିକ୍ଷା ଲାଭ କରି ଭଲ ମଣିଷଟିଏ ହେଉ। ଆଜିର ମଣିଷ ସ୍ୱାର୍ଥ ସାଧନାରେ ଲାଗିପଡନ୍ତି । କାରଣ ଏ ସ୍ୱାର୍ଥ ମଣିଷ ଜାଗ୍ରତ କିନ୍ତୁ ଅସଚେତନ। ଆଗପଟେ ତାଲା କିନ୍ତୁ ପଛ ଖୁଲା । ସମସ୍ତେ ଦୌଡ ପ୍ରତିଯୋଗିତାରେ ଟପ୍ପର ହେବାପାଇଁ ପଡିଉଠି ନିଜର ଆଣ୍ଠୁ ଛିଣ୍ଡାଇଲା ପରେବି ସଚେତନ ନୁହନ୍ତି । ସମସ୍ତେ ପ୍ରକୃତ ଅନ୍ୱେଷଣଠାରୁ ଦୂରେଇ ଆନାହୁତ ମରୀଚିକା ପଛରେ ଧାଇଁବାରେ ବ୍ୟସ୍ତ । ଆଜିର ମାନବ ସମାଜ ସଚେତନ ହେଲେ ଏ ରାଷ୍ଟ୍ର ରାମ ରାଜ୍ୟରେ ପରିବର୍ତ୍ତନ ହୋଇଯିବ । ଯେଉଁଠି ବିରାଜମାନ କରୁଥିବ କେବଳ ଶାନ୍ତି, ଦୟା, କ୍ଷମା ଆନ୍ତରିକତା ଆଉଭକ୍ତିଭାବନା। ପ୍ରଜାନୁରଞ୍ଜକର ଘୁକୁଳ ତିଳକ ଦଶରଥ ସୁତ ପ୍ରଭୁ ରାମଚନ୍ଦ୍ର କେବଳ ପ୍ରଜା ହିତ ନିମିତ୍ତ ନିଜର ପ୍ରାଣପ୍ରିୟା ହୃଦପଦ୍ମିନୀ ଦେବୀ ସୀତାନକୁ ଅନ୍ତଃସତ୍ୟୁ ଅବସ୍ଥାରେ ପାଖରୁ ଅନ୍ତର କରିଥିଲେ ।

କବି ଗଙ୍ଗାଧର ମେହେରଙ୍କ ଉକ୍ତିରେ--

ହୃଦସିନା ଜଳେ ବିଦ୍ୟୁତ ଅନଳେ
ଜଳଡାନେ ଘନ ବାଧ,
ମୁଖ ତେଜି ରାଜା ତୋଷିବ ପରଜା
ତେବେତ ପରମାରାଧ ।

ଆଜିର ମଣିଷ କେବଳ ନିଜର ସୁଖକୁ ପ୍ରାଧାନ୍ୟ ଦେଉଛି ।

କେତେଦିନ ଧନ ଧାନ୍ୟ,ଆତ୍ମବଧିମାର ପାହାଡ଼ ଉପରେ ଦଣ୍ଡାୟ ମାନହୋଇ ନିଜର ଅସହାୟ ତାକୁ ଦର୍ପଣରେ ନିଜ ମୁଖା ଦେଖିଲାଭଳି ଆଉ କେତେଦିନ ଦେଖଥିବ। ଯେତେଦିନ ପର୍ଯ୍ୟନ୍ତ ସାମାଜିକ ଗ୍ଲାନିଦୁର କରିବାକୁ ପରମେଶ୍ୱରଙ୍କର ଶୁଭାଶିଷ ଏ ମଣିଷ ଉପରେ ବୃଷ୍ଟି ନହୋଇଛି ସେତେଦିନ ପର୍ଯ୍ୟନ୍ତ ।

ସର୍ବେ ଭବନ୍ତୁ ଶୁଖିନଃ


+ଶିକ୍ଷୟିତ୍ରୀ, ବାଲିଆପାଳ
ବାଲେଶ୍ୱର


ଧାରାବାହିକ ଉପନ୍ୟାସ

(ପୂର୍ବ ପ୍ରକାଶିତ ଉତ୍ତାରୁ)



# ତ୍ରିପାଦମେଦିନୀ


ଜ୍ୟୋତ୍ସ୍ନାମୟୀ ପଣ୍ଡା




॥ ଭାଗ-୧୨୫ ॥

ପିତାମହ ବ୍ରହ୍ମା ମଧ ନିଜର ବିଭିନ୍ନ ଅଙ୍ଗ ରୁ ସନ୍ତାନ ସୃଷ୍ଟି କରିଥିଲେ । ପରେ 'ମୈଥୁନ ରୁ ଜୀବ ଜନ୍ମ ହେଉ' ବୋଲି ଆଦେଶ ଦେଇଥିଲେ । ଏହିପରି ଏହି ଜ୍ଞାନ ସେହି ଜ୍ଞାନୀମାନଙ୍କର ଦେହ ତ୍ୟାଗ ଦ୍ୱାରା ଶେଷ ହୋଇଥାଏ । (ଏହିପରି ଅନେକ ଆଶ୍ଚର୍ଯ୍ୟ ସାଧନା ଭାରତ ବର୍ଷ ରୁ ଲୋପ ପ୍ରାୟ ହୋଇ ଗଲାଣି ।) ବାଧ ହୋଇ ମୁଁ କହିଲି, 'ତାହେଲେ ମୋତେ ଏପରି ଉପାୟ କୁହନ୍ତୁ,ଯେପରି ମୁଁ ଦିନରେ ବା ରାତିରେ, ଘରେ ବା ବାହାରେ, ଅସ୍ତ୍ରରେ ବା ଶସ୍ତ୍ରରେ, କୌଣସି ଦେବ, ଦାନବ, ମାନବ ବା ପ୍ରାଣୀ ମାନଙ୍କ ହସ୍ତରେ ବଧ ହେବି ନାହଁ। 'ତଥାସ୍ତୁ' କହି ସେ ମୋତେ ବର ପ୍ରଦାନ କଲେ ।

'ତେବେ ସାମ୍ରାଟ, ବ୍ରହ୍ମା ଙ୍କୁ ଆପଣ ସନ୍ତୁଷ୍ଟ କରିଛନ୍ତି ? ଆପଣ ମଧ ବ୍ରାହ୍ମଣ ଓ୍ବ୍ରହ୍ମର୍ଷି ମାନଙ୍କ ସହ ସମାନ ହୋଇପାରନ୍ତି ?' 'ନାହିଁ । ହୋଇନାହିଁ କିମ୍ବା ହେବାକୁ ମଧ ଇଚ୍ଛା କରେନା ହିଁ। କହିଲେ, ହିରଣ୍ୟ କଶିପୁ।' ବ୍ରହ୍ମ ଜାନୟତି ଇତି ବ୍ରାହ୍ମ ଣ । ସେମାନେ କ୍ରୋଧ, ହିଂସା, ଇର୍ଷା, ମିଥ୍ୟା, ଅନ୍ୟାୟ, ଲୋଭ, ଲାଳସା ଆଦି ପରିତ୍ୟାଗ କରିଥାନ୍ତି । ଯେ ବ୍ରହ୍ମକୁ ଜାଣନ୍ତି, ତାଙ୍କ ନିକଟରେ ମଳ ଓ ଫଳ, ଦୁଗ୍ଧ ଓ ମାଂସ, ମାଟି ଓ ମାଣିକ୍ୟ, ବ୍ରାହ୍ମଣ ଓ ଚଣ୍ଡାଳ, ସମସ୍ତ ପଦାର୍ଥର ମୂଳ ଉପାଦାନ ଏକ ଅଟେ । (ବଶିଷ୍ଠ ଜଣେ ବ୍ରହ୍ମର୍ଷି ଥିଲେ । ସେ ରାଜ୍ୟକୁ ଦୁର୍ଭିକ୍ଷ ସମୟରେ ଖାଦ୍ୟ ଦେବାପାଇଁ ଜଣେ ଚଣ୍ଡାଳ କନ୍ୟାକୁ ବିବାହ କରିଥିଲେ ଓ ନିଜେ ସାମୟିକ ପଶୁ ମାଂସ ମଧ ଭୋଜନ କରୁଥିଲେ ।) ଯୋଗ ଓ ତପସ୍ୟା ଏକା କଥା ନୁହେଁ । ତପସ୍ୟା କେବଳ ଆସନ,ଯମ, ନିୟମ, ପ୍ରାଣାୟାମ, ପ୍ରତ୍ୟାହାର ମଧରେ ସୀମାବଦ୍ଧ । ଯୋଗ ତାହାଠାରୁ ଉର୍ଦ୍ଧ୍ୱତ୍ତର ସ୍ଥିତି । ପ୍ରଜାପତି ମାନେ ଯୋଗ ବଳରେ ନିଜର ଓ ବିଶ୍ୱର ମଙ୍ଗଳ ସାଧନ କରିଥାନ୍ତି । ମୁଁ ନିଜ ପାଇଁ ମୃତ୍ୟୁ ଞ୍ଜୟୀ ହେବାକୁ ଇଚ୍ଛା କରିଛି । ପୃଥିବୀରେ ଅମର ହୋଇ ମୁଁ ଅଖଣ୍ଡ କ୍ଷମତା ଭୋଗ କରିପାରିବି । ମୋର ଚିର ଶତ୍ରୁ ଦେବତା ମାନେ ହେବେ ମୋର ପ୍ରତିଶୋଧ । ଏହି ସାଧନା ବଳରେ ସେମାନଙ୍କଠାରୁ ଦାନବ ଜାତିକୁ ଦୃଢ଼ ସୁରକ୍ଷା ଦେବା ମୋର ଲକ୍ଷ୍ୟ । ମୁଁ ତୁମର ମୃତ୍ୟୁ ବିଜୟୀ ଦାନବ ସମ୍ରାଟ ହିରଣ୍ୟ କଶିପୁ ।'

ହ । ହା... ସେ ଉଚ୍ଚ ସ୍ୱରରେ ଗଗନ ପ୍ରକମ୍ପିତ କରି ହସିବାରେ ଲାଗିଲେ ।

' ଜୟ,' ମୃତ୍ୟୁ ବିଜୟୀ ବୀର ଦାନବ ସାମ୍ରାଟ ହିରଣ୍ୟ କଶିପୁଙ୍କର ଜୟ 'ଧ୍ୱନୀରେ ଦିଗ ବିଦିଗ୍ ପ୍ରକମ୍ପିତ କରି, ଏହା ପରେ ହିରଣ୍ୟ କଶିପୁ ସସୈନ୍ୟ ସ୍ୱର୍ଗଭୂମିକୁ ଯୁଦ୍ଧ ଯାତ୍ରା ଆରମ୍ଭ କଲେ । ବ୍ରହ୍ମାଙ୍କ ବର ବଳରେ ଦେବରାଜ ଇନ୍ଦ୍ରଙ୍କୁ ପରାଜିତ କରି ସେ ଇନ୍ଦ୍ରାସନ ଆରୋହଣ କଲେ । ଦିଗପାଳ ମାନଂକ ଗୃହରେ ପଶି ନିର୍ଭୟ ରେ ଅମୂଲ୍ୟ ଧନ, ରତ୍ନ ଓ ମଣି ମାନ ଛଡାଇ ଆଣିଲେ । ଆଉ ସେହି ଇନ୍ଦ୍ରଙ୍କର ଭୁବନ, ଯେ ଉଁଠି ସ୍ଫଟିକର ପ୍ରାଚୀର, ପ୍ରବାଳର ପାବଛ୍ଛ, ବୈଦୁର୍ଯ୍ୟର ସ୍ତମ୍ଭ, ମର୍କତର ଭୁବି ନିର୍ମିତ ପ୍ରାସାଦ ମାନ ବିଶ୍ୱକର୍ମାଙ୍କର ଶିଳ୍ପ କାରୁକାର୍ଯ୍ୟରେ ଅତି ମନୋଜ୍ଞ ଥିଲା, ଯେଉଁଠାରେ ମାଣିକ୍ୟର ଆସନ ଉପରେ ଦୁଗ୍ଧ ଫେନନିଭ ଉପାଧାନ ଥିଲା, ମୁକ୍ତାର ଝରାରେ କେରା କେରା ସୁବର୍ଣ୍ଣ ପୁଷ୍ପ ଝୁଲୁଥିଲା, ଯେଉଁ ସ୍ଥାନ ରତ୍ନ ମେଖଳା ଆଦି ବିଭିନ୍ନ ଅଳଙ୍କାର ମଣ୍ଡିତା ଦିବ୍ୟ ନାରୀ ମାନଙ୍କର ନୂପୁର ଧ୍ୱନୀରେ ଅନୁରଣିତ ହେଉଥିଲା, ଯେଉଁଠି ରତ୍ନ ମୟ ସ୍ଥଳ ଦର୍ପଣରେ ସ୍ୱରୂପ ପ୍ରତିବିମ୍ବିତ ହେଉଥିଲା,ତାକୁ ଅକ୍ଳେଶରେ ଅଧିକାର କରି ତ୍ରିଭୁବନର ସାମ୍ରାଟ ପଦରେ ମଣ୍ଡିତ ହେଲେ । କେବଳ ବ୍ରହ୍ମା, ବିଷ୍ଣୁ ଓ ମହେଶଙ୍କ ବ୍ୟତୀତ ଅନ୍ୟ ଦେବତା ମାନେ ତାହାଙ୍କର ସେବକ ପଦରେ ନିଯୁକ୍ତ ହୋଇଗଲେ ।

ସେ ଜଳ, ବାୟୁ, ସୂର୍ଯ୍ୟ ଆଦି ଦେବତା ମାନଙ୍କୁ ସନ୍ତୋଷ କରିବା ପାଇଁ ମନ୍ତ୍ର ପାଠ କଲେନାହିଁ । ସେ ବର୍ଷା ହେବାପାଇଁ ଦେବରାଜ ଇନ୍ଦ୍ରଙ୍କ ପାଇଁ କୌଣସି ଯାଗ ଯଜ୍ଞ କଲେନାହିଁ । ସେ ଅଗ୍ନି ଦେବତାଙ୍କୁ (ସେତେବେଳେ ଅଗ୍ନି ସହଜରେ ଉତ୍ପନ୍ନ ହେଉନଥିଲା) ପାଇବା ପାଇଁ କଠୋର ତପସ୍ୟା କଲେନାହିଁ । ସେ ନିଜ ଭାଇ ହିରଣ୍ୟାକ୍ଷ ଓ ନିଜର ପ୍ରମାତାମହ ପ୍ରଚେତସ ମାନଂକ ପରି ମନେକଲେ ଯେ ଶସ୍ୟ ଓ ଖାଦ୍ୟ ଉପଯୋଗୀ ଫଳ ନଥିବା ଉଦ୍ଭିଦ ମାନଙ୍କୁ ଛେଦନ କରି ଭୂମିକୁ ପରିଷ୍କାର ରଖିବା ଉଚିତ୍ । ସେ ସେହି କାଠକୁ ଜଳାଇ ଅଗ୍ନି ସଂରକ୍ଷଣ କଲେ ଓ ରାତ୍ରିରେ ବିନା ସୂର୍ଯ୍ୟ ଓ ଶଶାଙ୍କରେ ଅନ୍ଧକାର ରଜନୀ ସହସ୍ର ବତୀରେ ଦିବସ ସମାନ ଅତି ଉଜ୍ଜ୍ୱଳ ମନେହେଲା । ସେ ଖଣିରୁ ଲୌହ, ସୁନା, ରୁପା, ହୀରା, ତମ୍ବା, ଖଣିଜ ତୈଳ, କୋଇଲା ଆଦି ଖଣିଜ ପଦାର୍ଥ ମାନ ଖୋଳି ପ୍ରସ୍ତରରୁ ପରିଷ୍କୃତ କଲେ । ନଳ ଦ୍ୱାରା ଜଳ ସେଚନ କରାଗଲା । ଦଶ ଦିଗରେ ଭ୍ରମଣ କରିବା ପାଇଁସେ ଉନ୍ନତ କାଠ ବା ଧାତୁ ବୋଇତ, ଲୌହ ଯାନ ମାନ ନିର୍ମାଣ କଲେ । ଶକ୍ତ ଲୌହ ସମାନ ଧାତୁ ନିର୍ମିତ ଶୂଳ, ପରିଖା, ଖଣ୍ଡା ଆଦି ତୀକ୍ଷ୍ଣ ଅସ୍ତ୍ରଶସ୍ତ୍ରମାନ ତିଆରି କଲେ । ସେ କହିଲେ ଯେ, ଦେଖ, ' ବିନା ଇନ୍ଦ୍ରଙ୍କର ଆରାଧନାରେ ,ବିନା ବର୍ଷା ରେ ମୁଁ ଏହି ପୃଥିବୀକୁ କିପରି ଶସ୍ୟ ଶ୍ୟାମଳା କରିପାରିବି ! ମୋ ସାମ୍ରାଜ୍ୟ ରେ ଆକାଶ ସର୍ବଦା ପରିଛନ୍ନ ରହିବ । ଏହା ରାତ୍ରିରେ ତାରକିତ ଏବଂ ଦିବସରେ ଜ୍ୟୋତିର୍ମୟ ଦେଖାଯିବ । କାମଧେନୁ ସଦୃଶା ଏହି ପୃଥିବୀ ବିନା ପୂଜାରେ, ମୋତେ ସମ୍ପଦ ଦାନ କରିବ ।'

ହିରଣ୍ୟ କଶିପୁଙ୍କ ସମୟରେ ପ୍ରଳୟାନ୍ତ ଭୂତଳରେ ଜଳ ପୂର୍ଣ୍ଣ ହୋଇ ରହିଥିଲା । ସେ କୂପ ଆଦି ଖନନ କରି ସେହି ଜଳକୁ କୃଷି କ୍ଷେତ୍ରରେ ସେଚନ କରାଇଲେ । ପୁଣି ବନ୍ଧ ଆଦି ନିର୍ମାଣ କରି ବୃଷ୍ଟି ସମୟରେ ଜଳକୁ ସଞ୍ଚୟ କରି ରଖୁଥିଲେ । ସେ ବିନା ଗୋମାତା ପୂଜାରେ ଜଡ ବସ୍ତୁରୁ ଦୁଗ୍ଧ ଜାତ ଦ୍ରବ୍ୟମାନ ଉତ୍ପାଦନ କଲେ । ସେ ଏଭଳି ଉପାୟ ତିଆରି କଲେ ଯେ, ସମୁଦ୍ରର ରତ୍ନ ମାନେ ତାହାର ପ୍ରଭାବ ରେ ଆପେ ଆପେ ଟାଣି ହୋଇ କୂଳକୁ ଚାଲି ଆସୁଥିଲେ ଏବଂ ସମୁଦ୍ରର ଅଧିପତି ବରୁଣ ସେଗୁଡିକ ତାଙ୍କୁ ଆଣି ଦେଉଥିଲେ । ପ୍ରବାଳ ପର୍ବତ ଓ ଶାମୁକା ମାନ କୂଳକୁ ଆସୁଥିଲେ । ସେ ମୁକ୍ତା ଚାଷ କରି କୃତ୍ରିମ ମୁକ୍ତା ଉତ୍ପାଦନ କରୁଥିଲେ । ସେ ସମୁଦ୍ରର ଜଳକୁ ରଙ୍ଗ ଅନୁସାରେ ଦୁଗ୍ଧ, ଦଧି, ସୁରା, ଲବଣ ଓ ଘୃତାଦି ନାମ କରଣ କଲେ । ଅବା(ବୋଧହୁଏ କୂଳ ରେ ହିମାଳୟର ଦେବ ବୃକ୍ଷ ରୋପଣ କରି ସପ୍ତ ନଦୀର ଜଳକୁ ସେ ବିଶୁଦ୍ଧ କଲେ ଓ କ୍ଷୀର, ଘୃତ, ଦଧି, ମଧୁ, ଆଖୁ ରସ, ସୁରା ଓ ଲବଣ ସର୍ବତ ତିଆରିରେ ବିନିଯୋଗ କରୁଥିଲେ ବା ଲବଣାକ୍ତ ସମୁଦ୍ର ଜଳ ବିଜ୍ଞାନ ଉପାୟରେ ପାନୀୟ ଜଳରେ ପରିଣତ ହୋଇଗଲା । ( ଗଙ୍ଗା ଜଳ ସାଇତି ରଖିଲେ କେବେ ପୋକ ହୁଅନ୍ତି ନାହିଁ ।) ତାହା ପାନ କରି ଦାନବ ମାନେ ବଳିଷ୍ଠ ହେଲେ ।) ବିନା ଶକ୍ତି ପୂଜାରେ ସେ ସମସ୍ତଙ୍କୁ ପରାଜିତ କରି ସପ୍ତ ଦ୍ୱୀପର ଅଧିପତି ହେଲେ । ଇନ୍ଦ୍ରଙ୍କ ଆସନରେ ବସି ସେ ମୋହିତ ହୋଇ ସୁଗନ୍ଧ ମଦ୍ୟ ପାନ କରି ବିଭୋର ହେଲେ । ତାଙ୍କର ଚକ୍ଷୁ ଘୁର୍ଣିତ ଥିଲା ଓ ନିଶାରେ ସେ ବିକୃତ ଆଚରଣ ମାନ କରିବାରେ ଲାଗିଲେ । (ଶ୍ରୀ ଜଗନ୍ନାଥ ଡାଶଙ୍କ କୃତ ପୁରୁଣା ଭାଗବତରୁ ମୂଳ ବିଷୟ ରେ ନିଜର ଅଳ୍ପ କଳ୍ପନା ମିଶା) ।

ସେ ବ୍ରାହ୍ମଣ ମାନଙ୍କୁ ଯଜ୍ଞର ହବିର୍ଭାଗକୁ ତାଙ୍କ ନାମରେ ଦେବାକୁ କହିଲେ ଏବଂ ଭୁଞ୍ଜିଲେ । ଋଷି ମାନଙ୍କର ତପ ଓ ସମାଧିରେ ସେ ଅଧିରୂଢ଼ ହେଲେ । ପିତୃପୁରୁଷଙ୍କ ପିଣ୍ଡ ନିଜ ନାମରେ ଗର୍ଭକୁ ନେଲେ । ଯୋଗୀ, ଋଷି ଓ ସିଦ୍ଧମାନେ ତାଙ୍କ ସିଦ୍ଧିର ଫଳକୁ ସାମ୍ରାଟଙ୍କ ପାଇଁ ସମର୍ପଣ କଲେ । ସେ ବିଦ୍ୟାଧର (ଇନ୍ଦ୍ରଙ୍କ ଅନ୍ୟତମ ପରିଷଦ)ଙ୍କ ଅନ୍ତର୍ଦ୍ଧାନ, ଫଣି( ଏମାନେ ନାଗାଲାଣ୍ଡ ବା ଆର୍ଯ୍ୟକା ନଦୀ କୂଳବାସୀ (ପାରିଷଦ) ମାନଙ୍କର ମଣି ଅପହରଣ କଲେ । ପ୍ରଜାପତି ମାନଙ୍କୁ ସେ ନିଜ ସଭାରେ ସ୍ଥାନ ଦେଲେ ନାହିଁ । ଗନ୍ଧର୍ବ ଓ ଅପ୍ସରା ମାନେ ଦେବସଭା ଛାଡି ତାଙ୍କ ନିକଟରେ ନୃତ୍ୟ, ଗୀତ ପରିବେଷଣ କଲେ । ଚାରଣ ମାନେ ତାହାଙ୍କର ପଦ ସେବା କଲେ । ଯଜ୍ଞ ଆରମ୍ଭରେ ବିଷ୍ଣୁଙ୍କ ଯଶଗାନ କରୁଥିବା ବୈତାଳିକମାନଙ୍କ ଉପରେ ସେ ଉପଦ୍ରବ କଲେ । କିନ୍ନର ଓ ବିଷ୍ଣୁ ପାରିଷଦ ମାନଙ୍କୁ ଦୁଃଖ କଷ୍ଟଦେଲେ । ଦେବତା ମାନେ ଜୀବନ ଭୟରେ ଉପାୟନ ମାନ ଦେଇ ତାଙ୍କୁ ସନ୍ତୁଷ୍ଟ କଲେ ଓ ତାହାଙ୍କ ପାଦତଳେ ଖଟିଲେ । ବିଶ୍ୱାବସୁ ଓ ନାରଦ ଡମ୍ବରୁ ବଜାଇ ତାହାଙ୍କର ସମ୍ବାଦ ଘୋଷଣା କଲେ । ସମସ୍ତେ ଯଜ୍ଞ, ଯୋଗ ଆଦିରେ ତାଙ୍କୁ ତ୍ରିଭୁବନର ଅଧିପତି ଭଗବାନ ରୂପେ ପୂଜା କଲେ । ବ୍ରାହ୍ମଣ ଆଦି ଚାରିବର୍ଣ୍ଣଙ୍କ ସହ ଦେବତା ମାନେ ଅରକ୍ଷିତଙ୍କ ପରି ତାଙ୍କ ସେବକ ହୋଇ ରହିଲେ । ସେ କହିଲେ ଯେ 'ମନେରଖ, ମୁଁ ତୁମର ସୁଖ, ସମ୍ପଦ ଓ ସୁରକ୍ଷା ଦାତା ଏକମାତ୍ର ଭଗବାନ ଅଟେ । ମନ୍ଦିର ମାନଙ୍କରେ ସେମାନଙ୍କ ପରିବର୍ତ୍ତେ ମୋର ପ୍ରତିରୂପ ପୂଜା କର ଏବଂ ସେହି ବିଷ୍ଣୁ ପ୍ରେମୀ ମାନଙ୍କୁ ନିର୍ବିକାର, ନିର୍ବିଚାର ଭାବେ ବନ୍ଦୀକର, ହତ୍ୟାକର, ନିର୍ବାସନ ଦିଅ ଏବଂ ଯେ ଉଁମାନେ ମୋର ବିରୋଧ କରୁଛନ୍ତି, ସେମାନଙ୍କ ଆଶ୍ରମ, ନିବାସ, ଶାସ୍ତ୍ର ଆଦିକୁ ନଷ୍ଟ କରିଦିଅ ।'

(କ୍ରମଶଃ)


+ ବାଲିଝରି, କାନପୁର, ବଡ଼ମ୍ବା, କଟକ


## ତଥାପି ତୁ ଚିର ବନ୍ଦନୀୟ


ମୀରା ବେଉରା




କୁହୁଳି କୁହୁଳି ଜଳୁଥାଏ ଦରପୋଡ଼ା ଜୀବନ
ତଥାପି ବଞ୍ଚିବାକୁ ଖୋଜୁଥାଏ
ନୂଆ ନୂଆ ବାହାନା
ମିଛ ପ୍ରହେଳିକା ଆଉ ଆତ୍ମ ପ୍ରବଞ୍ଚନା
ସତରେ କେତେ ଆଶ୍ଚର୍ଯ୍ୟ ଏ ଜୀବନର ଗତି
ଗୋଟିଏ ଲକ୍ଷ୍ୟଚ୍ୟୁତ ବତୀଘର ପରି
ଅହରହ ଧାଉଁଥାଏ ଜୀବନ
ଠିକ୍ ଧୂଆଁ ଛାଡ଼ି ଯାଉଥିବା
ବେପରୁଆ ରେଳଗାଡ଼ି ପରି
ବାଟସାରା ସାଉଁଟୁଥାଏ କିଛି ସ୍ମୃତି,
ଅନୁଭୂତି, କିଛି ଘୃଣା, କିଛି ପ୍ରେମ
କିଛି ହସ କିଛି ଲୁହ
କିଛି ପ୍ରତ୍ୟାସା ପୁଣି ପ୍ରତାରଣା
କିଛି ତିକ୍ତ ଅନୁଭୂତି ଓ କିଛି ଭୁଲ୍ ବୁଝାମଣା
କେବେ ତତଲା ବାଲିରେ
ଚାଲିବାର ଅନୁଭୂତି ଦେଇ
ଦାଉ ସାଧେ ଜୀବନ
ପୁଣି କେବେ ମରୀଚିକା ଦେଖି
ଜଳର ସନ୍ଧାନରେ
ଧାଉଁଥାଏ ଜୀବନ
ଜଳେଇ ଜଳେଇ ପାଉଥାଏ ଆନନ୍ଦ
ସେହି ଦରପୋଡ଼ା ଜୀବନ



ସେଥିରେ ହିଁ ତାର ତୃପ୍ତି
ପାଇଯାଏ ସେ ସାତଜନ୍ମର ପ୍ରାପ୍ତି
ପ୍ରତିମୁହୂର୍ତ୍ତେ ଛାତିରେ
ବଢ଼ି ବଢ଼ି ଯାଏ ତା'ର ସ୍ପନ୍ଦନ
ନିଜ ଲୋକଟି ହାତ ଛାଡ଼ି ଗଲା ପରି
ଭୟରେ ଥରୁଥାଏ ସେହି ଦରପୋଡ଼ା ଜୀବନ
ତଥାପି ଦୀର୍ଘଶ୍ୱାସକୁ ଢ଼ୋକି ଦେଇ
ନିଇତି ମରି ମରି ବଞ୍ଚୁଥାଏ
ସେହି ଅଧାପୋଡ଼ା ଜୀବନ
ନିଜ ଶବକୁ ନିଜ କାନ୍ଧେ ବୋହି
ଏକା ଏକା ଚାଲୁଥାଏ ଜୀବନ
ସବୁ ନିରବତାକୁ ଆପଣେଇ
ନିଜ ଲୁହକୁ ନିଜେ ପିଇ
ଦୀର୍ଘ ନିଃଶ୍ୱାସ ଛାଡେ ଜୀବନ
ହିସାବ ରଖିବାକୁ ଯୁ' ନଥିଲା ତା'ର
ସେ ଲୁହ ପ୍ରତାରଣାର
ଅବା ଛଳନାର
ନିଷ୍ପାପ ଆଖି ଖାଲି ଖୋଜୁଥାଏ
ଦରଦୀ ସ୍ୱଚ୍ଛ ସରଳ ହୃଦୟ ଟିଏ
ଯିଏ ଆପଣାର କରି କୋଳେଇ ନେବ
ଛଳନା ହିନ ଶ୍ରଦ୍ଧା ସୁମନ ଦେଇ
ଅଜଣା ଭୟରେ ଛାତି
ନିଇତି କମ୍ପୁଥାଏ
କିନ୍ତୁ ଓଦାକାଠ ପରି ସେହି
ଦରପୋଡ଼ା ଜୀବନ ସେମିତି
କୁହୁଳି କୁହୁଳି ଜଳୁଥାଏ
ତଥାପି ସେ ଜୀବନ ଚୀର ବନ୍ଦନୀୟ।


+ମୋ: ୭୮୪୬୯୨୧୪୦୦


## ଦିନ ଯାଏ ସରି


ସ୍ନିଗ୍ଧା ପଣ୍ଡା




ତୁ ମତେ ଛୁଇଁ ପାରିବୁନି ବୋଲି
ଏଠି ସେଠି ଲୁଚୁଥାଏ,
ତୋ ଠାରୁ ଦୂରକୁ ଆସୁଥାଏ
ଯେତେ ତତେ ସେତେ ପାଉଥାଏ ?
ଡାକିବା କି ଲୋଡ଼ା ଝାଙ୍କି ନେବୁ
କେବେ ଆସି ମୋର ଅଜାଣତେ,
ପ୍ରିୟ ପରିଜନ କି କହିବେ
ଭାବି ଭୟ ଘାରୁଥିବ ମତେ ?
ନିଜ ସହ ମୋର ଏମିତି ପ୍ରେମ ଯେ
ଭୁଲେ ତୋ ଆସିବା ବେଳ,
ଅଥଚ ଯେଉଁଠି ପାଦ ରଖୁଛି
ମୁଁ ସେଇଠି ଯମୁନା କୂଳ ?
ଫନ୍ଦି ଫିକର ବି କରୁଥାଏ
ନିତି ଯିବି ନାହିଁ, ଯିବି ନାହିଁ,
ନ ଯାଇ କି ଗତି ଆଉ କଣ ଅଛି
ନ ନେଇ ଛାଡ଼ିବୁ ନାହିଁ ?
ଆସିବାଟା ମୋର ମିଛ ହୋଇପାରେ
ତୋ ସାଙ୍ଗରେ ଯିବା ସତ,
ଯାହାକୁ ଯେଉଁଠି ଜଗିଥାଏ
ସବୁ ମାନେ ତୋ ଆସିବା ବାଟ ?
ଦେଖିବିନି ଭାବି ଆଖି ବୁଜିଲେ
ତୁ ମୋ ଛାତି ଭିତରେ ଦିଶୁ,
ମୋ ରଙ୍ଗ ରୂପ ତୋ ବିଚିତ୍ର ଛନ୍ଦରେ
ଛନ୍ଦି ନିଭୃତରେ ହସୁ ?
ଭୁଲିଯିବି କହି ଝୁରୁଛି ଝରୁଛି
ପତ୍ର ଝରା ଋତୁ ପରି,
ତୋ ବିନା ଏଇଠି ରହିବାର
ଦିନ ଧୀରେ ଧୀରେ ଯାଏ ସରି ?


+ଲହଣ୍ଡା, ବରଗଡ
ମୋ:୯୮୬୧୩୨୩୬୫୦


## ସୁରେନ୍ଦ୍ର ସାଏ


ଅସୀମା ପ୍ରଧାନ


ବହ୍ନି ପୁରୁଷ ହେ ବୀର ସୁରେନ୍ଦ୍ର ସାଏ
ଜନମ ଦିନେ ତୁମ ପ୍ରଣତି ଜଣାଏ ।
ଖିଣ୍ଡା ଗ୍ରାମରେ ଜାନୁଆରୀ ତିରିଶ ରେ
ଜନମିଲ ଯେ ଧରମ ସିଂହଙ୍କ ଘରେ।
ଦେଶ ପ୍ରେମ ଶିକ୍ଷା ଦେଲେ ମାତା ରେବତୀ
ଶର ଚାଳନା, ଘୋଡ଼ାଚଢା ରେ ଯେ ମତି।
ଅଧିକାର ପାଇଁ ଲଢି ବ୍ରିଟିଶ ସାଥେ
କେତେ ଯେ ଶତୃ ନିପାତିଲେ ନିଜ ହାତେ।
ବିଦ୍ରୋହ କାମରୁ ରଖିଲେ ଯେ ଦୂରେଇ
ଅସୀରଗଡ ଦୁର୍ଗେ ରଖି ବନ୍ଦୀ କରି।
ସଇତିରିଶ ବର୍ଷ କାଳ ବନ୍ଦୀ ରହି
ଦୁଃଖ ସହିଲେ କେତେ ମାତୃଭୂମି ପାଇଁ।
ଫେବୃଆରୀ ଅଠାଇଶ ତାରିଖ ପରା
ଛାଡିଦେଇ ଥିଲେ ଆମ ସୁନ୍ଦର ଧରା।
ସେରେନ୍ଦ୍ରର ନଟ ସାଏ ବୋଲି ଇଂରେଜ
ଡାକୁଥିଲେ ଯେଣୁ ସେ ଥିଲେ ଅପହଞ୍ଚ।
ପାହାଡ଼ ପର୍ବତ ବୁଲି ସଂଗ୍ରାମେ ରତ
ଭାଇମାନେ ସବୁ ତୁମ ହେଲେ ନିହତ।
ସହିଛ କେତେ ଯେ ତୁମେ ଦୁଃଖ ଯାତନା
ଦେଶଭକ୍ତି ର ଉଡାଇଥିଲ ବାନା।
ସ୍ୱାଧୀନତା ଆଣିବ ଜୀବନ ଦେଇ
ପଣ ତୁମର ତ ଜଗତ ଜାଣଇ।
କୋଶ କୋଶ ବାଟ ପା ତୁମେ ଚାଲି
ନିଜକୁ ପରା ତ ଯାଇଥିଲ ଭୁଲି।
ସମ୍ବଲପୁର ମାଟି ଯେ ଧନ୍ୟ ଆଜି
ନାମ ରଖିଲ ତ ଦେଶ ଭକ୍ତ ସାଜି।


+ବୀରମହାରାଜପୁର, ସୁବର୍ଣ୍ଣପୁର

# ଗୁଜରାଟରେ ସାଇବର ଠକେଇ: ରାଉରକେଲାରେ ଲୋକେ ହନ୍ତସନ୍ତ: ୫ ମାସ ହେଲା ଆକାଉଣ୍ଟ ଅଚଳ



ରାଉରକେଲା, ୨୧/୧ (ନି.ପ୍ର): ଡିଜିଟାଲାଇଜେସନ୍ କେବଳ ଗୋଟିଏ ଘଟଣା ନୁହେଁ ବରଂ ଏକ ଦୀର୍ଘକାଳୀନ ବିବର୍ତ୍ତନ ଯାହାକୁ ତୃତୀୟ ଶିଳ୍ପ ବିପ୍ଲବ ବା ଡିଜିଟାଲ୍ ବିପ୍ଲବ ବୋଲି ମଧ୍ୟ କୁହାଯାଏ। ଏହା ୧୯୯୦ ଦଶକରେ ବ୍ୟାପକ ଭାବେ ଆରମ୍ଭ ହୋଇଥିଲେ ହେଁ ଏହାକୁ ସର୍ବବ୍ୟାପୀ ହେବାକୁ ପ୍ରାୟ ୨ ଦଶନ୍ଧିରୁ ଅଧିକ ସମୟ ଲାଗିଥିଲା। ମଣିଷ ପ୍ରଯୁକ୍ତିବିଦ୍ୟା ଓ ଡିଜିଟାଲାଇଜେସନ୍‌ର ଯେତେ ନିକଟବର୍ତ୍ତୀ ହୋଇଛି ସେତିକି ଠକେଇ ଶିକାର ହୋଇଛି। ଶିକ୍ଷିତଙ୍କ ଠାରୁ ଆରମ୍ଭ କରି ସାଧାରଣ ଖଟିଖିଆ ଲୋକ ଓ ଗରିବ ଲୋକେ ସମସ୍ତେ ସାଇବର ଠକେଇର ଶିକାର ହେଉଛନ୍ତି। ରାଉରକେଲା ଭଳି ମିନି ଇଣ୍ଡିଆ କୁହାଯାଉଥିବା ସହର ଯେଉଁଠି ସାକ୍ଷରତା ହାର ୮୬%ରୁ ଅଧିକ ସେଠି ଏହିଭଳି ସାଇବର ଠକେଇ ନିତିଦିନିଆ ଘଟଣା ପାଲଟିଛି। କଲେଜ ପିଲାଠାରୁ ଆରମ୍ଭ କରି, ଗୃହିଣୀ, ସରକାରୀ ଚାକିରିଆ, ବ୍ୟାଙ୍କ କର୍ମଚାରୀ ବି ଏଥିରୁ ବର୍ତ୍ତି ପାରିନାହାନ୍ତି। ଆଜିର ଡିଜିଟାଲ ପେମେଣ୍ଟ ଯୁଗରେ ବ୍ୟବସାୟୀମାନେ ଏହି ସାଇବର ଠକେଇର ଶିକାର ହୋଇ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନେକ ବ୍ୟବସାୟୀଙ୍କ ଆକାଉଣ୍ଟ ଅଚଳ ହୋଇଯିବା ଘଟଣା ମଧ୍ୟ ବଢ଼ି ଚାଲିଛି। କେବଳ ଟଙ୍କା ପଠାଇଲେ ନୁହେଁ ଟଙ୍କା ଆସିଲେ ବି ଅଚଳ ହେଉଛି ଆକାଉଣ୍ଟ। ଏଭଳି ଏକ ଠକେଇର ଶିକାର ହୋଇଛନ୍ତି ମହମ୍ମଦ ସବ୍ବିର। ତାଙ୍କର ପାନପୋଷ ମାର୍କେଟ୍‌ରେ ଏକ ଡ୍ରେସ୍ ଦୋକାନ ରହିଛି। ୨୦୨୫ ମସିହା ଜୁଲାଇ ୨୭ ତାରିଖରେ ଜଣେ ଗ୍ରାହକ ତାଙ୍କୁ ଅନ୍‌ଲାଇନ୍‌ରେ ୩ ହଜାର ଟଙ୍କା ଦେଇ ନଗଦ ଆକାରରେ ଟଙ୍କା ଫେରାଇବାକୁ କହିଥିଲେ। ପୂର୍ବରୁ ଜଣାଶୁଣା ଥିବାରୁ ସବ୍ବିର ଟଙ୍କା ପଠାଇଥିଲେ। ଏହାର କିଛିମାସ ପରେ ଏକ ଔଷଧ ଦୋକାନରେ ପେମେଣ୍ଟ କରିବାକୁ ଯାଇ ହଇରାଣ ହୋଇଥିଲେ। ଫୋନ୍ ପେ' ଆପ୍‌ରେ ସମସ୍ୟା ଅଛି ଭାବି ଆକାଉଣ୍ଟ ବାଲାନ୍ସ ଯାଞ୍ଚ କରିଥିଲେ। ଆକାଉଣ୍ଟରେ ୧୫ ହଜାର ଟଙ୍କା ଥାଇ ମଧ୍ୟ ବାଲାନ୍ସ ଶୂନ ହୋଇଯାଇଥିଲା। ହଠାତ୍ ଏତେ ଟଙ୍କା କେମିତି କଟିଲା ଜାଣିବାକୁ ସେ ଷ୍ଟେଟ୍‌ବ୍ୟାଙ୍କ ଉଦିତନଗର ଶାଖାରେ ପହଞ୍ଚିଥିଲେ। ଶାଖା ପରିଚାଳକଙ୍କୁ ସମସ୍ୟା ସମ୍ପର୍କରେ ଜଣାଇଥିଲେ। ଶାଖା ପରିଚାଳକ ଯାଞ୍ଚ କରି କହିଲେ ଯେ, ଆପଣଙ୍କ ଆକାଉଣ୍ଟରେ ବେଆଇନ ଅର୍ଥ କାରବାର ହୋଇଥିବାରୁ ସାଇବର ସେଲ୍ ତରଫରୁ ଏହାକୁ ନିଷ୍କ୍ରିୟ କରିଦିଆଯାଇଛି। ଏନେଇ ସାଇବର ଥାନାରେ ପଚାରିବାକୁ କହିଥିଲେ।

ସାଇବର ଥାନାରେ ଉପସ୍ଥିତ ଅଧିକାରୀଙ୍କୁ ଭେଟି ସବ୍ବିର ଆକାଉଣ୍ଟ ନିଷ୍କ୍ରିୟ ହେବାର କାରଣ ପଚାରିଥିଲେ। ଜବାବରେ କୁହାଯାଇଥିଲା ଯେ, ଗୁଜରାଟ ମେହେସାନା ଜିଲ୍ଲାରେ ୫୦ ଲକ୍ଷ ଟଙ୍କାର ସାଇବର ଠକେଇ ହୋଇଛି। ସେଥିରୁ କିଛି ଟଙ୍କା ଆପଣଙ୍କ ଆକାଉଣ୍ଟରେ ନେଣଦେଣ ହୋଇଛି ତେଣୁ ଏହାକୁ ନିଷ୍କ୍ରିୟ କରାଯାଇଛି। ଏହା ଗୁଜୁରାଟ ସାଇବର ପୁଲିସ ତରଫରୁ କରାଯାଇଛି ତେଣୁ ଏଠି କୌଣସି ସହଯୋଗ କରାଯାଇପାରିବ ନାହିଁ ବୋଲି କୁହାଯାଇଥିଲା। ଏହିଭଳି ସ୍ଥିତିରେ ସେ ବହୁ ଅସୁବିଧାର ସମ୍ମୁଖୀନ ହେବା ସହ ବ୍ୟବସାୟ କରିବା ଅସମ୍ଭବ ହେଲାଣି ବୋଲି କହିଛନ୍ତି। ସେ କହିଛନ୍ତି, ନିଷ୍କ୍ରିୟ ହୋଇଥିବା ଆକାଉଣ୍ଟରେ ୪ଟି ଇଏମ୍‌ଆଇ କଟୁଥିଲା। ଏବେ ଇଏମ୍‌ଆଇ ପୈଠ ନକରିପାରିବାରୁ ୫ ମାସ ହେଲା ଜରିମାନା ଦେବାକୁ ପଡୁଛି। ବ୍ୟବସାୟ କରିବାକୁ ଘର ଲୋକଙ୍କ ଆକାଉଣ୍ଟ ବ୍ୟବହାର କରିବାକୁ ପଡୁଛି। ଏନେଇ ସେପଟେମ୍ବର ମାସରେ ଜାତୀୟ ସାଇବର ଅପରାଧ ରିପୋର୍ଟିଂ ପୋର୍ଟାଲ୍(ଏନ୍‌ସିଆରପି)ରେ ଅଭିଯୋଗ କରିଥିଲେ ମଧ୍ୟ ୫ ମାସ ହେଲା ହଇରାଣ ହେଉଥିବା ସେ ପ୍ରତିକ୍ରିୟା ରଖିଛନ୍ତି।

# ପିକେଡିଏ ଅଫିସ ଘେରିଲେ ଓକିଲ ସଂଘ

ପୁରୀ, ୨୧/୧ (ନି.ପ୍ର): ପୁରୀ କୋର୍ଟ ବାଲୁଖଣ୍ଡ ଅଭୟାରଣ୍ୟ ମଧୁରଜଳ ଅଂଚଳକୁ ସ୍ଥାନାନ୍ତର ପ୍ରତିବାଦରେ ପୁରୀ ଓକିଲ ସଂଘ ର ସତ୍ୟାଗ୍ରହ ୩୨୫ ଦିନରେ ପହଂଚିଛି। ସରକାର କିମ୍ବା ବିଚାର ବିଭାଗ କୌଣସି ଆଲୋଚନା କରୁନାହାନ୍ତି। ମୁଖ୍ୟମନ୍ତ୍ରୀଙ୍କ ଠାରୁ ଜିଲ୍ଲାପାଳ ପର୍ଯ୍ୟନ୍ତ ସମସ୍ତ ଅଧିକାରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଓଡ଼ିଶା ହାଇକୋର୍ଟର ମୁଖ୍ୟବିଚାର ପତିଙ୍କୁ ଏ ସମ୍ପର୍କରେ ସ୍ମାରକ ପତ୍ର ଦିଆଯାଇଛି। ଗଞ୍ଜାମ,ଭୁବନେଶ୍ୱର, ହାଇକୋର୍ଟ ସେହି ସ୍ଥାନରେ କମ୍ପ୍ଲେକ୍ସ ନିର୍ମାଣ କରାଯାଇଛି। ସେହିପରି ପୁରୀ କୋର୍ଟ କମ୍ପ୍ଲେକ୍ସ ମଧ୍ୟ ଡିଆରଡିଏ, ତହସିଲ ଓ ଉପଜିଲ୍ଲାପାଳଙ୍କ ଅଫିସ ମିଶାଇଦେଲେ ହୋଇପାରିବ। ବାଲୁଖଣ୍ଡ ଅଭୟାରଣ୍ୟ ମଧୁର ଜଳ ଅଂଚଳରେ ପିକେଡିଏ ଓ ପୁରୀ ମ୍ୟୁନିସିପାଲଟି ପ୍ଲାନ ଅନୁମୋଦନ ନଥାଇ କିପରି ନିର୍ମାଣ କାର୍ଯ୍ୟ କରାଯାଉଛି ତାକୁ ନେଇ ଓକିଲ ସଂଘ ମଙ୍ଗଳବାର ମଧାହ୍ନରେ ପିକେଡିଏ ଅଫିସ ଘେରାଉ କରିଥିଲା। ଗତ ୯ ତାରିଖ ଦିନ ଜିଲ୍ଲାପାଳ, ପିକେଡିଏ, ଡିଏଫଓ ଓ ପୁରୀ ମ୍ୟୁନିସିପାଲଟିକୁ ପୁରୀ ଓକିଲ ସଂଘ ଚିଠି ଲେଖିଥିଲା। କୌଣସି ପଦକ୍ଷେପ ନନେବାରୁ ଓକିଲ ସଂଘ ଆଜି ପିକେଡିଏ ଅଫିସ ଘେରାଉ କରିଥିଲା। ଏଥିରେ ସଭାପତି ପ୍ରେମାନନ୍ଦ ମହାନ୍ତି, ସାଧାରଣ ସମ୍ପାଦକ ଶରତ କୁମାର ରାୟଗୁରୁ, ଉପସଭାପତି ବିଭୁଦତ ପଟ୍ଟନାୟକ, ସୋମନାଥ ଦାସ, କର୍ଣ୍ଣବୀର ମହାପାତ୍ର,ଭାଗବତ ପ୍ରସାଦ ପଟ୍ଟନାୟକ, ସାରଦା ସାମଲ, ପୁଲିନ ବିହାରୀ ଆଚାର୍ଯ୍ୟ, ଶୁଭେନ୍ଦୁ ଦାଶ, ସମିର ଘୋଷ, ଜ୍ୟୋତି ପ୍ରକାଶ ମହାନ୍ତି, ତାପସ ବଳିଆରସିଂ,ବୈଦ୍ୟନାଥ ପାଣି, ସୁକାନ୍ତ ପ୍ରଧାନ,ବିଶ୍ୱ କେଶନ୍ ହରିଚନ୍ଦନ ମହାପାତ୍ର। ରମେଶ ଚନ୍ଦ୍ର ପ୍ରଧାନ, ଜୟ ନାରାୟଣ ପଟ୍ଟନାୟକ, ପ୍ରଦୀପ ରଥ, ପ୍ରଭାସିନୀ ପଲେଇ, ଅରୁନ୍ଧତୀ ବେହେରା ଙ୍କ ସମେତ ଶତାଧିକ ଓକିଲ ଘେରାଉରେ ସାମିଲ ହୋଇଥିଲେ। ପିକେଡିଏ ଟାଉନ ପ୍ଲାନରଙ୍କୁ ତିନି ଦିନ ସମୟ ଦେଇଛି ଓକିଲ ସଂଘ। ନହେଲେ ଆସନ୍ତା ଦିନରେ ଜିଲ୍ଲାର ସମସ୍ତ ଅଫିସ କଚେରୀ ବନ୍ଦ କରିବାକୁ ସଙ୍ଘ ବାଧ୍ୟ ହେବ। ଲୋକେ ସମ୍ବିଧାନ ର ଆର୍ଟିକିଲ ୫୧କ ଧାରା ମତେ ମଧୁର ଜଳ ଅଂଚଳକୁ ସୁରକ୍ଷା ପାଇଁ ସ୍ୱର ଉଠାଇବାକୁ ସଂଘ ଅନୁରୋଧ କରିଛନ୍ତି।

# ଜାତୀୟ କନ୍ୟା ଶିଶୁ ଦିବସ ଅନ୍ତର୍ଗତ ସପ୍ତାହବ୍ୟାପୀ ସଚେତନତା କାର୍ଯ୍ୟକ୍ରମ

ଗଞ୍ଜାମ, ୨୧/୧ (ନି.ପ୍ର): ବେଟି ବଚାଓ ବେଟି ପଢ଼ାଓ ଯୋଜନାର ଅଂଶ ସ୍ୱରୂପ ଜାତୀୟ କନ୍ୟା ଶିଶୁ ଦିବସ-୨୦୨୬ ଅନ୍ତର୍ଗତ ଏକ ସପ୍ତାହବ୍ୟାପୀ ସଚେତନତା କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ (ଏଚଏସଏସ) ଏବଂ ପ୍ରତିଭା ଆବାସିକ ମହାବିଦ୍ୟାଳୟ, ଛତ୍ରପୁର ମଧ୍ୟରେ ଏକ ଆନ୍ତଃକଲେଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ଆଲୋଚନା ଏବଂ ସଚେତନତା ପାଇଁ ଏହି କାର୍ଯ୍ୟକ୍ରମରେ ନିମ୍ନଲିଖିତ ପ୍ରମୁଖ ବିଷୟବସ୍ତୁ ଉପରେ ଧ୍ୟାନ ଦିଆଯାଇଥିଲା: ବାଲ୍ୟ ବିବାହ ରୋକିବା, କନ୍ୟା ସନ୍ତାନର ଗୁରୁତ୍ୱ ଏବଂ ସଶକ୍ତିକରଣ, ଜନ୍ମ ସମୟରେ ଲିଙ୍ଗ ଅନୁପାତରେ ଉନ୍ନତି ଆଣିବା, ବାଲ୍ୟବିବାହ ହେତୁ ଶୀଘ୍ର ଗର୍ଭଧାରଣର ନିବାରଣ, କିଶୋରୀ ଝିଅମାନଙ୍କ ସ୍ୱାସ୍ଥ୍ୟ ଏବଂ ଋତୁସ୍ରାବ ପରିଷ୍କାର ପରିଚ୍ଛନ୍ନତା, ଝିଅମାନଙ୍କ ପାଇଁ ଶିକ୍ଷା ଏବଂ କ୍ରୀଡାର ଗୁରୁତ୍ୱ, କିଶୋରୀ ଝିଅମାନଙ୍କର ସ୍ୱାସ୍ଥ୍ୟ ସମସ୍ୟାକୁ ସମାଧାନ କରିବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କିଶୋରୀ ଝିଅମାନଙ୍କର ସ୍ୱାସ୍ଥ୍ୟ ସମସ୍ୟାକୁ ସମାଧାନ କରିବା। ଏହି କାର୍ଯ୍ୟକ୍ରମଟି ଗଞ୍ଜାମର ସୁରକ୍ଷା-ସମ-କାର୍ଯ୍ୟକ୍ରମ ଅଧିକାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା ଏବଂ ଏଥିରେ ପ୍ରମୁଖ ଗଣ୍ୟମାନ୍ୟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ, ଯଥା:-ପ୍ରିନ୍ସିପାଲ୍, ମହିଳା ଏଚଏସଏସ, ପ୍ରିନ୍ସିପାଲ, ପ୍ରତିଭା ଆବାସିକ ମହାବିଦ୍ୟାଳୟ ଜିଲ୍ଲା ସଂଯୋଜକ, ଡିଏଚଇଡବ୍ଲୁ ଗଞ୍ଜାମ ପିଓଆଇସି, ଡିସିପିଓ ବିଭାଗ ଉଭୟ ଅନୁଷ୍ଠାନର ଅଧ୍ୟାପକ ଜିଲ୍ଲା ମହିଳା ସଶକ୍ତିକରଣ ହବର କର୍ମକର୍ତ୍ତା, ଜାତୀୟ କନ୍ୟା ଦିବସ ପାଳନର ଏକ ଅଂଶ ଭାବରେ, ଛାତ୍ରୀମାନଙ୍କ ମଧ୍ୟରେ ସକ୍ରିୟ ଅଂଶଗ୍ରହଣ ଏବଂ ସଚେତନତାକୁ ଉତ୍ସାହିତ କରିବା ପାଇଁ ସ୍ଲୋଗାନ ଲିଖନ ଏବଂ ବିତର୍କ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା।

ଏହି କାର୍ଯ୍ୟକ୍ରମ ଉତ୍ସାହୀ ଅଂଶଗ୍ରହଣ, ଅର୍ଥପୂର୍ଣ୍ଣ ଆଲୋଚନା ଏବଂ କନ୍ୟା ସନ୍ତାନଙ୍କୁ ସୁରକ୍ଷା, ଶିକ୍ଷା ଏବଂ ସଶକ୍ତୀକରଣ ଉପରେ ଏକ ଦୃଢ଼ ବାର୍ତ୍ତା ସହିତ ଶେଷ ହୋଇଥିଲା।

# ଭାରତୀୟ ଭାଷା ପାରିଭାଷିକ ଶବ୍ଦାବଳୀ ଉପରେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଜାତୀୟ କର୍ମଶାଳା

ଜୟପୁର, ୨୧/୧ (ନି.ପ୍ର): ଓଡିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ହିନ୍ଦୀ ବିଭାଗ ଓ ଭାରତ ସରକାରର ଶିକ୍ଷା ମନ୍ତ୍ରଣାଳୟ ଅଧୀନ ଭାରତୀୟ ଭାଷା ସମିତି, ନୂଆଦିଲ୍ଲୀର ମିଳିତ ଆନୁକୂଲ୍ୟରେ ସୁନାବେଡା ପରିସରରେ "ଭାରତୀୟ ଭାଷାମାନଙ୍କ ପାଇଁ ସମାନ ବୈଜ୍ଞାନିକ ଓ ପ୍ରାଯୁକ୍ତିକ ଶବ୍ଦାବଳୀ (ଓଡ଼ିଆ, ହିନ୍ଦୀ ଓ ସଂସ୍କୃତ ସନ୍ଦର୍ଭରେ)" ଶୀର୍ଷକ ଦୁଇଦିନିଆ ଜାତୀୟ କର୍ମଶାଳା ୧୯ ଓ ୨୦ ଜାନୁୟାରୀ ୨୦୨୫ ରେ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଭାରତୀୟ ଭାଷାମାନରେ ବୈଜ୍ଞାନିକ–ପ୍ରାଯୁକ୍ତିକ ଶବ୍ଦାବଳୀ ପାଇଁ ଏକ ସାଧାରଣ ଓ ମାନକ ଢାଂଚା ଗଢ଼ିବା ଏହି କର୍ମଶାଳାର ମୂଳ ଲକ୍ଷ୍ୟ ଥିଲା। ଦୀପ ପ୍ରଜ୍ୱଳନ ଓ ବେଦମନ୍ତ୍ର ପାଠ ସହ ୧୯ ତାରିଖରେ କାର୍ଯ୍ୟକ୍ରମର ଉଦ୍ଘାଟନ ହୋଇଥିଲା। ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ନରସିଂହ ଚରଣ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟବକ୍ତା ଭାବେ ପ୍ରଫେସର ସତ୍ୟନାରାୟଣ ପଣ୍ଡା ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ନାଲକୋ ଦାମନଯୋଡିର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ନିରଞ୍ଜନ ସାମଲ, ମହାପ୍ରବନ୍ଧକ ଏସ୍. ବସୁ, ହାଲ ର ମହାପ୍ରବନ୍ଧକ (ଡିଜାଇନ) ଏ. ଚକ୍ରଧର, ବିଶ୍ୱବିଦ୍ୟାଳୟର ଅର୍ଥ ଅଧିକାରୀ ଦୁର୍ଯ୍ୟୋଧନ ସେଠୀ, ହରିରାମ ପନ୍ୱାରି, ସୁରେନ୍ଦ୍ର ସାମଲ, ପ୍ରଦୀପ କୁମାର ସାହୁ ଏବଂ ସୁନାବେଡା ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷା ଡା. ଉଷାରାଣୀ ଦାସ ମଂଚାସୀନ ଥିଲେ। ହିନ୍ଦୀ ବିଭାଗ ମୁଖ୍ୟ ଡା. ଚକ୍ରଧର ପଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

ଶ୍ରୀ ନିରଞ୍ଜନ ସାମଲ ତାଙ୍କ ଉଦବୋଧନରେ ହିନ୍ଦୀକୁ ବ୍ୟାପକ ପ୍ରଚଳିତ ଭାଷା ଏବଂ ଓଡ଼ିଆକୁ ସମୃଦ୍ଧ ସାଂସ୍କୃତିକ ଅଭିବ୍ୟକ୍ତିର ସଶକ୍ତ ମାଧ୍ୟମ ବୋଲି ଉଲ୍ଲେଖ କରିଥିଲେ। ଅଧ୍ୟକ୍ଷୀୟ ଭାଷଣରେ ପ୍ରଫେସର ପଣ୍ଡା ଭାରତୀୟ ଭାଷାମାନଙ୍କ ଆନ୍ତରିକ ସମ୍ପର୍କ ଓ ବହୁଭାଷୀ ଜ୍ଞାନର ଗୁରୁତ୍ୱ ଉପରେ ଆଲୋକପାତ କରି, ବିଜ୍ଞାନ–ପ୍ରଯୁକ୍ତି କ୍ଷେତ୍ରରେ ଭାରତୀୟ ଭାଷାମାନଙ୍କୁ ସମୃଦ୍ଧ କରିବାର ଆବଶ୍ୟକତା ଜଣାଇଥିଲେ। ଡା. ମନୋଜ କୁମାର ସିଂହ ସଭା ପରିଚାଳନା କରିଥିବା ବେଳେ ସମନ୍ୱୟକ ଡା. ଶ୍ରୀକାନ୍ତ ଆରାଲେ ଧନ୍ୟବାଦ ଜଣାଇଥିଲେ। ଦେଶର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଗବେଷକ ଓ ପ୍ରତିଭାଗୀମାନେ କାର୍ଯ୍ୟକ୍ରମକୁ ସମୃଦ୍ଧ କରିଥିଲେ।

ଦ୍ୱିତୀୟ ପ୍ରାଯୁକ୍ତିକ ସତ୍ରରେ ଶବ୍ଦ ନିର୍ମାଣର ସିଦ୍ଧାନ୍ତ ଉପରେ ଗଭୀର ଆଲୋଚନା ହୋଇଥିଲା। ହରିରାମ ପନ୍ୱାରି ସଂସ୍କୃତରେ ପାରିଭାଷିକ ଶବ୍ଦ ଗଠନ ପ୍ରକ୍ରିୟା, ସରକାରୀ ପ୍ରୟାସ ଓ ଶବ୍ଦକୋଶ ସମ୍ପାଦନ ସମସ୍ୟା ବିଷୟରେ ମୂଲ୍ୟବାନ ମତ ରଖିଥିଲେ। ସୁରେନ୍ଦ୍ର ସାମଲ ହିନ୍ଦୀ–ଓଡ଼ିଆରେ ପାରିଭାଷିକ ଶବ୍ଦ ଗଠନ ଓ ଓଡ଼ିଆ ଭାଷାର ଗ୍ରହଣଶୀଳ ସ୍ୱଭାବ ଉପରେ ଆଲୋକପାତ କରିଥିଲେ। ତୃତୀୟ ସତ୍ରରେ ପ୍ରଫେସର ସତ୍ୟନାରାୟଣ ପଣ୍ଡା ତିନିଟି ଭାଷାରେ ପ୍ରଚଳିତ ବୈଜ୍ଞାନିକ–ପ୍ରାଯୁକ୍ତିକ ଶବ୍ଦାବଳୀର ଐତିହାସିକ ବିକାଶ, ବ୍ୟବହାରିକ ପ୍ରସଙ୍ଗ ଓ ବର୍ତ୍ତମାନ ଆବଶ୍ୟକତା ବିଷୟରେ ତୁଳନାତ୍ମକ ବିଶ୍ଳେଷଣ ପ୍ରଦାନ କରିଥିଲେ। ଚତୁର୍ଥ ସତ୍ରରେ ସମାନ ଶବ୍ଦାବଳୀ ଗଠନର ସମସ୍ୟା ଓ ସମ୍ଭାବନା, ସହିତ ଡିଜିଟାଲ ମାଧ୍ୟମର ଭୂମିକା ଉପରେ ଚର୍ଚ୍ଚା ହୋଇଥିଲା ବୋଲି ଲୋକସମ୍ପର୍କ ଅଧିକାରୀ ଡା. ଫଗୁନାଥ ଭୋଇ ସୂଚନା ଦେଇଛନ୍ତି।

ଦ୍ୱିତୀୟ ଦିବସରେ ସଂସ୍କୃତ, ଓଡ଼ିଆ ଓ ହିନ୍ଦୀ ପାଇଁ ଯୁକ୍ତ ଶବ୍ଦ–ସୂଚୀ ପ୍ରସ୍ତୁତି, ଭାଷା ମାନକୀକରଣ ଓ ଅନୁବାଦ ଚ୍ୟାଲେଞ୍ଜ ଉପରେ ବିଶେଷ ଆଲୋଚନା ହୋଇଥିଲା। ଗୃହମନ୍ତ୍ରଣାଳୟର ରାଜଭାଷା ବିଭାଗର ସହାୟକ ନିର୍ଦ୍ଦେଶକ ପ୍ରଦୀପ କୁମାର ସାହୁ ପାରିଭାଷିକ ଶବ୍ଦାବଳୀ ନିର୍ମାଣର ବ୍ୟବହାରିକ ପଦ୍ଧତି ବିଷୟରେ ଅଭିଭାଷଣ ଦେଇଥିଲେ। ଭାରତୀୟ ଭାଷା ସମିତିର ବରିଷ୍ଠ ବିଶେଷଜ୍ଞ ପ୍ରୋ. ଆର.ଏସ୍. ସର୍ରାଜୁ ସମସ୍ତ ଭାରତୀୟ ଭାଷା ପାଇଁ ସମାନ ଶବ୍ଦାବଳୀ ଆବଶ୍ୟକତା ଉପରେ ଜୋର ଦେଇଥିଲେ। ଏସଟିପିଆଇ ଭୁବନେଶ୍ୱରର ପରାମର୍ଶଦାତା ଶ୍ରୀ ହରିରାମ ପନ୍ୱାରୀଙ୍କ ଉପସ୍ଥିତିରେ ଶବ୍ଦାବଳୀ ଏକତ୍ରୀକରଣ ଓ କାର୍ଯ୍ୟାନ୍ୱୟନ ଯୋଜନା ଚୂଡ଼ାନ୍ତ ହୋଇଥିଲା। କର୍ମଶାଳାରେ ବୈଜ୍ଞାନିକ–ପ୍ରଯୁକ୍ତି ଭିତିକ ଶବ୍ଦାବଳୀର ବ୍ୟାପକ ପ୍ରଚଳନ ଓ ଯୋଗାଯୋଗକୁ ସରଳ କରିବା ପାଇଁ ଦୃଢ଼ ସୁପାରିଶ ରଖାଯାଇଥିଲା। ବିଶ୍ୱବିଦ୍ୟାଳୟର ଶିକ୍ଷକ, ଛାତ୍ର–ଛାତ୍ରୀମାନଙ୍କ ସମେତ ଡିଏଭି କଲେଜ କୋରାପୁଟ, ସୁନାବେଡା ମହିଳା ମହାବିଦ୍ୟାଳୟ, କେଭି ସୁନାବେଡା, ନାଲକୋ, ହାଲ ଓ ସିସିବିଏଫ ସହ ବିଭିନ୍ନ ସଂସ୍ଥାର ଶିକ୍ଷକ–ଗବେଷକ–ଛାତ୍ରଛାତ୍ରୀମାନଙ୍କ ସକ୍ରିୟ ଅଂଶଗ୍ରହଣରେ କାର୍ଯ୍ୟକ୍ରମ ଏକ ସଜୀବ ଶାସ୍ତ୍ରୀୟ ସମ୍ବାଦରେ ପରିଣତ ହୋଇଥିଲା।

# ସଡ଼କ ସୁରକ୍ଷା ମାସ ଉପଲକ୍ଷେ ମାଗଣା ଚକ୍ଷୁ ଚିକିତ୍ସା ଶିବିର

ବଲାଙ୍ଗିର, ୨୧/୧ (ନି.ପ୍ର): ବଲାଙ୍ଗିର ନୂତନ ବସ ଟର୍ମିନାଲ ଠାରେ ସଡକ ସୁରକ୍ଷା ମାସ ଉପଲକ୍ଷେ ଏକ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଆଂଚଳିକ ପରିବହନ ଓ ଘରୋଇ ବସ ମାଲିକ ସଂଘ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରକୁ ଆରଟିଓ ପ୍ରୀୟବ୍ରତ ମହାନ୍ତି, ଏମ୍‌ଭିଆଇ ଗୌରହରି ହଂସଦା, ଜୁନିୟର ଏମ୍‌ଭିଆଇ ପ୍ରଶାନ୍ତ କୁମାର ପାଢୀ, ଘରୋଇ ବସ ସଂଘର ସଭାପତି ଦୁର୍ଗା ଚରଣ ବେହେରା ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଶିବିରରେ ୬୨ ଜଣଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଡା. ଚିନ୍ମୟୀ ଭାରତୀ ସାହୁ ଓ ଡା. ନିରୁପମା ସାହୁ ଚକ୍ଷୁ ପରୀକ୍ଷା କରିଥିଲେ। ଉକ୍ତ ଶିବିରରେ ସଂଘର କର୍ମକର୍ତ୍ତା ଉପସଭାପତି ପଂଚାନନ ଆଚାର୍ଯ୍ୟ, ସହ-ସଂପାଦକ ଶଙ୍କର ପଟ୍ଟନାୟକ, କୋଷାଧ୍ୟକ୍ଷ ଶିବ ଶଙ୍କର ପଟେଲ, ଆରଟିଓ ଅଫିସର ମୁଖ୍ୟ କିରାଣୀ କୃତାର୍ଥ କାଲସାଏ ଓ କିରାଣି ଶ୍ରୀକାନ୍ତ ନାଏକ, ସୋନୁ ସୁନା ପ୍ରମୁଖ ପରିଚାଳନା କରିଥିଲେ।

# ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ଜୟପୁରର ୧୧୬ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍ଘାଟିତ

ଜୟପୁର, ୨୧/୧ (ନି.ପ୍ର): ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ଜୟପୁରର ୧୧୬ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍ଘାଟିତ ହୋଇଯାଇଛି। ଏହାକୁ ମୁଖ୍ୟ ଅତିଥି ଜୟପୁର ଗୋଷ୍ଠି ଶିକ୍ଷା ଅଧିକାରି ଚନ୍ଦନ କୁମାର ନାୟକ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଏହା ସହିତ ସମ୍ମାନୀତ ଅତିଥି ଥିଲେ ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ନରେଶ ଷଡ଼ଙ୍ଗୀ, ବିଦ୍ୟାଳୟର ଆଲୁମିନି ପ୍ରକାଶ ପଟ୍ଟନାୟକ। ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପୁରୁଣାଗଡ଼ସ୍ଥିତ ହନୁମାନ ମନ୍ଦିରରୁ ମଶାଲ ଆଣି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରଭାତୀ ପାଣିଗ୍ରାହୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଶିକ୍ଷୟତ୍ରୀ ସୁବର୍ଣ୍ଣ ଖିଲ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ। କ୍ରୀଡ଼ା ଉତ୍ସବର ପ୍ରଥମ ଦିବସରେ ଛାତ୍ର ଛାତ୍ରୀମାନଙ୍କର ୪୦୦ ମିଟର, ୬୦୦ ମିଟର, ୮୦୦ ମିଟର ଦୌଡ଼ ପ୍ରତିଯୋଗୀତା, ଲମ୍ଫ ଡିଆଁ, ଉଚ୍ଚ ଡିଆଁ, ଧାତବ ପେଣ୍ଡୁ ନିକ୍ଷେପ (ସଟ୍ ପୁଟ ଥ୍ରୋ) ପ୍ରତିଯୋଗୀତା ସରିଯାଇଛି। ଏଥିରେ ସହଯୋଗ କରିଛନ୍ତି ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, କର୍ମଚାରୀ ଓ ବିକ୍ରମ ଦେବ ବିଶ୍ୱବିଦ୍ୟାଳୟରୁ ଆସିଥିବା ଗୁରୁ ଛାତ୍ର ଛାତ୍ରୀମାନେ। ବାର୍ଷିକ ଉତ୍ସବରେ କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରାଯିବ ବୋଲି ପ୍ରଧାନ ଶିକ୍ଷକ ଘୋଷଣା କରିଛନ୍ତି। ପ୍ରକାଶ ଥାଉକି, ଏହି କ୍ରୀଡା ପ୍ରତିଯୋଗିତା ଶାରୀରିକ ଶିକ୍ଷା ଶିକ୍ଷୟିତ୍ରୀ ପି. ରାଜେଶ୍ୱରିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଦୁଇ ଦିନ ଧରି ଅନୁଷ୍ଠିତ ହେବ।

# ଖଡ଼ିଆଳ ଥାନାରେ ନୂତନ ଥାନାଧିକାରୀଙ୍କ ଯୋଗଦାନ

ନୂଆପଡ଼ା, ୨୧/୧ (ନି.ପ୍ର): ନୂଆପଡା ଜିଲ୍ଲାର ଖଡ଼ିଆଳ ଥାନାରେ ନୂତନ ଥାନା ଅଧିକାରୀ ଭାବରେ ସୁମନ୍ତ କୁମାର ନାଏକ ଆଜି କାର୍ଯ୍ୟରେ ଯୋଗଦାନ କରିଛନ୍ତି। ପୂର୍ବରୁ ଶ୍ରୀ ନାଏକ ନୂଆପଡା ଜିଲ୍ଲାର ବେଲଟୁକୁରି ଥାନାଧିକାରୀ ଭାବରେ କାର୍ଯ୍ୟ କରୁଥିଲେ। ଆଜି ଖଡ଼ିଆଳ ଥାନାଧିକାରୀ ଭାବରେ ସେ କାର୍ଯ୍ୟରେ ଯୋଗଦାନ କରିଛନ୍ତି। ଖଡ଼ିଆଳ ଥାନାଧିକାରୀ ଭାବରେ କାର୍ଯ୍ୟରତ ଦିଲ୍ଲିପ କୁମାର ସାହୁଙ୍କୁ ବେଲଟୁକୁରୀ ଥାନାଧିକାରୀ ଭାବରେ ବଦଳି କରାଯାଇଛି। ଖଡ଼ିଆଳ ଅଂଚଳର ସମସ୍ତଙ୍କ ସହଯୋଗରେ କାର୍ଯ୍ୟ କରିବେ ବୋଲି ନୂତନ ଥାନାଧିକାରୀ ଶ୍ରୀ ନାଏକ ସୂଚନା ଦେଇଛନ୍ତି।

# ଠାକୁର ନିଗମାନନ୍ଦଙ୍କ ୭୫ତମ ଉତ୍କଳ ପ୍ରାଦେଶିକ ଭକ୍ତ ସମ୍ମିଳନୀ ପ୍ରସ୍ତୁତି ବୈଠକ

ପୁରୀ, ୨୧/୧ (ନି.ପ୍ର): ଜାନୁଆରୀ ୩୦ ତାରିଖରୁ ଫେବୃଆରୀ ୨ ତାରିଖ ପର୍ଯ୍ୟନ୍ତ ତାଳବଣିଆ ସ୍ଥିତ ପାର୍କିଂ ସ୍ଥଳ ଠାରେ ଅନୁଷ୍ଠିତ ହେବ ଠାକୁର ନିଗମାନନ୍ଦଙ୍କର ଉତ୍କଳ ପ୍ରାଦେଶିକ ଭକ୍ତ ସମ୍ମିଳନୀର ୭୫ ତମ ବର୍ଷ ପୂର୍ତି କାର୍ଯ୍ୟକ୍ରମ। ଏହି କାର୍ଯ୍ୟକ୍ରମକୁ ଶୃଙ୍ଖଳିତ ଓ ସୁଚାରୁରୂପେ ସମ୍ପର୍ଣ୍ଣ କରିବାକୁ ଏକ ପ୍ରସ୍ତୁତି ବୈଠକ ଆଜି ପୂର୍ବାହ୍ନରେ ସର୍କିଟ ହାଉସ ଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ ଅଧ୍ୟକ୍ଷତା କରିବା ସହ ଭକ୍ତ ସମ୍ମିଳନୀକୁ ସୁଚାରୁ ରୁପେ ପରିଚାଳନା ପାଇଁ ବିଭିନ୍ନ ବିଭାଗକୁ ଦିଆଯାଉଥିବା ଦାୟିତ୍ୱ ସୁଚାରୁ ରୁପେ ନିର୍ବାହ ପାଇଁ ପରାମର୍ଶ ଦେଇଥିଲେ। ଆଇନ ଶୃଙ୍ଖଳା ରକ୍ଷା, ଟ୍ରାଫିକ ନିୟନ୍ତ୍ରଣ, ପାର୍କିଂ ବ୍ୟବସ୍ଥା, ପରିଷ୍କାର ପରିଚ୍ଛନ୍ନତା, ପାନୀୟ ଜଳ ବ୍ୟବସ୍ଥା, ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା, ଅଗ୍ନି ନିର୍ବାପକ ବ୍ୟବସ୍ଥା,ବିଦ୍ୟୁତ ବ୍ୟବସ୍ଥା, ବ୍ୟାରିକେଡ ବ୍ୟବସ୍ଥା ଇତ୍ୟାଦି ସମ୍ପର୍କରେ ଆଲୋଚନା କରାଯାଇ ଚୂଡ଼ାନ୍ତ ପଦକ୍ଷେପ ନେବାକୁ ପରାମର୍ଶ ଦିଆଯାଇଥିଲା। ପ୍ରାଦେଶିକ ଭକ୍ତ ସମ୍ମିଳନୀର ସଭାପତି ସନ୍ତୋଷ କୁମାର ମହାନ୍ତି ସମସ୍ତଙ୍କୁ ସ୍ୱାଗତ କରିବା ସହ ଅନୁଷ୍ଠାନର ରାଜ୍ୟରେ ୧୭୦ ଟି, ରାଜ୍ୟ ବାହାରେ ୧୨ ଗୋଟି ଓ ବିଦେଶରେ ୨ ଗୋଟି ଶାଖା ରହିଛି। ବିଭିନ୍ନ ସମୟରେ ବିଭିନ୍ନ ଶାଖା ଏହାର ଆୟୋଜନ କରିଥିବା ସୂଚନା ଦେବା ସହ ପ୍ରାୟ ୨୫ ବର୍ଷ ପରେ ପୁରୀରେ ଏହି ସମ୍ମିଳନୀ ହେଉଛି ବୋଲି କହିଥିଲେ। ପରିଚାଳକ ଶରତ ଚନ୍ଦ୍ର ସିଂଦେଓ ବିସ୍ତୃତ ସୂଚନା ଦେଇ ଜାନୁଆରୀ ୩୦ ରେ ଅଧିବାସ ଓ ଅନ୍ୟ ତିନି ଦିନ ସମ୍ମିଳନୀ ହେବ। ପ୍ରାୟ ୧୦ ହଜାର ଭକ୍ତଙ୍କର ସମାବେଶ ହେବ। ମୂଳ ପୀଠ ସୋଲାଖିଆ ବରଗଛ ସ୍ଥିତ ଆଶ୍ରମ ଠାରୁ ଏକ ଶୋଭାଯାତ୍ରା ବାହାରି ତାଳବଣିଆ ସମାବେଶ ସ୍ଥଳରେ ପହଂଚିବ ବୋଲି ସୂଚନା ଦେଇଥିଲ। ଏହି ବୈଠକରେ ରାଜ୍ୟ ସଭା ସାଂସଦ ଶୁଭାଶିଷ ଖୁଂଟିଆ ଓ ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଯୋଗଦେଇ ଏହା ଏକ ଆଧାତ୍ମିକ କାର୍ଯ୍ୟକ୍ରମ ହୋଇଥିବାରୁ ସମସ୍ତଙ୍କ ସହଯୋଗରେ ସଫଳ ଭାବେ ଆୟୋଜନ କରାଯିବ। ପ୍ରତ୍ୟେକ ବିଭାଗ ମଧ୍ୟରେ ସମନ୍ୱୟ ରଖି ଅନୁଷ୍ଠାନ କାର୍ଯ୍ୟ କରିବା ସହ ଶ୍ରଦ୍ଧାଳୁ ମାନଙ୍କ ସୁରକ୍ଷା, ସୁରକ୍ଷିତ ରହଣୀ, ସୁରକ୍ଷିତ ଯାତ୍ରାକୁ ସୁନିଶ୍ଚିତ କରିବ ବୋଲି ସୂଚନା ଦେଇଥିଲେ।

# ମାଟିରେ ମିଶିଲାଣି ବର୍ଷାଜଳ ସଂରକ୍ଷଣ ପ୍ରକଳ୍ପ: ଫଳକ ଅଛି, କାମର ଚିହ୍ନବର୍ଣ୍ଣ ନାହିଁ

ରାଉରକେଲା, ୨୧/୧ (ନି.ପ୍ର): ପୂର୍ବ ସରକାରଙ୍କ ସମୟରେ ମୁଖ୍ୟମନ୍ତ୍ରୀ କର୍ମତତ୍ପର ଯୋଜନା(ମୁକ୍ତା) ପାଣ୍ଠିରେ ହୋଇଥିବା ବର୍ଷାଜଳ ସଂରକ୍ଷଣ ପ୍ରକଳ୍ପର ଚିହ୍ନବର୍ଣ୍ଣ ନାହିଁ। କେଉଁଠି ପ୍ରକଳ୍ପ ମାଟିରେ ମିଶିଗଲାଣି ତ ଅନ୍ୟ କେଉଁଠି ଇଟା ଦେଖାଯାଉଛି। ଆଶ୍ଚର୍ଯ୍ୟ କଥା, ଯେଉଁସ୍ଥାନରେ ପ୍ରକଳ୍ପ ସମ୍ପର୍କିତ ସୂଚନାଫଳକ ଲାଗିଛି, ସେଠି ପ୍ରକଳ୍ପର ନାଁ ଗନ୍ଧ ନାହିଁ। ପ୍ରକଳ୍ପ ବାବଦରେ ୧୦ କି ୧୫ କୋଟି ନୁହେଁ ୬୩ କୋଟିରୁ ଅଧିକ ଖର୍ଚ୍ଚ ହୋଇଛି। ଏତେ ଟଙ୍କାରେ ପ୍ରକଳ୍ପ ସହରବାସୀଙ୍କ କାମରେ ଆସିଲାନି। ଯାହାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ସହରର ବୁଦ୍ଧିଜୀବୀ ଓ ବିଭିନ୍ନ ରାଜନୈତିକ ଦଳର ନେତା। ସରକାର ପ୍ରକଳ୍ପର ତଦନ୍ତକରି ଦୁର୍ନୀତିକୁ ସାମ୍ନାକୁ ଆଣିବାକୁ ଦାବି କରିଛନ୍ତି। ଯେଉଁମାନେ ସରକାରୀ ପାଣ୍ଠିର ଅପବ୍ୟୟ କରିଛନ୍ତି, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଆବଶ୍ୟକ ବୋଲି କୁହାଯାଉଛି। ସୂଚନାନୁସାରେ, ପ୍ରକଳ୍ପ କାମ ହାତେଇଥିଲେ ମହିଳା ସ୍ୱୟଂସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)। କାମ କରିଛନ୍ତି ଠିକାଦାର। ଆରଏମ୍‌ସି କାର୍ଯ୍ୟାଳୟ ନିକଟ ସିଂହାସିନୀ ମନ୍ଦିର ପରିସର, ବେଦବ୍ୟାସ, ବାସନ୍ତୀ କଲୋନି, ସାରନଗରୀ, ଇସ୍ପାତ ସହରାଞ୍ଚଳ, ଏଫ୍‌ସିଆଇ ଗୋଦାମ ପାଚେରି ପାର୍ଶ୍ୱ ଆଦି ଅନେକସ୍ଥାନରେ ମହିଳା ଏସ୍‌ଏଚ୍‌ଜିଗୁଡ଼ିକ ଦ୍ୱାରା କରାଯାଇଥିବା କାମ ଦେଖାଯାଉନି। କେଉଁଠି ହାତେ ଦୁଇହାତ ଡ୍ରେନ୍ ଓ ୩/୪ଟି ନନ୍ଦ ବସାଇ କାମସାରି ଦିଆଯାଇଛି ତ ଆଉ କେଉଁଠି ସେତିକି ବି ନାହିଁ। ସେକ୍ଟର-୨୧ ନୟାବଜାର ସ' ମିଲ୍ ନିକଟରେ ଗୋଟିଏ କି ଦୁଇଟି ନୁହେଁ ୨୧ଟି ପ୍ରକଳ୍ପ କରାଯାଇଛି। ପୁଣି ନୟାବଜାର କୁଷ୍ଠବସ୍ତିରେ ୨୦, ଆଇନ ମହାବିଦ୍ୟାଳୟ ନିକଟରେ ୧୨ଟି ପ୍ରକଳ୍ପ ହୋଇଛି। ହେଲେ ସେଠାରେ ବାସ୍ତବଚିତ୍ର କିନ୍ତୁ ସମ୍ପୂର୍ଣ୍ଣ ଭିନ୍ନ। କେଉଁଠି ନନ୍ଦଗୁଡ଼ିକ ମାଟିରେ ପୋତିଗଲାଣି ତ ଅନ୍ୟ କେଉଁଠି ମାଟିରେ ମିଶିଲାଣି। ସେହିପରି ରାଉରକେଲା ଶିଳ୍ପାଞ୍ଚଳରେ ଜଳ ଅମଳ ପ୍ରକଳ୍ପ ହୋଇଥିବା ସ୍ଥାନରେ ଏବେ ଡ୍ରେନ୍ ନିର୍ମାଣ ଚାଲିଛି। ଅଭିଯୋଗ ହେଉଛି, ବିଲ୍ ହେଲା ପରେ ପ୍ରକଳ୍ପଗୁଡ଼ିକ କୁଆଡ଼େ ଉଭାନ୍ ହୋଇଯାଇଛି। ଆଉ କିଛିସ୍ଥାନରେ ପ୍ରକଳ୍ପ ନାଁରେ କିଛି ବି କାମ ହୋଇନାହିଁ। ସେକ୍ଟର-୨୧ ଓଏସ୍‌ଏପି ବାଟାଲିୟନରେ ୨୦ଟି, ଉଦିତନଗର ମାଇନିଂ କାର୍ଯ୍ୟାଳୟ ଚତୁଃପାର୍ଶ୍ୱରେ ୧୨ଟି, ଆରଏମ୍‌ସି କ୍ୱାର୍ଟର୍ସ ପାଖରେ ୨୪ଟି, ଆଇଟିଆଇ ଶାନ୍ତିନଗରରେ ୨୮ଟି, ଦେଓଗାଁ ଦେହୁରୀବସ୍ତିରେ ୧୮ଟି, ସିଭିଲଟାଉନସିପ୍ ଖଟାଲବସ୍ତିରେ ୩୦ଟି ପ୍ରକଳ୍ପ କରାଯାଇଛି। ପାନପୋଷ ୱାଟ୍‌କୋ କାର୍ଯ୍ୟାଳୟ ପରିସରରେ ୨୪ଟି, ବେଦବ୍ୟାସ ସେଣ୍ଟ ଆର୍ଣ୍ଣଲ୍ଡ ଇଂରାଜୀ ମାଧ୍ୟମ ସ୍କୁଲ ଚତୁଃପାର୍ଶ୍ୱରେ ୨୮ଟି ପ୍ରକଳ୍ପ କରାଯାଇଛି। ବେଦବ୍ୟାସ ଆଇଡିସିରେ ୨୧ଟି, ସିଂହଟୋଲାରେ ୬ଟି, ନଦୀଟୋଲା ପଡ଼ିଆରେ ୬ଟି ଜଳ ଅମଳ ପ୍ରକଳ୍ପ ହୋଇଛି। ଏମିତି ଭାବେ ୪୦ ୱାର୍ଡରେ ଗୋଟିଏ ଗୋଟିଏସ୍ଥାନରେ ଅନାବଶ୍ୟକ ଭାବେ ୫ରୁ ୧୦ଟି ପ୍ରକଳ୍ପ କରି ବିଲ୍ ଉଠାଯାଇଛି। ଦୁର୍ନୀତି ଲୁଚାଇବାକୁ ଅଧିକାଂଶ ସ୍ଥାନରେ ସୂଚନାଫଳକ ବି ଲଗାଯାଇ ନାହିଁ। ଏମିତି ଭାବେ ମୁକ୍ତାପାଣ୍ଠିରୁ ପ୍ରାୟ ୬୩ କୋଟିରୁ ଅଧିକ ଟଙ୍କାରେ ବର୍ଷାଜଳ ଅମଳ ପ୍ରକଳ୍ପ କାମ କରାଯାଇଛି। ତଦନ୍ତ ହେଲେ ବଡ଼ଧରଣ ଦୁର୍ନୀତିର ପର୍ଦାଫାସ ହୋଇପାରନ୍ତା ବୋଲି ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।



# ବଙ୍କିମ ଚନ୍ଦ୍ର ଚାଟାର୍ଜୀଙ୍କ କାଳଜୟୀ ବନ୍ଦେ ମାତରଂ ୧୫୦ ତମ ପୂର୍ତ୍ତି ସମାରୋହ ଅନୁଷ୍ଠିତ

ଖୋର୍ଦ୍ଧା , ୨୧/୧ (ନି.ପ୍ର): କାଳଜୟୀ ଲେଖକ ଓ କବି ମହାପୁରୁଷ ବଙ୍କିମ ଚନ୍ଦ୍ର ଚାଟାର୍ଜୀ ଙ୍କ ବନ୍ଦେ ମାତରଂ ସ୍ଲୋଗାନ ର ୧୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଆତ୍ମ ନିର୍ଭର ଭାରତ ସ୍ୱଦେଶୀ ସଂକଳ୍ପ ସମାରୋହ ସ୍ଥାନୀୟ ଜୟୀ ରାଜଗୁରୁ ଟାଉନ୍ ହଲ୍ ଠାରେ ଗତକାଲି ଅନୁଷ୍ଠିତ ହୋଇଯାଇଅଛି । ଖୋର୍ଦ୍ଧା ବ୍ଲକ ଓ ପୌର ପରିଷଦ ଖୋର୍ଦ୍ଧା ପ୍ରଶାସନ ମିଳିତ ଆନୁକୂଲ୍ୟରେ ଏବଂ ପୌର ପରିଷଦ ନିର୍ବାହୀ ଅଧିକାରୀ ରିଜ୍ୱାନ କାକ୍ସାବଙ୍କ ପୋରହିତ୍ୟରେ ଅନୁଷ୍ଠିତ ଉକ୍ତ ସମାରୋହରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ବିଧାୟକ, ଖୋର୍ଦ୍ଧା ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ଜଗଦେବ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍ଘାଟନ କରି ନିଜ ଅଭିଭାଷଣରେ କହିଲେ ବଙ୍କିମ ଚନ୍ଦ୍ର ଜଣେ ମହାନ ଜ୍ଞାନୀ ଗୁଣୀ କାଳଜୟୀ ଲେଖକ ଥିଲେ । ମହାପୁରୁଷ ବଙ୍କିମଙ୍କର ସ୍ଲୋଗାନ ବାଜିଲେ ଦେଶ ଭକ୍ତି ଓ ଦେଶ ମାତୃକାର ସେବା କରିବାକୁ ମନରେ ଅସରନ୍ତି ସ୍ପୃହା ଜାଗ୍ରତ ହୋଇଥାଏ । ତାଙ୍କର ଏହି ମହାନ ପ୍ରତିଭା ର ୧୫୦ ବର୍ଷ ପୂର୍ତ୍ତି କୁ ସରକାର ଆତ୍ମ ନିର୍ଭର ଭାରତ ଓ ସ୍ୱଦେଶୀ ଉତ୍ପାଦକୁ ପ୍ରୋତ୍ସାହନ ଦେବା ଓ ଆପଣେଇବାକୁ ଆମେ ଆଜି ସଂକଳ୍ପ ନେଇ ବିକଶିତ ଓଡ଼ିଶା ଓ ବିକଶିତ ଭାରତ ନିର୍ମାଣ କୁ ସାକାର କରି ସାରା ବିଶ୍ୱକୁ ଆମର ଅଖଣ୍ଡ ଭାରତ ର ଆତ୍ମ ନିର୍ଭର ଭାରତ ଶ୍ରେଷ୍ଠତା କୁ ପ୍ରତିପାଦିତ କରିବାକୁ ଆହ୍ୱାନ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ମାନ୍ୟବର ସାଂସଦ, ଭୁବନେଶ୍ୱର ଙ୍କ ପ୍ରତିନିଧି ଶ୍ରୀ ଦିଲ୍ଲିପ କୁମାର ହୋତା, ପୌର ପରିଷଦ ଅଧକ୍ଷା ଶ୍ରୀମତୀ କନକ ଲକ୍ଷ୍ମୀ ମହାନ୍ତି, ଉପାଧକ୍ଷ ଶୌର୍ଯ୍ୟ ରଞ୍ଜନ ମହାନ୍ତି, ଅଧକ୍ଷା, ପଂଚାୟତ ସମିତି, ଖୋର୍ଦ୍ଧା ଶ୍ରୀମୟୀ ପ୍ରିୟଦର୍ଶିନୀ ପ୍ରମୁଖ ଯୋଗ ଦେଇ ନିଜ ନିଜ ବକ୍ତବ୍ୟ ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ଦିବସ ଉପଲକ୍ଷେ ଆତ୍ମ ନିର୍ଭର ଭାରତ ସ୍ୱଦେଶୀ ସଂକଳ୍ପ ପତ୍ର ସମସ୍ତଙ୍କୁ ପାଠ କରାଇବା ସହ ବ୍ଲକ୍ ସ୍ତରୀୟ ଓ ପୌରାଞ୍ଚାଳ ସ୍ତରୀୟ ଅନୁଷ୍ଠିତ କୃତୀ ପ୍ରତିଯୋଗୀ ଙ୍କୁ ଟ୍ରଫି ଓ ମାନପତ୍ର ଦେଇ ପୁରସ୍କୃତ କରିଥିଲେ । ଦିବସରେ ବହୁ ଶିକ୍ଷକ ଶିକ୍ଷୟତ୍ରୀ, ଛାତ୍ର ଛାତ୍ରୀ, ଅଭିଭାବକ ଓ ଗଣ ମାଧମ ପ୍ରତିନିଧି ବୃନ୍ଦ ଯୋଗ ଦେଇଥିଲେ ।



# ଜୟ ନାରାୟଣ ମହାନ୍ତିଙ୍କ ଦ୍ୱିତୀୟ ଶ୍ରାଦ୍ଧ ବାର୍ଷିକୀ ଉତ୍ସବ ପାଳିତ

ବାଲିଆପାଳ , ୨୧/୧ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକଛକ ସ୍ଥିତ ଇନ୍ଦିରା ଶିଶୁ ଉଦ୍ୟାନରେ ଦିବସ ବ୍ୟାପୀ ବାଲିଆପାଳର ବିକାଶ ପୁରୁଷ ପୂର୍ବତନ ବିଧାୟକ ସ୍ୱର୍ଗତ ଜୟନାରାୟଣ ମହାନ୍ତିଙ୍କ ଦ୍ୱିତୀୟ ଶ୍ରାଦ୍ଧ ବାର୍ଷିକୀ ଉତ୍ସବ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଜୟନାରାୟଣ ମହାନ୍ତି ସ୍ମୃତି ପରିଷଦ କମିଟି ପକ୍ଷରୁ ଆୟୋଜନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ସକାଳେ ପୁରୁଣା ବସଷ୍ଟାଣ୍ଡରୁ ଖଗଡାପାଳ ସ୍ଥିତ ଶ୍ରଦ୍ଧାକ୍ଷେତ୍ର ପର୍ଯ୍ୟନ୍ତ ଗଣ ଦୌଡ ଅନୁଷ୍ଠିତ ହୋଇଥିଲା। ବସ୍ତା ଏସଡିପିଓ ମାନସ ଦେଓ ଏହାର ଶୁଭ ଉଦଘାଟନ କରିଥିଲେ। ବାଲିଆପାଳ ଆଇଆଇସି ସାଲଖାନ ମୁର୍ମୁଙ୍କ ସମେତ ବାଲିଆପାଳ ଫିଜିକାଲ କଲେଜ, ଲକ୍ଷ୍ମୀ ପ୍ରୀୟା କଲେଜ ଏବଂ ସୁବର୍ଣ୍ଣ ରେଖା ମହାବିଦ୍ୟାଳୟର ଛାତ୍ର ଛାତ୍ରୀ, ସ୍ଥାନୀୟ ବୁଦ୍ଧିଜୀବୀ ଏହି ଗଣ ଦୌଡରେ ଅଂଶ ଗ୍ରହଣ କରିଥିଲେ। ପ୍ରଥମ ଅଧିବେଶନରେ ଆୟୋଜିତ ଉତ୍ସବରେ ଉଦଘାଟକ ଭାବେ ବାଲିଆପାଳ ବିଡିଓ ରାଧା ରଞ୍ଜନ ଦାଶ ଯୋଗଦେଇ ଉତ୍ସବକୁ ଉଦଘାଟନ କରିବା ସହିତ ଜୟନାରାୟଣଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଏବଂ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ସ୍ମୃତି କମିଟିର ସଭାପତି ବ୍ରଜକିଶୋର ଭୂୟାଁ ଙ୍କ ସଭାପତିତ୍ୱରେ ସନ୍ଧ୍ୟାରେ ଦ୍ୱିତୀୟ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ମୂଖ୍ୟ ଅତିଥି ଭାବେ ବସ୍ତା ବିଧାୟିକା ସୁବାସିନି ଜେନା ଯୋଗଦେଇ ଜୟନାରାୟଣ କେବଳ ବାଲିଆପାଳ ମାଟିର ଦାୟଦ ନୁହଁନ୍ତି । ସେ ସାରା ରାଜ୍ୟରେ ପରିଚିତ। ଆଜି ବାଲିଆପାଳ ହେଉ କି ଜଳେଶ୍ୱର ହେଉ ଯୋଉଠି ଦେଖିବେ ସବୁ ସ୍ଥାନରେ କେବଳ ଜୟନାରାୟଣ ଙ୍କ ଛାପ ହିଁ ଦେଖିବାକୁ ମିଳିବ।ଏ ମାଟିରୁ କେବଳ ଜୟନାରାୟଣ ଙ୍କ ବାସ୍ନା ହିଁ ବାହାରେ ।ବାଲିଆପାଳ ଜଗନ୍ନାଥ ମନ୍ଦିରକୁ ପ୍ରତିଷ୍ଠା କରି ଇତିହାସର ସ୍ୱର୍ଣ୍ଣକ୍ଷେତ୍ରରେ ଅମର କୀର୍ତ୍ତି ଅର୍ଜନ କରିଛନ୍ତି ବୋଲି ମୁଖ୍ୟ ଅତିଥି ମତବ୍ୟକ୍ତ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବିଜନ ନାୟକ, ହୃଦୟ ରଞ୍ଜନ ତ୍ରିପାଠୀ,, ମୁରଲୀ ମୋହନ ସାହୁ,ସଞ୍ଜୟ ଦେ,ସୁଶାନ୍ତ ଚକ୍ରବର୍ତ୍ତୀ, ପ୍ରଫୁଲ୍ଲ ସାହୁ, ରବିନାରାୟଣ ମହାନ୍ତି ପ୍ରମୁଖ ଯୋଗଦେଇ ଜୟନାରାୟଣଙ୍କର କୀର୍ତ୍ତି ଓ ଗାରିମା ବିଷୟରେ ଆଲୋଚନା କରିଥିଲେ। ବାଲିଆପାଳର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ଚିତ୍ରାଙ୍କନ, ବକ୍ତୃତା, ନୃତ୍ୟ, ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ବାଲିଆପାଳ ରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ବ୍ୟକ୍ତିବିଶେଷ ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ଶିକ୍ଷକ ରାଖାଲ ଚନ୍ଦ୍ର ମାହାନା,ବିଶିଷ୍ଟ ନାଟ୍ୟକାର ରାମଚନ୍ଦ୍ର ତ୍ରିପାଠୀ, ବିଶିଷ୍ଟ କୃଷିବିତ ଅନନ୍ତ ରାଉତ,କ୍ରୀଡା ଓ ସାମ୍ବାଦିକତା କ୍ଷେତ୍ରରେ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ସାମ୍ବାଦିକ ପ୍ରତାପ କୁମାର ପାତ୍ର,ଙ୍କୁ ସମ୍ମାନିତ କରାଯାଇଥିଲା।




# ବନ୍ଦେ ମାତରମର ୧୫୦ ବର୍ଷ ପୂର୍ତ୍ତି ଉତ୍ସବ




ବାସୁଦେବପୁର, ୨୧/୧ (ନି.ପ୍ର): ବାସୁଦେବପୁର ନୀଳମଣି ଟାଉନ ହଲ ପରିସରରେ ବାସୁଦେବପୁର ବ୍ଲକ ଓ ପୌର ପାଳିକା ର ମିଳିତ ସହଯୋଗରେ ବନ୍ଦେ ମାତରମ ୧୫୦ ବର୍ଷ ପୂର୍ତ୍ତି ଉତ୍ସବ ପାଳିତ ହୋଇ ଯାଇଛି। ଏହି ଉତ୍ସବରେ ବାସୁଦେବପୁର ନିର୍ବାଚନ ମଣ୍ଡଳୀର ମାନ୍ୟବର ବିଧାୟକ ଅଶୋକ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଉତ୍ସବରେ ବାସୁଦେବପୁର ବ୍ଲକ ଅଧକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ, ପୌର ପାଳି କାର ଅଧକ୍ଷା ନିବେଦିତା ବେହେରା, ବିଡ଼ିଓ ତନ୍ମିତା କର,ସ୍ଥାନୀୟ ତହସିଲଦାର ପ୍ରିୟବ୍ରତ ଦାସ, ପୌର ପାଳିକାର କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁଧାଂଶୁ ମୋହନ ସ୍ୱାଇଁ, ବି,ଆର,ସି,ସି ଉର୍ମିଳା କର, ଅମୀୟ କୁମାର ମହାଲିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ଆମ ଭାରତ ବର୍ଷର ସମସ୍ତଙ୍କ ପାଖରେ ଦେଶ ପ୍ରେମ ଓ ରାଷ୍ଟ୍ରୀୟ ଚିନ୍ତାଧାରା ରହିବା ଉଚିତ୍ ବୋଲି ଅତିଥି ବନ୍ଧୁ ମାନେ ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ।ଏହି ଅବସରରେ ଦେଶାତ୍ମବୋଧକ ସଙ୍ଗୀତ, ନୃତ୍ୟ, ପରିବେଷଣ କରାଯାଇଥିଲା। ବରିଷ୍ଠ ଶିକ୍ଷକ ଅମୀୟ ପାଣିଗ୍ରାହୀ ଏହି ଉତ୍ସବରେ ସଂଯୋଜନା କରିଥିଲେ। ବିଦ୍ୟାଳୟ ସ୍ତରୀୟ ବିଭିନ୍ନ ପ୍ରତିଯୋ ଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

# ଖାଦ୍ୟ ସୁରକ୍ଷାରୁ ବଂଚିତ ଦିନମଜୁରିଆ 'ମଙ୍ଗଲ'

ଉଦଳା , ୨୧/୧ (ନି.ପ୍ର): ଯେ ହେଉଛି ଖୁଂଟା ବ୍ଲକର ଭୋଳାଗଡ଼ିଆ ପଂଚାୟତ ଅନ୍ତର୍ଗତ କଳାପାଣି ଗ୍ରାମର ଦୃଶ୍ୟ । ଏହି ଗ୍ରାମର ବାସିନ୍ଦା ରୁପାଏ ବେଶ୍ରାଙ୍କ ୪୭ ବର୍ଷ ବୟସର ପୁତ୍ର 'ମଙ୍ଗଲ' ଖାଦ୍ୟ ସୁରକ୍ଷା ଯୋଜନାରେ ସରକାର ଯୋଗାଇ ଦେଉଥିବା ମୁଣ୍ଡପିଛା ୫ କିଗ୍ରା ଚାଉଳ ପାଇବାରୁ ବଂଚିତ ଥିବାର ଜଣାଇଛନ୍ତି । 'ମଙ୍ଗଲ' ଦିନମଜୁରିଆ ଭାବରେ କାମ କରି ନିଜର ଦୈନନ୍ଦିନର ଗୁଜୁରାଣ ମେଂଟାଉଥିବାର କହିଛନ୍ତି । ତାଙ୍କର ଆଧାର କାର୍ଡ଼ ନଥିବା ଯୋଗୁଁ ସେ ଖାଦ୍ୟ ସୁରକ୍ଷା ଯୋଜନାରୁ ବାଦ ପଡ଼ିଥିବାର ଜଣାଯାଇଛି । ତେବେ 'ମଙ୍ଗଲ' ଆଏଧାର କାର୍ଡ଼ ପାଇଁ ବାରମ୍ବାର ଫଟୋ ଉଠାଇବା ସହ ପଂଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟରେ ଗୁହାରି ଜଣାଇଛନ୍ତି । କିନ୍ତୁ କେହି ତାଙ୍କର ଗୁହାରି କର୍ଣ୍ଣପାତ କରୁନଥିବାର ସେ ଅଭିଯୋଗ କରିଛନ୍ତି । ଆଧାର କାର୍ଡ଼ ନଥିବା ଯୋଗୁଁ 'ମଙ୍ଗଲ' ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଥିବାର ଜଣାଇଛନ୍ତି । ତାହାଛଡ଼ା ଆଦିବାସୀ ଲୋକଙ୍କର ସବୁପ୍ରକାର ସୁଖ ଦୁଃଖ ବୁଝିବା ପାଇଁ ଏଠାରେ ସମନ୍ୱିତ ଆଦିବାସୀ ଉନ୍ନୟନ ପ୍ରକଳ୍ପ କାର୍ଯ୍ୟ କରୁଛି । ଯାହାର କାର୍ଯ୍ୟାଳୟ ଉଦଳା ଠାରେ ରହିଛି । 'ମଙ୍ଗଲ' ଜଣେ ଆଦିବାସୀ ଲୋକ ହୋଇଥିବା ବେଳେ ତାଙ୍କୁ ଉକ୍ତ ପ୍ରକଳ୍ପ କୌଣସି ସହଯୋଗ ନକରି କାହିଁକି ଚୁପ ମାରି ବସିଛି ବୋଲି ଅନେକ ପ୍ରଶ୍ନ ଉଠାଇଛନ୍ତି । ଜିଲ୍ଲା ପ୍ରଶାସନ ଏ ବାବଦରେ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ବହୁ ସ୍ୱେଚ୍ଛାସେବି ଦାବୀ ଜଣାଇଛନ୍ତି ।

**AFFIDAVIT**

By virtue of an affidavit before the Executive Magistrate Balasore I, Sayan Kumar Patra, aged 25 years, S/o- Sanatan Patra residing At- Balikuti, Po- Mandhata Bazar, Via- Langaleswar, P.S- Baliapal, Dist- Balasore declare that my correct name is Sayan Kumar Patra, S/o- Sanatan Patra, At- Balikuti, Po- Mandhata Bazar, Via- Langaleswar, P.S- Baliapal, Dist- Balasore which has been mentioned in my Aadhar Card, Pan Card, Bank Pass Book and other relevent documents. But my nick name is Rajat Kumar Patra which has been wrongly mentioned in my LIC Policy bond bearing policy No- 584747745. Both Sayan Kumar Patra and Rajat Kumar Patra is one and same person. Henceforth I will be known as Sayan Kumar Patra in all purposes.

Sayan Kumar Patra

# ବାରିପଦାରେ ଜିଲ୍ଲା ସ୍ତରୀୟ କଳା ପ୍ରଦର୍ଶନୀ-୨୦୨୬ ଉତ୍ସାହରେ ପାଳିତ

ବାରିପଦା, ୨୧/୧ (ନି.ପ୍ର): ବାରିପଦାରେ ରବିବାର ଦିନ ଏକ ଉତ୍ସାହପୂର୍ଣ୍ଣ ଜିଲ୍ଲାସ୍ତରୀୟ କଳା ପ୍ରଦର୍ଶନୀ-୨୦୨୬ ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ଜଗନ୍ନାଥ କଳା ଏକାଡେମୀ ଏବଂ ବାରିପଦା ମ୍ୟୁନିସିପାଲଟିଙ୍କ ମିଳିତ ଆନୁକୂଲ୍ୟରେ ଉତ୍ସବରେ ସ୍ଥାନୀୟ ଶିଶୁ ଉଦ୍ୟାନ ଠାରେ ଅନୁଷ୍ଠିତ ହୋଇଥିଲା। ନର୍ସରୀରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୪ଟି ଗ୍ରୁପ୍‌ରେ ବିଭକ୍ତ ହୋଇ ପ୍ରାୟ ୩୫୦ରୁ ଉର୍ଦ୍ଧ୍ୱ ପିଲାମାନେ ଚିତ୍ରାଙ୍କନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଚଳିତ ବର୍ଷର ଥିମ୍ ଥିଲା ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ପର୍ଯ୍ୟଟନ ସ୍ଥଳୀ ଓ ପ୍ରସିଦ୍ଧ ମନ୍ଦିର ଗୁଡ଼ିକର ଚିତ୍ରାଙ୍କନ। ଶିଶୁ ଉଦ୍ୟାନରେ ସକାଳ ୧୦ଟାରୁ ଦ୍ୱିପହର ୧୨ଟା ପର୍ଯ୍ୟନ୍ତ ଚାଲିଥିବା ଏହି ପ୍ରତିଯୋଗିତାରେ ପ୍ରାୟ ୫୦ଜଣ ପ୍ରତିଯୋଗୀଙ୍କୁ ଟ୍ରଫି ଓ ମେଡାଲ୍ ଦେଇ ପୁରସ୍କୃତ କରାଯାଇଥିଲା। ସଂଧ୍ୟା ପ୍ରାୟ ୬ଟାରେ ବାରିପଦା ମ୍ୟୁନିସିପାଲଟି କଲ୍ୟାଣ ମଣ୍ଡପରେ ଏକ ବିଶେଷ ପୁରସ୍କାର ବିତରଣ ଓ ପ୍ରଦର୍ଶନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ମୁଖ୍ୟ ବକ୍ତା ଭାବେ ଡିଭାଇନ ଡିପ୍ଲୋମା କଲେଜର ଡିନ୍ ଡ଼ ରଂଜିତ କୁମାର ସାହୁ, ସମ୍ମାନୀତ ଅତିଥି ଭାବେ ଭଞ୍ଜସେନାର ପ୍ରତିଷ୍ଠାତା କଳିଙ୍ଗକେଶରୀ ଜେନା ଏବଂ କ୍ରିଏଟିଭ ସ୍କୁଲ ଅଫ୍ ଆର୍ଟ ଆଣ୍ଡ କ୍ରାଫ୍ଟସ୍ ପ୍ରିନ୍ସିପାଲ୍ ରବୀନ୍ କୁମାର ମହାପାତ୍ର ଉପସ୍ଥିତ ଥିଲେ। ଶ୍ରୀ ଜଗନ୍ନାଥ କଳା ଏକାଡେମୀର ପ୍ରିନ୍ସିପାଲ୍ ଶୁଭସ୍ମିତା ଭାରତୀ ହୋତା ଏବଂ ଟ୍ରଷ୍ଟି ରାକେଶ କୁମାର ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ସମସ୍ତ ଚିତ୍ରକଳା ଗୁଡ଼ିକୁ ଡିସପ୍ଲେ କରାଯାଇ ଦର୍ଶକଙ୍କୁ ଆକର୍ଷିତ କରିଥିଲା। ଶ୍ରୀ ଜଗନ୍ନାଥ କଳା ଏକାଡେମୀ ୫ ବର୍ଷ ଧରି ଛାତ୍ରଛାତ୍ରୀଙ୍କୁ କଳା ଶିକ୍ଷା ଦେଇ ଆସୁଥିବା ବେଳେ ଏହି ପ୍ରଦର୍ଶନୀ ଏହାର ଏକ ଉଜ୍ଜ୍ୱଳ ପ୍ରତିଫଳନ ହୋଇଛି। କଳା ଶିକ୍ଷକ ଚିରଞ୍ଜୀବ ସାହୁ, ପ୍ରକାଶିନୀ ସାହୁ, ମାମୁନି ଧଳ, ନୃତ୍ୟ ଗୁରୁ ତପନ କୁମାର ବେହେରା, ସୁଜିତ କୁମାର ଧଳ, ସାଇରା ପ୍ରଧାନ, ଯୋଗ ଗୁରୁ ଚନ୍ଦନ ମିଶ୍ର ଓ ସଞ୍ଚାଳକ ହରେନ୍ଦ୍ର ମହାନ୍ତଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା । ଏହାବ୍ୟତୀତ ଟ୍ରଷ୍ଟି ସୁବାସ ଚନ୍ଦ୍ର ରାଉତ, ଅଙ୍କୁର ଖୁରାନା, ପବିତ୍ର ମୋହନ ପାଢ଼ୀ, ଦେବାଶିଷ ନାୟକ, ସୁକୁଲ ସୋରେନ ଏବଂ ଏନଏସଏସ୍ ସ୍ୱେଚ୍ଛାସେବୀ ଗଣ ଉପସ୍ଥିତି ରହିବା ସହିତ ସହଯୋଗ କରିଥିଲେ। ଏହି ପ୍ରଦର୍ଶନୀ ମୟୂରଭଞ୍ଜର କଳା ଓ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ସହ ନୂଆ ପିଢ଼ିଙ୍କ ମଧ୍ୟରେ ସୃଜନଶୀଳତାର ବିକାଶ ଘଟାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ବାରିପଦାର କଳା ପ୍ରେମୀମାନଙ୍କ ପାଇଁ ଏହା ଏକ ସ୍ମରଣୀୟ ଦିବସ ହୋଇ ରହିଛି।



## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ନବୀନ ଦେଲେ ନୂଆ ...

ନା ଦଳର ନୂଆ ଉତ୍ତରାଧିକାରୀ ଚୟନର ସଙ୍କେତ ଦେଇଛନ୍ତି ତାହା ଏବେ ବିଜେଡିର ଆଭ୍ୟନ୍ତରୀଣ ରାଜନୀତିକୁ ଉଷ୍ମ କରିଦେଇଛି । ଦୁଇ ବିଧାୟକ ଅରବିନ୍ଦ ମହାପାତ୍ର ଓ ସନାତନ ମହାକୁଡ଼ଙ୍କୁ ଦୁର୍ନୀତିଗ୍ରସ୍ତ ଓ ବିଶ୍ୱାସଘାତକର ଆଖ୍ୟା ଦେଇ ଗତ ଗୁରୁବାର ସନ୍ଧ୍ୟାରେ ବିଜେଡିରୁ ନିଲମ୍ବିତ କରିଥିଲେ ନବୀନ । ପରେ ଦଳର ମୁଖପାତ୍ର 'ମିଡ୍ ଡେ ଅପରେସନ'ର କାହାଣୀ କହି ଅରବିନ୍ଦ ଓ ସନାତନଙ୍କୁ ବିଶ୍ୱସାଘାତକର ଚିତ୍ରଣ କରିବାକୁ ପ୍ରୟାସ କରିଥିଲେ । କିନ୍ତୁ ଏଭଳି କାଳ୍ପନିକ ଷଡ଼ଯନ୍ତ୍ର ଅଭିଯୋଗକୁ ନେଇ ବିଜେଡି ଭିତରେ ଓ ବାହାରେ ତୀବ୍ର ସମାଲୋଚନା ହେବା ସହ ଦଳର ବରିଷ୍ଠ ନେତାମାନେ ମଧ୍ୟ ରହସ୍ୟମୟ ଢଙ୍ଗରେ ନିରବତା ଅବଲମ୍ବନ କଲେ । ମାତ୍ର ୨୨ମାସର ଯୁବ ବିଧାୟକ ଅରବିନ୍ଦଙ୍କ ବିରୁଦ୍ଧରେ ବିଜେଡି ନେତୃତ୍ୱ ଆଣିଥିବା ଅଭିଯୋଗକୁ ନେଇ ସାଧାରଣରେ ପ୍ରଶ୍ନ ଉଠିବା ସହ ତାଙ୍କ ସପକ୍ଷରେ ସହାନୁଭୂତି ବଢ଼ିବାରେ ଲାଗିଲା ।

### ଆତଙ୍କୀଙ୍କ ସିକ୍ରେଟ୍ କୋଡ୍ ...

ପର୍ଦ୍ଦାଫାସ କରିଛି ଗୁଇନ୍ଦା ସଂସ୍ଥା । ଏହି ଷଡ଼ଯନ୍ତ୍ରର କୋଡ୍ ନାଁ ଥିଲା '୨୬-୨୬' । ଏହାର ଲକ୍ଷ୍ୟ ଥିଲା ଜାନୁଆରୀ ୨୬ ତାରିଖ ଗଣତନ୍ତ୍ର ଦିବସରେ ଭାରତର ବିଭିନ୍ନ ସ୍ଥାନରେ ବଡ଼ ଆତଙ୍କବାଦୀ ଆକ୍ରମଣ କରିବା । ଗୁଇନ୍ଦା ସୂଚନା ଅନୁଯାୟୀ, ଆତଙ୍କବାଦୀ ସଂଗଠନଗୁଡ଼ିକ ବିଶେଷକରି କାଶ୍ମୀରରେ ବଡ଼ ଆକ୍ରମଣ ଯୋଜନା କରୁଛନ୍ତି । ଏହା ବ୍ୟତୀତ, ଦିଲ୍ଲୀ ସମେତ ଅନ୍ୟାନ୍ୟ ସମ୍ବେଦନଶୀଳ ଅଞ୍ଚଳଗୁଡ଼ିକ ମଧ୍ୟ ବିପଦରେ ଅଛି । ଏହି ସୂଚନା ପରେ ସୁରକ୍ଷା ଏଜେନ୍ସିଗୁଡ଼ିକୁ ସତର୍କ କରାଯାଇଛି ଏବଂ ସାରା ଦେଶରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି । ମିଳିଥିବା ଏକ ଗୁରୁତ୍ୱପୂର୍ଣ୍ଣ ସୂଚନା ଆଧାରରେ, ଜୈଶ-ଏ-ମହମ୍ମଦ ସୋସିଆଲ୍ ମିଡିଆ ଜରିଆରେ ଯୁବପିଢ଼ି ମାନଙ୍କୁ ଉସୁକାଇବା ପାଇଁ ଯୋଜନା ପ୍ରସ୍ତୁତ କରୁଛି । ଠିକ୍ ଯେପରି ନେପାଳ ଭଳି ଦେଶରେ ଯୁବପିଢ଼ି ମାତିଥିଲେ ଏବଂ ସବୁକିଛିକୁ ବରବାଦ କରିଦେଇଥିଲେ । ଠିକ୍ ସେହିଭଳି ଯୁବକମାନଙ୍କୁ ଉସୁକାଇ ଭାରତରେ ଦଙ୍ଗା କରିବାକୁ ଯୋଜନା କରୁଛି ଜୈଶ-ଏ-ମହମ୍ମଦ । ଜମ୍ମୁକାଶ୍ମୀରରେ କିଛି ସଂଗଠନ ଅଛନ୍ତି, ଯେଉଁମାନେ ଜୈଶର ଏହି ଯୋଜନାକୁ ସଫଳ କରିବା ଦିଗରେ କାମ କରିପାରନ୍ତି । ତେଣୁ ଗୁଇନ୍ଦା ସଂସ୍ଥା ଏହି ଦୁଇ ଗୋଷ୍ଠୀ ଫାଲକନ୍ ସ୍କ୍ୱାର୍ଡ ଏବଂ କାଶ୍ମୀର ରେଜିଷ୍ଟାନ୍ସ ଗ୍ରୁଫ ଉପରେ ନଜର ରଖିଛି ।

# ଅନ୍ତରୀକ୍ଷର ଅଷ୍ଟମ ବାର୍ଷିକ ଉତ୍ସବ



ଭୁବନେଶ୍ୱର, ୨୧/୧ (ନି.ପ୍ର): ରବିବାର ଦିନ କଟକ ସ୍ଥିତ ଶ୍ରୀରାମ ଚନ୍ଦ୍ର ସଭା ଗୃହରେ ଅନ୍ତରୀକ୍ଷ ଚାରିଟେବୁଲ ଟ୍ରଷ୍ଟର ଅଷ୍ଟମ ବାର୍ଷିକ ଉତ୍ସବ ପାରମ୍ପରିକ ଭାବେ ଅନୁଷ୍ଠିତ ହୋଇଯାଇଅଛି । ଆୟୋଜିତ ଉତ୍ସବର ପ୍ରଥମ ପାହାଚରେ ମଞ୍ଚାସିନ ଅତିଥି ମାନଙ୍କ ଗହଣରେ, ପ୍ରଦ୍ୟୁମ୍ନ ପଟ୍ଟନାୟକ ସଭାପତିତ୍ୱ କରୁଥିବା ବେଳେ ମୁଖ୍ୟ ଅତିଥି ଶ୍ରୀଯୁକ୍ତ ଗୋଲଖ ବିହାରୀ ବେହେରା, ମୁଖ୍ୟବକ୍ତା ବଂଶୀଧର ସାହୁ , ସମ୍ମାନିତ ଅତିଥି ସବିତା କର, ବିଶେଷ ଅତିଥି ମୁରଲୀଧର ନାଏକ, ସୁଧାଂଶୁ ଲେଙ୍କା ଓ ଶ୍ରୀମତୀ ପ୍ରଭାତୀ ରାଉତ ଙ୍କ ସଂଯୋଜନାରେ ଶତାଧିକ କବି କବିତା ଆବୃତ୍ତି କରିଥିଲେ , ଦ୍ୱିତୀୟ ପାହାଚରେ ପାରାଦୀପ ୟୁନିଟ ର ସୂଚନା ଲୋକ ସମ୍ପର୍କ ଅଧିକାରୀ ଶ୍ରୀଯୁକ୍ତ ପ୍ରସନ୍ନ କୁମାର ବେଉରା ଉଦ୍ଘାଟକ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ସଭା ଉଦ୍ଘାଟନ କରିଥିଲେ , ବିଶିଷ୍ଟ କବି , ସମାଲୋଚକ୍ ଶ୍ରୀଯୁକ୍ତ ହିମାଂଶୁ ପରିଡ଼ା ଙ୍କ ପୌରହିତ୍ୟରେ ମୁଖ୍ୟ ଅତିଥି ବିଶିଷ୍ଟ ପ୍ରାବନ୍ଧିକ ପ୍ରଫେସର ଡ. ବୈଷ୍ଣବ ଚରଣ ସାମଲ , ମୁଖ୍ୟବକ୍ତା ସଭାପତି କଟକ ମହାନଗର ଏକତା କମିଟି ଓ ଆକାଶ ବାଣୀ , ଦୂରଦର୍ଶନ ର ସ୍ୱୀକୃତି ପ୍ରାପ୍ତ କଳାକାର ଶ୍ରୀଯୁକ୍ତ ପ୍ରକାଶ କୁମାର ମହାନ୍ତି , ସମ୍ମାନିତ ବକ୍ତା ସ୍ତମ୍ଭକାର, ପରିଷଦ ସଭ୍ୟ ମାନବ ଅଧିକାର ଆୟୋଗ ଓଡ଼ିଶା ଶ୍ରୀଯୁକ୍ତ ବିଶ୍ୱଜିତ୍ ସୂର୍ଯ୍ୟ ବଂଶୀ , ସମ୍ମାନିତ ଅତିଥି ଶ୍ରୀଯୁକ୍ତ କ୍ଷେତ୍ରବାସୀ ତ୍ରିପାଠୀ ଯୋଗଦେଇ ଓଡ଼ିଆ ଭାଷା ସାହିତ୍ୟ ଉପରେ ବହୁ ଗୁରୁତ୍ୱପୂର୍ଣ୍ଣ ବକ୍ତବ୍ୟ ରଖିଥିଲେ , ଅନୁଷ୍ଠାନର ସ୍ଥାୟୀ ସଭାପତି ଆନନ୍ଦ କୁମାର ମାଇତି ସ୍ୱାଗତ ଭାଷଣ ରଖିଥିବା ବେଳେ ଟ୍ରଷ୍ଟ ର ମେନେଜିଂ ଟ୍ରଷ୍ଟି ଓ ତ୍ରୟମାସିକ ସାହିତ୍ୟ ପତ୍ରିକାର ସମ୍ପାଦିକା ଲକ୍ଷ୍ମୀପ୍ରିୟା ମାଇତି ସଂପାଦକୀୟ ଅଭିଭାଷଣ ଦେଇଥିଲେ , ରାଜ୍ୟର ୧୪ ଜଣ କବି ସାହିତ୍ୟିକ ସମାଜସେବୀ ଙ୍କୁ ସମ୍ବର୍ଦ୍ଧନା କରାଯିବା ସହିତ ଅନ୍ତରୀକ୍ଷ ପତ୍ରିକାର ଅଷ୍ଟମ ବାର୍ଷିକ ସଂଖ୍ୟା ଉନ୍ମୋଚନ କରାଯାଇଥିଲା ଓ ବିଶିଷ୍ଟ ଆନ୍ତର୍ଜାତୀୟ ଖ୍ୟାତି ସଂପନ୍ନ ବରିଷ୍ଟ ଲେଖକ ଶ୍ରୀଯୁକ୍ତ ଡ . ସୁରେନ୍ଦ୍ର ପ୍ରସାଦ ମହାନ୍ତି ଙ୍କ ଏ ସ୍ପିରିଚୁଆଲ ଓ୍ୱାଣ୍ଡର ଇନ୍ କନ୍ଧମାଳ ର ଲୋକାର୍ପଣ କରାଯାଇ ଥିଲା। ଅନୁଷ୍ଠାନର ସହ ସମ୍ପାଦିକା ସ୍ନେହଲତା ଧିର ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ନବଘନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୩୯ ତମ ବାର୍ଷିକ ଉତ୍ସବ

ବାସୁଦେବପୁର, ୨୧/୧ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ କରଞ୍ଜଆଡିଆ ନବଘନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୩୯ ତମ ବାର୍ଷିକ ଉତ୍ସବ ଏକ ବର୍ଣ୍ଣାଢ଼୍ୟ ପରିବେଶ ମଧ୍ୟରେ ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ ଅଧକ୍ଷ ମନୋରଞ୍ଜନ ପତି ସଭାପତିତ୍ୱ କରିଥିଲେ। ବାସୁଦେବପୁର ନିର୍ବାଚନ ମଣ୍ଡଳୀର ମାନ୍ୟବର ବିଧାୟକ ଅଶୋକ କୁମାର ଦାସ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ତାଙ୍କ ବକ୍ତବ୍ୟରେ କହିଲେ ଯେ ବର୍ତ୍ତମାନ ମୌଳିକ ଶିକ୍ଷାର ଆବଶ୍ୟକତା ରହିଛି। ଆମର ଛାତ୍ର ଛାତ୍ରୀ ମାନେ ରାଷ୍ଟ୍ର ଗଠନରେ ସମୟ ଦେବା ସହିତ ପାଠ ପଢା ଓ ଉତ୍ତମ ଚରିତ୍ର ଗଠନରେ ନିଜକୁ ସାମିଲ କରିବା ଉଚିତ୍। ଏହି ଉତ୍ସବରେ ଅନନ୍ତପୁର ସାରସ୍ୱତ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ଭାଗୀରଥି ପଲାଇ, ସମାଜସେବୀ କୃଷ୍ଣ ଚନ୍ଦ୍ର ଘଡାଇ, ପ୍ରତିଷ୍ଠାତା ସଦସ୍ୟ ଶ୍ୟାମ ସୁନ୍ଦର ବାରିକ୍, ପୂର୍ବତନ ପରିଚାଳନା କମିଟି ସଭାପତି ରମେଶ ଚନ୍ଦ୍ର ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ ଓ ଛାତ୍ର ଛାତ୍ରୀ ମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ କାମନା କରିଥିଲେ। ଏହି ଅବସରରେ ବିଭିନ୍ନ ବିଭାଗର କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ପ୍ରମାଣ ପତ୍ର ଓ ଟ୍ରଫି ସହିତ ପୁରସ୍କାର ପ୍ରଦାନ କରାଯାଇଥିଲା। ଇତିହାସ ବିଭାଗର ଅଧାପକ ଶ୍ରୀଧର ନାୟକ ଅତିଥି ପରିଚୟ ପ୍ରଦାନ ସହିତ ମଞ୍ଚ ସଂଯୋଜନା ଓ ପରିଚାଳନା କରିଥିଲେ। ଅର୍ଥନୀତି ବିଭାଗର ଅଧାପକ ବଳରାମ ମଲ୍ଲିକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଛାତ୍ର ଛାତ୍ରୀ ମାନେ ନୃତ୍ୟ ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।



# ରକ୍ତଦାନ ସଚେତନତା କର୍ମଶାଳା

ବାଲେଶ୍ୱର , ୨୧/୧ (ନି.ପ୍ର): ବସ୍ତା ବ୍ଲକ ଅନ୍ତର୍ଗତ ଦଣ୍ଡିକାସ୍ଥିତ ବୀଣାପାଣି ଯୁବକ ସଂଘ ଆନୁକୂଲ୍ୟରେ ଏକ ସ୍ୱେଚ୍ଛା ରକ୍ତଦାନ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଯୁବକସଂଘର ସଭାପତି ଗୌରଶ୍ୟାମ ନାୟକ ସଭାପତିତ୍ୱ କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ପ୍ରାକ୍ତନ ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଅଧାପକ ଗୌରାଙ୍ଗ ପଣ୍ଡା ଓ ଓଡ଼ିଶା ରକ୍ତଦାତା ସଙ୍ଗଠନର ସାଧାରଣ ସମ୍ପାଦକ ଗୋପାଳ ଚନ୍ଦ୍ର ସାହୁ ପ୍ରମୁଖ ବିଷୟ ବିଶେଷଜ୍ଞ ଭାବରେ ଯୋଗଦେଇ ସ୍ୱେଚ୍ଛା ରକ୍ତଦାନର ଉପାଦେୟତା ଓ ଉପକାରିତା ସମ୍ପର୍କରେ ଆଲୋଚନା କରିଥିଲେ । ସଦସ୍ୟ ହ୍ରିତିକ କୁମାର ନାୟକ, ରାକେଶ କୁମାର ମହାନ୍ତି ଓ ମାନସ କୁମାର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଚଳିତ ଜାନୁୟାରୀ ମାସ ୨୪ ତାରିଖ ଦିନ ଏହି ଶିବିର ବୀଣାପାଣି ଯୁବକ ସଂଘ ପରିସରରେ ଅନୁଷ୍ଠିତ ହେବ ବୋଲି ଯୁବକ ସଂଘର ସଭାପତି ଶ୍ରୀଯୁକ୍ତ ନାୟକ ସୂଚନା ପ୍ରଦାନ କରିଛନ୍ତି । ଏହି ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରେ ରକ୍ତଦାତା ମାନଙ୍କୁ ଯୋଗଦେଇ ରକ୍ତଦାନ କରିବାକୁ ଯୁବକ ସଂଘ ତରଫରୁ ନିବେଦନ କରାଯାଇଛି । ଶେଷରେ ସିଦ୍ଧାର୍ଥ ନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।



ଗୁରୁବାର, ୨୨ ଜାନୁଆରୀ ୨୦୨୬

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ତ୍ରିରଙ୍ଗା କ୍ଲବ ଦ୍ୱାରା ସମ୍ବର୍ଦ୍ଧିତ ହେଲେ ଶିକ୍ଷକ ସୋମନାଥ ସିଂହ

ବାରିପଦା - ତା :- ୨୧/୦୧/୨୦୨୬ ରିଖ ବାରିପଦା ମୁନିସିପାଲିଟି ଅନ୍ତର୍ଗତ ୧୫ ନଂ ୱାର୍ଡ ସ୍ଥିତ ତ୍ରିରଙ୍ଗା କ୍ଲବ ଆନୁକୂଲ୍ୟରେ ଆୟୋଜିତ ମକର ମହୋତ୍ସବର ଉଦଯାପନୀ ସନ୍ଧ୍ୟାରେ ଏହି ୱାର୍ଡରେ ସ୍ଥିତ ପୂର୍ଣ୍ଣଚନ୍ଦ୍ରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସର୍ବାଙ୍ଗୀନ ବିକାଶ ଦିଗରେ ଉଲ୍ଲେଖନୀୟ ଅବଦାନ ପାଇଁ ପୂର୍ବତନ ପ୍ରଧାନ ଶିକ୍ଷକ ସୋମନାଥ ସିଂହଙ୍କୁ ଅତିଥିଙ୍କ ହାତରେ ସମ୍ବର୍ଦ୍ଧିତ କରାଯାଇଛି ଓ ଶ୍ରୀ ସିଂହଙ୍କ ଉଦ୍ୟମରେ ବିଦ୍ୟାଳୟଟି ଜିଲ୍ଲା ତଥା ରାଜ୍ୟରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିବା ସହ ଏହାର ଛାତ୍ରଛାତ୍ରୀ ମାନେ ଜିଲ୍ଲା, ରାଜ୍ୟ ତଥା ଜାତୀୟ ସ୍ତରରେ କୃତିତ୍ୱ ହାସଲ କରି ବିଦ୍ୟାଳୟ ତଥା ଜିଲ୍ଲା ପାଇଁ ସୁନାମ ଆଣିଛନ୍ତି ଓ ଜଣେ ଆଦର୍ଶ ଶିକ୍ଷକ ସହିତ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟକରି ଶ୍ରୀ ସିଂହ ବହୁବାର ଜିଲ୍ଲା ତଥା ରାଜ୍ୟ ସ୍ତରରେ ସମ୍ମାନିତ ହୋଇଛନ୍ତି ଓ ପ୍ରକାଶ ଥାଉକି ୩୪ ବର୍ଷର ଶିକ୍ଷକତା ଭିତରେ ତାଙ୍କର ବହୁ ଛାତ୍ରଛାତ୍ରୀ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ହୋଇଥିବା ବେଳେ ଅନେକ ପାଠପଢା ଛାଡ଼ିଥିବା ଛାତ୍ରଛାତ୍ରୀ ମଧ୍ୟ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇପାରିଛନ୍ତି ଓ ତ୍ରିରଙ୍ଗା କ୍ଲବ ସହିତ ଯୋଡ଼ିହୋଇ ବୃକ୍ଷରୋପଣ ଓ ରକ୍ତଦାନ ଆଦି ମହାତ କାର୍ଯ୍ୟ କରିବା ସହ ମକର ମହୋତ୍ସବର ରୂପରେଖ ବଦଳେଇବା ସହ ଏହାର ପ୍ରଚାର ପ୍ରସାର ଦିଗରେ ତଥା ବିଦ୍ୟାଳୟର ଉନ୍ନତି ପାଇଁ ନେଇଥିବା ପଦକ୍ଷେପ ବେଶ ପ୍ରଶଂସନୀୟ ବୋଲି ସ୍ଥାନୀୟ କାଉନସିଲର ନିରୁପମା ମହାନ୍ତିଙ୍କ ସମେତ କ୍ଲବର ସଭାପତି ଆଲୋକ କୁମାର ମହାନ୍ତି, ଉପ ସଭାପତି ରବୀନ୍ଦ୍ର କୁମାର ମହାନ୍ତି ତଥା ସକ୍ରିୟ ସଦସ୍ୟ ସରୋଜ କୁମାର ମହାପାତ୍ର ( ଲିଟନ ) ଜଣାଇଛନ୍ତି ଓ ଖବର ପାଇ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୌମ୍ୟ ଦାଶ, ଶିକ୍ଷକ / ଶିକ୍ଷୟତ୍ରୀ ଓ ଛାତ୍ରଛାତ୍ରୀ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି ଓ ଚଳିତ ବର୍ଷ ମାର୍ଚ୍ଚ ୩୧ ତାରିଖ ଦିନ ସେ ଚାକିରିରୁ ଅବସର ଗ୍ରହଣ କରିବାପରେ ସମାଜସେବା କ୍ଷେତ୍ରରେ ନିଜକୁ ନିୟୋଜିତ କରିବେ ବୋଲି ପ୍ରକାଶ କରିଛନ୍ତି ।

## ଚୁଲି ନିଆଁଲାଗି ମହିଳା ଗୁରୁତର

ନୀଳଗିରି, ୨୧/୧ (ନି.ପ୍ର): ନୀଳଗିରି ଥାନା ଅନ୍ତର୍ଗତ ଶ୍ୟାମସୁନ୍ଦରପୁର ପଞ୍ଚାୟତ କଣ୍ଟିଆଟିକର ଗ୍ରାମର ମୃତ୍ୟୁଞ୍ଜୟ ମହାକୁଡ଼ଙ୍କ ସ୍ତ୍ରୀ ଲିଜାରାଣୀ ମହାକୁଡ଼ ଗତ ୧୯ତାରିଖ ଘରେ ରୋଷେଇ କରୁଥିବା ବେଳେ ଅଜାଣତରେ ପିନ୍ଧା ଶାଢ଼ୀରେ ଚୁଲି ନିଆଁ ଲାଗିଯିବାରୁ ଲିଜାରାଣୀଙ୍କ ଶରୀରର ସତୁରୀ ପ୍ରତିଶତ ପୋଡିଯାଇଥିବାର ଦେଖିବାକୁ ମିଳିଛି। ପରିବାର ଲୋକେ ସଙ୍ଗେସଙ୍ଗେ ବାଲେଶ୍ୱର ମେଡିକାଲ ନେଇ ଚିକିତ୍ସା କରିଥିଲେ। ଅବସ୍ଥା ଗୁରୁତର ହେବାରୁ କଟକ ବଡ଼ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି। ସ୍ୱାମୀ ଦିନମଜୁରିଆ ଭାବେ କାମ କରୁଥିବାବେଳେ ଦୁଇଟି ସନ୍ତାନ ଅଛନ୍ତି। ପାଖପାଖି ୨୦ଲକ୍ଷ ଟଙ୍କା ଖର୍ଚ୍ଚ ହେବବୋଲି ଡାକ୍ତର କହିଥିବା ବେଳେ ଏତେଟଙ୍କା ତାଙ୍କପାଇଁ ସାତ ସପନ। ତେଣୁ ନିଜ ସ୍ତ୍ରୀର ଆରୋଗ୍ୟ ପାଇଁ ସ୍ୱାମୀ ସମସ୍ତଙ୍କୁ ଗୁହାରି କରୁଥିବା ବେଳେ ଯଦି କେହି ବଦାନ୍ୟ ବ୍ୟକ୍ତି ସହଯୋଗର ହାତ ବଢ଼ାନ୍ତି ତେବେ ୭୦୦୮୫୬୯୧୭୭ରେ ଯୋଗାଯୋଗ ପାଇଁ ନିବେଦନ କରିଛନ୍ତି।

## ସଦର ରୁରାଲ୍ ଆଇସିଡିଏସ ପ୍ରକଳ୍ପ ଅଧୀନରେ କିଶୋର-କିଶୋରୀ ଟାଲେଣ୍ଟ ହଣ୍ଟ କାର୍ଯ୍ୟକ୍ରମ



ବସ୍ତା୨୧/୧(ନିପ୍ର) ସଦର ବ୍ଲକ ଅନ୍ତର୍ଗତ ସଦର ଆର ଆଇ ସି ଡି ଏସ ଅଫିସ ଅଧୀନରେ କିଶୋର -କିଶୋରୀ ମାନଙ୍କ ଲୁକ୍କାୟିତ ପ୍ରତିଭାକୁ ଚିହ୍ନଟ ଓ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଏକ ଟାଲେଣ୍ଟ ହଣ୍ଟ କାର୍ଯ୍ୟକ୍ରମ ସଫଳତାର ସହ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ସି ଡି ପି ଓ ରଙ୍ଗୋଲତା ମହାନ୍ତି ଙ୍କ ଅଧକ୍ଷତା ରେ ଅନୁଷ୍ଠିତ ହୋଇଥିଲା। କିଶୋର-କିଶୋରୀମାନଙ୍କୁ ନିଜ ଦକ୍ଷତା ଓ ପ୍ରତିଭାକୁ ଆଗକୁ ଆଣିବାକୁ ଉତ୍ସାହିତ କରି ଏପରି କାର୍ଯ୍ୟକ୍ରମ ମାଧ୍ୟମରେ ଆତ୍ମବିଶ୍ୱାସ, ସୃଜନଶୀଳତା ଓ ସାମଗ୍ରିକ ବିକାଶ ସମ୍ଭବ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ପି ଇ ଓ ଶ୍ରୀମତୀ ଗିରିବାଳା ଓ ପି ଇ ଓ ଶ୍ରୀମତୀ ସ୍ୱପ୍ନା ପ୍ରହରାଜ ମହୋଦୟାମାନେ ଉପସ୍ଥିତ ରହି କିଶୋର-କିଶୋରୀମାନଙ୍କୁ ପ୍ରେରଣା ଦେଇଥିଲେ ଏବଂ ଆଇସିଡିଏସ କର୍ମଚାରୀମାନଙ୍କ ଅବଦାନକୁ ପ୍ରଶଂସା କରିଥିଲେ। ଏହାସହ ଡାକ୍ତର ସୁଭାସିସ ମହାନ୍ତି ଉପସ୍ଥିତ ରହି କିଶୋର-କିଶୋରୀମାନଙ୍କ ସ୍ୱାସ୍ଥ୍ୟ ଓ ସୁସ୍ଥ ଜୀବନଶୈଳୀ ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତା ଦେଇଥିଲେ। ସଦର ରୁରାଲ୍ ପ୍ରକଳ୍ପ ଅଞ୍ଚଳର ସମସ୍ତ ସୁପରଭାଇଜର ଓ ଅଙ୍ଗନବାଡ଼ି କର୍ମୀ ମାନେ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସକ୍ରିୟ ଭାବେ ସହଯୋଗ କରିଥିଲେ। ବିଭିନ୍ନ ଅଙ୍ଗନବାଡ଼ି କେନ୍ଦ୍ରର କିଶୋର - କିଶୋରୀ ମାନେ ନୃତ୍ୟ, ସଙ୍ଗୀତ, ଚିତ୍ରକଳା ଓ ସୃଜନାତ୍ମକ କଳା ମାଧ୍ୟମରେ ନିଜ ପ୍ରତିଭା ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ସମସ୍ତ ଅଂଶ ଗ୍ରହଣ କାରୀଙ୍କୁ ସ୍ତୁତି ଓ ପ୍ରଶଂସା କରାଯିବା ସହ ସାର୍ଟିଫିକେଟ ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଆଗାମୀ ଦିନରେ ଏପରି କାର୍ଯ୍ୟକ୍ରମ ଆୟୋଜନ କରି କିଶୋର-କିଶୋରୀ ସଶକ୍ତିକରଣ ପାଇଁ ସମୂହିକ ସଂକଳ୍ପ ଗ୍ରହଣ କରାଯାଇଥିଲା।

## ମହାବୀର କ୍ରିକେଟ ଟୁର୍ଣ୍ଣାମେଣ୍ଟ: ତୋଟାପଡା ଚାମ୍ପିୟନ



ଖଇରା, ୨୧/୧ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଡୁଙ୍ଗୁରା ଗ୍ରାମ ପଞ୍ଚାୟତ ଅଧୀନ ବାରାହାପୁର ଚନ୍ଦନପଡିଆରେ ଚାଲିଥିବା କ୍ରିକେଟ ଟୁର୍ନାମେଣ୍ଟ ମଙ୍ଗଳବାର ଦିନ ଉଦ୍‌ଯାପିତ ହୋଇ ଯାଇଛି । ଏଥିରେ ତୋଟାପଡା ର ଡେଞ୍ଜର ଇଲେଭେନ ଟିମ ପାଇକାଳପୁର ୟୁନାଇଟେଡ କ୍ଲବକୁ ୪୩ ରନରେ ପରାସ୍ତ କରିଛି । ପ୍ରଥମେ ବ୍ୟାଟିଂ କରି ତୋଟାପଡା ନିର୍ଦ୍ଧାରିତ ୨୦ ଓଭରରେ ୧୮୭ ରନ ସଂଗ୍ରହ କରିଥିଲା । ଜବାବରେ ପାଇକାଳପୁର ନିର୍ଦ୍ଧାରିତ ଓଭରରେ ୧୪୪ରନ ସଂଗ୍ରହ କରି ପରାଜୟ ସ୍ୱିକାର କରିଥିଲା । ଶଶିକାନ୍ତ ମାଝୀ ଓ ରତ୍ନାକର ମାଝୀ ମ୍ୟାଚ ପରିଚାଳନା କରିଥିଲେ । ଏହି ଅବସରରେ ଆୟୋଜିତ ପୁରସ୍କାର ବିତରଣ ସଭାରେ ଯୁବନେତା ନିଳମାଧବ ପଣ୍ଡା ମୁଖ୍ୟଅତିଥି, ସରପଞ୍ଚ ପ୍ରକାଶ କୁମାର ଲେଙ୍କା, ଯୁବନେତା ଶଙ୍କର୍ଷଣ ମାଝୀ,ଅରୁଣ ଘୋଷ,ସୁବାଷ ଚନ୍ଦ୍ର ମାଝୀ,ଶତ୍ରୁଘ୍ନ ମହାନ୍ତି ଓ ନଟବର ସାହୁ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ବିଜୟୀ ତୋଟାପଡା ଟିମକୁ ଟ୍ରଫି ସହ ୧୨ହଜାର ଏବଂ ରନର୍ସ ଅପ ଟିମକୁ କପ ସହ ୮ହଜାର ଟଙ୍କା ପ୍ରଦାନ କରାଯାଇଥିଲା । ମହାବିର ୟୁଥ କ୍ଲବର ସଦସ୍ୟ ରାଜେନ୍ଦ୍ର ମାଝୀ, ପ୍ରିୟଜିତ ମାଝୀ, ଜ୍ୟୋତିରଞ୍ଜନ ଘୋଷ, ସନ୍ତୋଷ ମାଝୀ ଓ ଭଗବାନ ସାହୁ ପ୍ରମୁଖ ସହଯୋଗ କରିଥିଲେ ।

## ଗୋଲାପ ଦେଇ ବାଇକ ଆରୋହୀଙ୍କୁ ସଚେତନ କଲେ ଥାନାଧିକାରୀ

ବାଲିଆପାଳ , ୨୧/୧ (ନି.ପ୍ର): ବାଲିଆପାଳ ପୋଲିସ ପକ୍ଷରୁ ଗୋଲାପ ଫୁଲ ଦେଇ ବାଇକ ଆରୋହୀଙ୍କୁ ସଚେତନ କରାଇଲେ ବାଲିଆପାଳ ଥାନା ଅଧିକାରୀ ।ସାରା ରାଜ୍ୟରେ ଦିନକୁ ଦିନ ସଡକ ଦୁର୍ଘଟଣା ବଢ଼ିବାରେ ଲାଗିଛି। ଏହାକୁ ରୋକିବା ପାଇଁ ମଙ୍ଗଳବାର ବାଲିଆପାଳ ପୋଲିସ ଏବଂ ସୁବର୍ଣ୍ଣ ରେଖା ମହାବିଦ୍ୟାଳୟର ଅଧକ୍ଷ ଗୌରାଙ୍ଗ ରାଉତଙ୍କ ତତ୍ତ୍ୱାବଧାନରେ ଶୀତକାଳୀନ ସେବା ଶିବିରର ଛାତ୍ର ଛାତ୍ରୀ ମାନଙ୍କ ସହଭାଗିତାରେ ଦୋଭକ ଛକ ଠାରେ ସଡ଼କ ସୁରକ୍ଷା ସଚେତନତା କରାଯାଇଛି। ହ୍ୟାଲମେଟ ଲଗାଇ ଥିବା ବାଇକ ଆରୋହୀ ମାନଙ୍କୁ ଗୋଲାପ ଫୁଲ ଦେଇ ସ୍ୱାଗତ ଜଣାଇବା ସହିତ ହ୍ୟାଲମେଟ ପିନ୍ଧି ନ ଥିବା ଆରୋହୀ ମାନଙ୍କୁ ସଡ଼କ ସୁରକ୍ଷା ଆଇନକୁ ମାନିବା , ଗାଡ଼ି ଚଳାଇବା ବେଳେ ମୋବାଇଲ ବ୍ୟବହାର ନକରିବା, ଟ୍ରାଫିକ ନିୟମ ପ୍ରତି ଧ୍ୟାନ ଦେବା ସହିତ ସମସ୍ତ ନିତି ନିୟମର ପାଠ ପଢ଼ାଇଥିଲେ ବାଲିଆପାଳ ଆଇଆଇସି ସାଲିଖାନ ମୁର୍ମୁ। ଏହି ଅବସରରେ ସବଇନ୍ସପେକ୍ଟର ପ୍ରେମ ପ୍ରତାପ ବାହିନୀ, ମହାବିଦ୍ୟାଳୟର ଅଧ୍ୟାପକ ରଞ୍ଜନ କୁମାର ପାଢ଼ୀ, ପାର୍ବତୀ ମୁର୍ମୁ, ପୁଷ୍ପାଞ୍ଜଳି ବିରଳି,ସୁଭ୍ରାଶିଳ୍ପୀ ରାଉତ, ରତିରଞ୍ଜନ କବାଟ, ରାଜେନ୍ଦ୍ର ପ୍ରଧାନ, ନିଳାମ୍ବର ଧଳ, ଶିବିର ପ୍ରୋଗ୍ରାମ ଅଫିସର ଅଧକ୍ଷ ପୂର୍ଣ୍ଣଚନ୍ଦ୍ର ଦାସ, ପ୍ରେମାନନ୍ଦ ସେଠି ପ୍ରମୁଖ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଓୟୁଜେର ପ୍ରାନ୍ତୀୟ ସମ୍ମିଳନୀ ଫେବୃୟାରୀରେ ସିମୁଳିଆରେ ହେବ



ବାଲେଶ୍ୱର, ୨୧/୧ (ନି.ପ୍ର): ଓଡ଼ିଶା ସାମ୍ବାଦିକ ୟୁନିଅନର ପ୍ରାନ୍ତୀୟ ସମ୍ମିଳନୀ ବାଲେଶ୍ୱର ଜିଲ୍ଲାର ସିମୁଳିଆଠାରେ ଫେବୃଆରୀ ମାସରେ ଅନୁଷ୍ଠିତ ହେବ। ଓଡ଼ିଶା ସାମ୍ବାଦିକ ୟୁନିଅନ ବାଲେଶ୍ୱର ଜିଲ୍ଲା ଶାଖାର ଏକ ପ୍ରସ୍ତୁତି ବୈଠକ ଓ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଆଜି ସୋର ବ୍ଲକ ଅନ୍ତର୍ଗତ ସିନ୍ଧୁଆଠାରେ ସଭାପତି ଗଙ୍ଗାଧର ରାଉତଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା।

## ଅଜଣା ମୃତ ଦେହ ଉଦ୍ଧାର

ବାଲିଆପାଳ , ୨୧/୧ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବାଲିଆପାଳ ଥାନା ଅନ୍ତର୍ଗତ ମହାବଳା କୋଷ୍ଟ କେନାଲ ରାସ୍ତାରେ ଅଜଣା ଯୁବକ ର ମୃତ ଦେହ ଉଦ୍ଧାର ହୋଇଛି। ଅପରାହ୍ନରେ ଅଜଣା ଯୁବକଙ୍କର ମୃତଦେହ ରାସ୍ତା କଡରେ ପଡି ଥିବାର ଦେଖି ସ୍ଥାନୀୟ ଲୋକେ ବାଲିଆପାଳ ପୋଲିସ ଏବଂ ଆମ୍ବୁଲାନ୍ସକୁ ଖବର ଦେଇଥିଲେ, ଘଟଣା ସ୍ଥଳରେ ଆମ୍ବୁଲାନ୍ସ ଟିମ୍ ପହଞ୍ଚି ମୃତଦେହ ଉଦ୍ଧାର କରି ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କୁ ପଠାଇ ଥିବା ବେଳେ ଏହା ହତ୍ୟା ନା ଆତ୍ମହତ୍ୟା ଏନେଇ ତଦନ୍ତ ଜାରି ରହିଛି। ଶବଟି ଚିହ୍ନଟ ହେବା ପରେ ପୋଷ୍ଟମର୍ଟମ କରାଯିବ ବୋଲି ବାଲିଆପାଳ ଆଇଆଇସି ସାଲିଖାନ ମୁର୍ମୁ କହିଛନ୍ତି।

## ଆଦର୍ଶ ଶିକ୍ଷକଙ୍କ ପରଲୋକରେ ଶୋକର ଛାୟା

ଲଙ୍ଗଳେଶ୍ୱର , ୨୧/୧ (ନି.ପ୍ର): ବାଲିଆପାଳ ବ୍ଲକ ଲଙ୍ଗଳେଶ୍ୱର ମାଧମିକ ଶିକ୍ଷକ ତାଲିମ ବିଦ୍ୟାଳୟର ପୂର୍ବତନ ଶିକ୍ଷକ ଶଚିନ୍ଦ୍ର କୁମାର ପୃଷ୍ଟିଙ୍କର ଗଲା ୧୯ ତାରିଖ ଦିନ ପରଲୋକ ହୋଇ ଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୬୪ ବର୍ଷ ବୟସ ହୋଇଥିଲା। ସ୍ୱର୍ଗତ ପୃଷ୍ଟି ହଳଦୀପାଳ ହରେକୃଷ୍ଣ ଉଚ୍ଚ ବିଦ୍ୟାଳୟରେ ମଧ ସହକାରୀ ଶିକ୍ଷକ ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। ସେ ଏକାଧାରରେ ଜଣେ ଆଦର୍ଶ ଶିକ୍ଷକ, ସମାଜସେବୀ ତଥା ଧର୍ମ ପରାୟଣ ବ୍ୟକ୍ତି ଥିଲେ। ମୃତ୍ୟୁ ପରେ ତାଙ୍କ ପରିବାର ଲୋକ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ତାଙ୍କର ଚକ୍ଷୁ ଦାନ କରିଥିଲେ। ତାଙ୍କ ଘର ବାଲେଶ୍ୱର ସଦର ବ୍ଲକ କଷାଫଳ ଗ୍ରାମ ହୋଇଥିବାବେଳେ ସେଠାରେ ତାଙ୍କର ଶେଷ କୃତ୍ୟ ସମ୍ପନ୍ନ ହୋଇଛି। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ତାଙ୍କ ପରିବାର ବର୍ଗ, ବନ୍ଧୁ ବାନ୍ଧବ ତଥା ଆତ୍ମୀୟ ସ୍ୱଜନ ଗଭୀର ଶୋକ ପ୍ରକାଶ କରିବା ସହିତ ତାଙ୍କ ଆତ୍ମାର ସଦଗତି କାମନା କରିଛନ୍ତି ।

## କବି ଓ ସମାଜସେବୀ ରାଧାଶ୍ୟାମ ପଣ୍ଡାଙ୍କ ତୃତୀୟ ଶ୍ରାଦ୍ଧ ବାର୍ଷିକ ଉତ୍ସବ ପାଳନ ଓ ପ୍ରତିମୂର୍ତ୍ତି ଅନାବରଣ

### ଲୋକନାଥ ପାଠାଗାରର ୪୧ ତମ ରାଜ୍ୟସ୍ତରୀୟ ବାର୍ଷିକ ଉତ୍ସବ ପାଳିତ



ଔପଦା, ୨୧/୧ (ନି.ପ୍ର): ଔପଦା ବ୍ଲକ ଫତେପୁର ପଞ୍ଚାୟତ ହରିହରପୁର ଶାସନରେ ଆଦର୍ଶ ଶିକ୍ଷକ,କବି,ସମାଜସେବୀ, ସଂଗଠକ,ସବୁରି ଜନ ପରିଚିତ ରାଧାଶ୍ୟାମ ପଣ୍ଡା ଙ୍କର ତୃତୀୟ ଶ୍ରାଦ୍ଧ ବାର୍ଷିକ ତଥା ପ୍ରତିମୂର୍ତ୍ତି ଅନାବରଣ ଉତ୍ସବ ନିଜ ବାସଭବନ ଶାନ୍ତି ମୈତ୍ରୀ ନିଳୟ ରେ ମହା ଆଡମ୍ବର ସହକାରେ ପାଳିତ ହୋଇ ଯାଉଛି। ପଣ୍ଡିତ କୃଷ୍ଣ ଚନ୍ଦ୍ର ପତ୍ରିଙ୍କ ତତ୍ତ୍ୱାବଧାନ ରେ ସକାଳେ ଶାସନ ପୋଖରୀ ରେ ପରିବାରବର୍ଗ ଙ୍କଦ୍ୱାରା ତିଳତର୍ପଣ,କରାଯାଇଥିଲା । ପରେ ବୁଧି ରାମପାଣିଗ୍ରାହି, ଶ୍ୟାମସୁନ୍ଦର ପଣ୍ଡା, ରମାକାନ୍ତ ଶତପଥୀ ପ୍ରମୁଖ ଉପସ୍ଥିତ ରହି ଗୀତା ଓ ଭାଗବତ ପାରାୟଣ କରିଥିଲେ । ପରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇ ଥିଲା । ଏହି ସଭାରେ ଅବସର ପ୍ରାପ୍ତ ଜିଲ୍ଲାପାଳ ଡ଼ଃ ନିରଞ୍ଜନ ସାହୁ ସଭାପତିତ୍ୱ କରିଥିଲେ । ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ରଘୁନାଥ ପତ୍ରି ମଞ୍ଚ ଆହ୍ୱାନ କରିଥିବା ବେଳେ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ସୁଦର୍ଶନ ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେଇଥିଲେ । ଲୋକନାଥ ପାଠାଗାରର ସମ୍ପାଦକ ଧନଞ୍ଜୟ ପଣ୍ଡା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ବରଣ୍ୟ ଅତିଥି ଭାବେ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା, ପୂର୍ବତନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ,ସାରସ୍ୱତ ସାଧକ କାଳିପଦ ପଣ୍ଡା,ଧ୍ୱନି ପ୍ରତିଧ୍ୱନିର ମୁଖ୍ୟ ସମ୍ପାଦକ ସୃଷ୍ଟି ଧର ପରିଡ଼ା, ବ୍ରଜେନ୍ଦ୍ର ନାଥ ଗିରି, ବିପିନ ବିହାରୀ ବିଶ୍ୱାଳ, ଅବସର ପ୍ରାପ୍ତ ଶିକ୍ଷକ ନରହରି ମହାନ୍ତି,ଅବସର ପ୍ରାପ୍ତ ପ୍ରାଧାପକ ମୁକ୍ତିକାନ୍ତ ଶତପଥି ହରିହର ପାଣିଗ୍ରାହୀ, ବ୍ୟଙ୍ଗ କବି ବିଜୟ ଗକୁଳା ନନ୍ଦ ରାଉତ ଉପସ୍ଥିତ ରହି ସ୍ୱର୍ଗତ ପଣ୍ଡାଙ୍କର ଗୁଣ ଗାରିମା ଉପରେ ବକ୍ତବ୍ୟ ଦେଇଥିଲେ । ପରେ ଅତିଥି ମାନଙ୍କ ଦ୍ୱାରା ପ୍ରତିଭା ଧାରିଙ୍କୁ ଅତିଥି ମାନଙ୍କ ଦ୍ୱାରା ଉପଢ଼ୌକନ ସହିତ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇ ଥିଲା । ଅସହାୟ ମାନଙ୍କୁ କବିଙ୍କ ପତ୍ନୀ ସରସ୍ୱତୀ ପଣ୍ଡା ଶୀତ ବସ୍ତ୍ର ବଣ୍ଟନ କରିଥିଲେ । ଏଥିରେ ଭଗବାନ ଚରଣ ପଣ୍ଡା, ପୂର୍ଣ୍ଣଚନ୍ଦ୍ର ପଣ୍ଡା,ବଳରାମ ପଣ୍ଡା, ଡ଼ା ଅକ୍ଷୟ କୁମାର ପଣ୍ଡା, ଡ଼ଃ ସଞ୍ଜୟ କୁମାର ପଣ୍ଡା,ସନ୍ତୋଷ କୁମାର ପଣ୍ଡା, ଉଦୟ କୁମାର ପଣ୍ଡା,ପ୍ରିୟ ବ୍ରତ ମିଶ୍ର, ହରିଶ ଚନ୍ଦ୍ର ପଣ୍ଡା,ଅଭୟ କୁମାର ପଣ୍ଡା ଙ୍କ ସମେତ କବି ରାଧାଶ୍ୟାମ ସ୍ମୃତି ପରିଷଦର କର୍ମ କର୍ତ୍ତା ମାନେ ସହଯୋଗ କରଥିଲେ । ଶେଷରେ ଅଧ୍ୟାପକ ବିଜୟ କୁମାର ଧନ୍ୟବାଦ ଅର୍ପଣ କରିଥିଲେ ।

## ବାହାବଳପୁର ପଂଚାୟତରେ ୯କୋଟିରୁ ଉର୍ଦ୍ଧ୍ୱ ଟଙ୍କାରେ ଲୁଣାବନ୍ଧ ନିର୍ମାଣ ପାଇଁ ଶୁଭ ଦେଲେ ସଦର ବିଧାୟକ



ବାଲେଶ୍ୱର, ୨୧/୧ (ନି.ପ୍ର): ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବାହାବଳପୁର ପଂଚାୟତର ଅଂଚଳବାସୀଙ୍କ ଦୀର୍ଘଦିନର ଦୁଃଖ ଦୂର ହେବାକୁ ଯାଉଛି। ବର୍ଷ ବର୍ଷ ଧରି ଲୁଣା ପାଣି ମାଡ଼ି ଯିବାର ଭୟ ମଧ୍ୟରେ କାଳାତିପାତ କରୁଥିବା ଜନସାଧାରଣଙ୍କ ଦାବିକୁ ଗୁରୁତ୍ୱ ଦେଇ ଅବହେଳିତ ଅବସ୍ଥାରେ ଥିବା ନୂଆଗାଁ କଇଁଫୁଲିଆ ଲୁଣାବନ୍ଧର ସୁରକ୍ଷାକରଣ ପ୍ରକଳ୍ପ ଆରମ୍ଭ ହେଉଛି । ଏହି ଲୁଣାବନ୍ଧର ପୁନଃନିର୍ମାଣ ନେଇ ଲୋକଙ୍କ ଦାବିକୁ ବାସ୍ତବତାର ରୂପ ଦେଇଛନ୍ତି ସଦର ବିଧାୟକ ମାନସ କୁମାର ଦତ୍ତ । ଏହି ପରିପ୍ରେକ୍ଷୀରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଲୁଣାବନ୍ଧର ସୁରକ୍ଷାକରଣ ପ୍ରକଳ୍ପ ପାଇଁ ଶୁଭ ଭିତ୍ତିପ୍ରସ୍ତର ପ୍ରଦାନ କରାଯାଇଛି । ନୂଆଗାଁ ଠାରୁ କଇଁଫୁଲିଆ ପର୍ଯ୍ୟନ୍ତ ଏହି ଲୁଣାବନ୍ଧ ନିର୍ମାଣ ପାଇଁ ବିଧାୟକ ଶ୍ରୀ ଦତ୍ତ ଆନୁଷ୍ଠାନିକ ଭାବେ ଶୁଭ ଦେଇଛନ୍ତି । ରାଜ୍ୟର ଲୋକପ୍ରିୟ ତଥା ଲୋକଙ୍କ ସରକାର ଲୋକଙ୍କ ହିତ ପାଇଁ ସର୍ବଦା ପ୍ରୟାସରତ ଅଛନ୍ତି ବୋଲି ସେ ଏହି ଅବସରରେ ମତ ଦେଇଛନ୍ତି । ରାଜ୍ୟ ସରକାରଙ୍କ ଜଳସମ୍ପଦ ବିଭାଗ ପକ୍ଷରୁ ଏହି ବନ୍ଧ ନିର୍ମାଣ ପାଇଁ ୯କୋଟି ୪୯ଲକ୍ଷ ୫୦ହଜାର ଟଙ୍କା ଖର୍ଚ୍ଚ ଅଟକଳ ହୋଇଥିବା ବେଳେ ୨୦୨୭ ମସିହା ଅପ୍ରେଲ ମାସ ସୁଦ୍ଧା ଏହା ଶେଷ ହେବା ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ସମ୍ପୃକ୍ତ ପ୍ରକଳ୍ପକୁ ନେଇ ସ୍ଥାନୀୟ ଅଂଚଳବାସୀଙ୍କ ଦୀର୍ଘ ଦିନର ଦାବି ଆଜି ପୂରଣ ହୋଇପାରିଛି । ନିର୍ବାଚନ ସମୟର ପ୍ରତିଶୃତି ବାସ୍ତବତାର ରୂପ ନେଇଛି ବୋଲି ବିଧାୟକ ଶ୍ରୀ ଦତ୍ତ ଏହି ଅବସରରେ କହିଛନ୍ତି । ଏହି ପ୍ରକଳ୍ପ ସଂପୂର୍ଣ୍ଣ ହେଲେ ଅଂଚଳବାସୀଙ୍କୁ ପ୍ରାକୃତିକ ବିପର୍ଯ୍ୟୟର ପ୍ରଭାବରୁ ସୁରକ୍ଷା ମିଳିବା ସହିତ ଯାତାୟାତ ବ୍ୟବସ୍ଥା ଓ ସାମଗ୍ରିକ ଉନ୍ନତିରେ ନୂତନ ଦିଗ ଖୋଲିବ । ପଂଚାୟତର ସାମଗ୍ରିକ ବିକାଶ ପାଇଁ ରାଜ୍ୟ ସରକାର ସର୍ବଦା ସଂକଳ୍ପବଦ୍ଧ । ଉତ୍ତମ ଗୁଣବତ୍ତା ଓ ସଠିକ୍ ମାନଦଣ୍ଡରେ ଏହି ବନ୍ଧର ନିର୍ମାଣ କାର୍ଯ୍ୟ ସାରିବାକୁ ବିଧାୟକ ଶ୍ରୀ ଦତ୍ତ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ବାହାବଳପୁର ସରପଂଚ ରାମନାରାୟଣ ଦ୍ୱିବେଦୀ, ୱାର୍ଡ ସଭ୍ୟ ଗଣେଶ ପାଲ, ବିଭାଗୀୟ ଅଧିକାରୀଙ୍କ ସମେତ ଲୋକନାଥ ଭୂୟାଁ, ରଶ୍ମିତା ମଣ୍ଡଳ, ସୁଶୀଳ ମଣ୍ଡଳ, ମାମୁନି ହାତୀ, ଅନୀଲ ପାତ୍ର, ଅଜାମ୍ବିଳ ତୋଳା, ମାନସ ମଣ୍ଡଳ, ଶଶିକାନ୍ତ ବାରିକ, ଲୋକନାଥ ବେରା ଏହି ଶିଳାନ୍ୟାସ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

## ଚଳଚ୍ଚିତ୍ର ଗବେଷକ ସୂର୍ଯ୍ୟ ଦେଓଙ୍କୁ ପିଏଚଡି

ଭୁବନେଶ୍ୱର, ୨୧/୧ (ନି.ପ୍ର): ଓଡ଼ିଆ ଚଳଚ୍ଚିତ୍ର ଗୀତ ସମ୍ବନ୍ଧିତ ଉଚ୍ଚତର ଗବେଷଣା ନିମନ୍ତେ ବିଶିଷ୍ଟ ସିନେ ସାମ୍ବାଦିକ ସୂର୍ଯ୍ୟ ଦେଓ ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ କଳା ବିଭୂଷଣ ବା ପିଏଚ୍‌ଡ଼ି ଉପାଧି ପ୍ରାପ୍ତ ହୋଇଛନ୍ତି। ପ୍ରଫେସର୍ ବସନ୍ତ କୁମାର ପଣ୍ଡାଙ୍କ ଦିଗଦର୍ଶନରେ ପ୍ରସ୍ତୁତ ସୂର୍ଯ୍ୟ ଦେଓଙ୍କ ଗବେଷଣାତ୍ମକ ନିବନ୍ଧ 'ଓଡ଼ିଆ ଚଳଚ୍ଚିତ୍ର ଗୀତ: ବିକାଶ ଓ ବିବର୍ତ୍ତନ: ୧୯୩୬ରୁ ୧୯୮୬' ଶାନ୍ତିନିକେତନ ଓଡ଼ିଆ ବିଭାଗର ପ୍ରାକ୍ତନ ମୁଖ୍ୟ ପ୍ରଫେସର ବୈଷ୍ଣବ ଚରଣ ସାମଲ ଓ ରେଭେନସା ମହାବିଦ୍ୟାଳୟ ଓଡ଼ିଆ ବିଭାଗର ପ୍ରାକ୍ତନ ମୁଖ୍ୟ ପ୍ରଫେସର୍ ବାଉରୀବନ୍ଧୁ ସାହୁଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଛି ।

## ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତି: ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରତିଯୋଗିତା



ଉଦଳା , ୨୧/୧ (ନି.ପ୍ର): ରାଷ୍ଟ୍ରୀୟ ସଂଗୀତ ବନ୍ଦେ ମାତରମ୍ ର ୧୫୦ବର୍ଷ ପୂର୍ତ୍ତି ଅବସରରେ ଉଦଳା ବିଜ୍ଞାପିତ ଅଂଚଳ ପରିଷଦ ତରଫରୁ ଚଳିତ ଜାନୁଆରି ୨୦ ତାରିଖ ମଙ୍ଗଳବାର ଦିନ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରୀ ଛାତ୍ରୀ ମାନଙ୍କ ମଧ୍ୟରେ ବକ୍ତୃତା, ପ୍ରବନ୍ଧ ଓ ଚିତ୍ରାଙ୍କନର ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଯାଇଛି । ବକ୍ତୃତାର ବିଷୟବସ୍ତୁ ଭାବରେ 'ସ୍ୱଦେଶୀ ଦ୍ରବ୍ୟର ବ୍ୟବହାର ରାଷ୍ଟ୍ର ଗଠନ ପାଇଁ କେତେ ଗ୍ରହଣୀୟ' ଓ '୨୦୪୭ରେ ବିକଶିତ ଭାରତ' ରଖାଯାଇଥିବା ବେଳେ ପ୍ରବନ୍ଧ ଲିଖନରେ 'ଭାରତକୁ ବିଶ୍ୱ ସ୍ତରରେ ପ୍ରତିଷ୍ଠିତ କରିବାରେ ସ୍ୱାମୀ ବିବେକାନନ୍ଦଙ୍କ ଭୂମିକା ' ଓ 'ରାଷ୍ଟ୍ର ଗଠନରେ ଯୁବ ପୀଢ଼ିର ଭୂମିକା' ରଖାଯାଇଥିଲା ସେହିପରି 'ମୋ ସ୍ୱପ୍ନର ଭାରତ' ଚିତ୍ରାଙ୍କନର ବିଷୟବସ୍ତୁ ଥିଲା । ପୁରସ୍କାର ବିତରଣ ଉତ୍ସବରେ ନଗରପାଳ ପ୍ରମିଳା ପଣ୍ଡା ଅଧକ୍ଷତା କରି ଦେଶକୁ ସ୍ୱାଧିନ କରିବାରେ 'ବନ୍ଦେ ମାତରମ୍'ର ସ୍ଲୋଗାନ କିଭଳି ଏକ ଭିନ୍ନ ସ୍ୱାଦର ଉତ୍ସାହ ଖେଳାଇ ଦେଇଥିଲା ଏହାର ବିସ୍ତୃତ ଇତିହାସ ବର୍ଣ୍ଣନା କରିଥିଲେ । ସ୍ଥାନୀୟ ବିଧାୟକ ଭାସ୍କର ମଢ଼େଇ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍ ?ଘାଟନ କରିବା ସହ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ । ଉଦଳାରେ କାର୍ଯ୍ୟରତ ସହକାରୀ ଜିଲ୍ଲାପାଳ ପ୍ରତିକ ପଣ୍ଡା ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇ ଆଜକୁ ୧୫୦ ବର୍ଷ ପୂର୍ବେ ବଙ୍କିମ ଚନ୍ଦ୍ର ଚଟୋପାଧ୍ୟାୟଙ୍କ ଲିଖିତ ଆନନ୍ଦ ମଠ ଉପନ୍ୟାସରେ ଥିବା ବନ୍ଦେ ମାତରମ୍ ସଂପର୍କରେ ବିସ୍ତୃତ ବର୍ଣ୍ଣନା କରିଥିଲେ । ନିର୍ବାହୀ ଅଧିକାରୀ ପ୍ରିୟରଂଜନ ଜେନା ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଉପନଗରପାଳ ଲିଲିଭୋଳ କାର୍ଯ୍ୟକ୍ରମର ଶେଷ ସ୍ପର୍ଶ ଦେଇଥିଲେ । କାଉନସିଲର ଶରତ ଚନ୍ଦ୍ର ଦାସ ବନ୍ଦେ ମାରତମ୍ ର ୧୫୦ବର୍ଷ ପୂର୍ତ୍ତି ଅବସରରେ ବର୍ଷ ତମାମ କିଭଳି ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହେଉଛି ସୂଚନା ପ୍ରଦାନ କରିଥିଲେ । ସମସ୍ତ କାଉନସିଲର ଓ କର୍ମଚାରୀ ବୃନ୍ଦ ଆଜିର ଏହି ଉତ୍ସବକୁ ସଫଳ କରିବାରେ ସହଯୋଗ କରିଥିଲେ ।

❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Editor: Sairindhree Sahoo
❐ Managing & Executive Editor : Srustidhar Parida